

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୭ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 April 2026
Vol.No. 36 ■ No.110 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବପକ୍ଷ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଟ୍ରମ୍ପଙ୍କ ପାର୍ଟିରେ ତାଣ୍ଡବ: ଡିନର ଟେବୁଲ ପାଖରେ ଫୁଟିଲା ବୁଲେଟ୍



ନୂଆଦିଲ୍ଲୀ,୨୬/୪ : ସମୟ ରାତି ସାଢେ ୮ଟା । ସବୁ ବର୍ଷ ପରି ଏଥର ବି ଆମେରିକାର ହିଲଟନ ହୋଟେଲରେ ଚାଲିଥିଲା ହ୍ୱାଇଟ ହାଉସ କରେସ୍ପଣ୍ଡେଣ୍ଟ ଡିନର ପାର୍ଟି । ଉପସ୍ଥିତ ଥିଲେ ବିଶ୍ୱର କ୍ଷମତାଶାଳୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସାଙ୍ଗରେ ଥିଲେ ପତ୍ନୀ ମିଲେନିଆ, ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଅଢେଇ ହଜାରରୁ ଅଧିକ ସାମ୍ବାଦିକ । ହ୍ୱାଇଟ ହାଉସର ବରିଷ୍ଠ ଅଧିକାରୀ ବି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସମସ୍ତେ ଡିନର ପାର୍ଟିର ମଜା ଉଠାଉଥିଲେ । ଅପେକ୍ଷା କରିଥିଲେ ରାଷ୍ଟ୍ରପତିଙ୍କ ସମ୍ବୋଧନକୁ । ତାପୂର୍ବରୁ ହୋଟେଲ ଭିତରେ ଗୁଳି ଶବ୍ଦ ସମସ୍ତଙ୍କୁ ଚକିତ କରିଛି । କେହି କିଛି ବୁଝିବା ଆଗରୁ ଅତିଥି ମାନେ ଏଣେ ତେଣେ ଦୌଡିବା ସହ ଖାଇବା ଟେବୁଲ ତଳେ ଲୋକେ ଲୁଚିଥିଲେ । ଟ୍ରମ୍ପ ଏବଂ ମିଲେନିଆଙ୍କୁ ଘେରିଯାଇଥିଲେ ସୁରକ୍ଷା କର୍ମୀ । ଏହି ସମୟରେ ଟ୍ରମ୍ପ ତଳେ ମଧ ପଡିଯାଇଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ରେଟ ସର୍ଭିସ ଏଜେଣ୍ଟ, ଏଫବିଆଇ ଓ ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ଡୋନାଲ୍ଡ ଟ୍ରମ୍ପ ଓ ମିଲେନିଆଙ୍କୁ ଉଦ୍ଧାର କରି ଜେଡି ଭାନ୍ସଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଥିଲେ ସିକ୍ରେଟ ସର୍ଭିସ ଅଧିକାରୀ । ଏପଟେ କିଛି ସମୟର କସରତ ପରେ ଅଭିଯୁକ୍ତ ଧରାପଡିଥିଲା । ପୋଲିସ ତାକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ପ୍ରତିକ୍ରିୟା ରଖିଥିଲେ ଟ୍ରମ୍ପ । ଏଭଳି ଘଟଣା ତାଙ୍କ ଆତ୍ମବିଶ୍ୱାସକୁ କମାଇ ପାରିବନି କହିଥିଲେ । ଗୁଳିକାଣ୍ଡ ଘଟଣାକୁ ସାରା ବିଶ୍ୱରେ ଚର୍ଚ୍ଚା । ଗୁଳିକାଣ୍ଡ କରିଥିବା ଯୁବକ କିଏ ? ଗୁଳିମାଡ଼ କରିଥିବା ଯୁବକ ହେଉଛନ୍ତି ୩୧ ବର୍ଷୀୟ କୋଲ୍ ଥୋମାସ୍ ଆଲେନ୍। ସେ କାଲିଫର୍ଣ୍ଣିଆର ବାସିନ୍ଦା । ଟ୍ରମ୍ପଙ୍କ ଡିନର ପାର୍ଟି ଭିତରେ ପଶି ୫ରୁ ୮ ରାଉଣ୍ଡ ଗୁଳି କରିଥିଲେ । ଥୋମାସ୍ ଆଲେନ୍ ଜଣେ ମେକାନିକାଲ୍ ଇଞ୍ଜିନିୟର । କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ କରିଛନ୍ତି । ନାସାରେ ମଧ କିଛି ବର୍ଷ କାମ କରିଥିଲେ । ବଲ୍‌ରୁମ୍‌ରେ ଥିବା ଟ୍ରମ୍ପଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଆଲେନଙ୍କୁ ଏକ ସୁରକ୍ଷା ଚେକପଏଣ୍ଟରେ ଅଟକା ଯାଇଥିଲା। ଏହି ସମୟରେ ଆଲେନ ଗୁଳି ଚଳାଇଥିଲେ । ଟ୍ରମ୍ପଙ୍କ ଉପରେ ଏଭଳି ଆକ୍ରମଣ ଯୋଜନା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣା ପଛରେ ପ୍ରକୃତ ଘଟଣା ଏଯାଏଁ ଜଣାପଡିନି। ଏହି ଗୁଳିକାଣ୍ଡକୁ ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି କହିଛନ୍ତି ।

## ଆମେରିକା ହ୍ୟୁଷ୍ଟନରେ ‘ଆର୍ଟ କାର ପରେଡ’ରେ ଜଗନ୍ନାଥଙ୍କୁ ଅସମ୍ମାନ: ମିନି ଟ୍ରକରେ ବୁଲାଇଲେ ସହର




ନୂଆଦିଲ୍ଲୀ,୨୬/୪ : କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ନିନ୍ଦା ସତ୍ତ୍ୱେ ବେପରୁଆ କିଛି ଲୋକ । ବାରମ୍ବାର ତାଗିଦ ପରେ ବି ମାନୁନାହାନ୍ତି ପରମ୍ପରା । ଓଡ଼ିଆଙ୍କ ଭାବାବେଗ ଓ ଜଗନ୍ନାଥ ସଂସ୍କୃତି ସହ ଖେଳୁଛନ୍ତି । କୃଷ୍ଣ ଧର୍ମ ପ୍ରଚାର ନାଁରେ ମନଇଚ୍ଛା, ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଦେଶରେ ରଥାଯାତ୍ରା ପାଳନ କରିଛନ୍ତି । ଆମେରିକାର ହ୍ୟୁଷ୍ଟନ ସହରରେ ଆର୍ଟ କାର ପରେଡ୍ ନାଁରେ ମହାପ୍ରଭୁଙ୍କୁ ଟ୍ରକରେ ବସାଇ ବୁଲାଇଛନ୍ତି । ଯାହାକୁ ନେଇ ଓଡ଼ିଶାରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ପ୍ରସ୍ତୁତି ଚାଲିଛି । ପରମ୍ପରା ଅନୁସାରେ ରଥ ନିର୍ମାଣ କାମ ହେଉଛି । ଶ୍ରୀଗୁଣ୍ଡିଚାରେ ଗଡ଼ିବ ରଥ । କିନ୍ତୁ ଆମେରିକା ହ୍ୟୁଷ୍ଟନ ସହରରୁ ଆସିଛି ବିଚଳିତ କଲାଭଳି ଦୃଶ୍ୟ । ‘ଆର୍ଟ କାର ପରେଡ ନାଁ’ରେ ଅଦିନରେ କରାଯାଇଛି ଏମିତି ରଥଯାତ୍ରା । ମହାପ୍ରଭୁଙ୍କୁ ମିନି ଟ୍ରକରେ ବସାଇ ସହରରେ ବୁଲାଯାଇଛି । ଟ୍ରକ୍ ସହ ଯୋଡ଼ା ଯାଇଛି ଏକ ସାଉଣ୍ଡ ଗାଡି। ଶେଷରେ ଏକ ଛୋଟ ରଥରେ ତିନି ଠାକୁର ବସିଛନ୍ତି । ଯାହାକୁ ଏକ ଟ୍ରକ୍ ଟାଣି ଟାଣି ନେଉଥିବା ଦେଖାଯାଉଛି। ଗତ ୧୧ତାରିଖରେ ଏହି ରଥଯାତ୍ରା ଆୟୋଜନ କରାଯାଇଥିବା କୁହାଯାଉଛି । ମହାପ୍ରଭୁଙ୍କୁ ଏମିତି ଅସମ୍ମାନକୁ ନିନ୍ଦା କରିଛନ୍ତି ଶ୍ରଦ୍ଧାଳୁ ଓ ସେବାୟତ । କିଛି ଦିନ ପୂର୍ବରୁ ଆମେରିକାର ଟେକ୍ସାସ ଓ ଅଷ୍ଟ୍ରେଲିଆର ବ୍ରିସ୍‌ବେନରେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା କରାଯାଇଥିଲା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଗିଦ ପରେ ବି ଇସ୍କନ କର୍ତ୍ତୃପକ୍ଷ ଭ୍ରୁକ୍ଷେପ କରିନଥିଲେ । ଅମାନିଆ ଭାବେ ଜଗନ୍ନାଥ ପରମ୍ପରା ବିରୋଧରେ ଯାଇ ରଥଯାତ୍ରା କରିଥିଲେ । ଏହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

◆◆ପୃଷ୍ଠା ୭

## ପ୍ରଚଣ୍ଡ ତାତିରୁ ମିଳିପାରେ ସାମାନ୍ୟ ଆଶ୍ୱସ୍ତି: ଦୁଇ ଦିନ ପରେ ରାଜ୍ୟରେ କାଳବୈଶାଖୀ



ଭୁବନେଶ୍ୱର, ୨୬/୪ (ନି.ପ୍ର): ପ୍ରଚଣ୍ଡ ତାତିରୁ ଆଶ୍ୱସ୍ତି ଦେବ କାଳବୈଶାଖୀ। ଆଉ ୨ ଦିନ ପରେ ରାଜ୍ୟରେ କାଳବୈଶାଖୀ ସମ୍ଭାବନା ରହିଛି। ୨୮ରୁ ଆସନ୍ତା ୨ ତାରିଖ ଯାଏଁ କାଳବୈଶାଖୀ ବର୍ଷା ହୋଇପାରେ। ଫଳରେ ତାତିରୁ ମିଳିପାରେ ସାମାନ୍ୟ ଆଶ୍ୱସ୍ତି। ଟ୍ରପ୍ ଲାଇନ୍ ପ୍ରଭାବରେ କିଛି ସ୍ଥାନରେ ବର୍ଷା ହୋଇପାରେ। ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ସହ ୩୦ରୁ ୪୦ କିମି ବେଗରେ ବହିପାରେ ପବନ। ବର୍ଷା ସମୟରେ ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳରେ ୪୫ ରୁ ୫୫

◆◆ପୃଷ୍ଠା ୭

## କେମିତି ହୋଇଥିଲା ସୁଧୀର ପାତ୍ରଙ୍କ ହତ୍ୟା: ଡେମୋ ଦେଖାଇଲେ ହତ୍ୟାକାରୀ



ଭୁବନେଶ୍ୱର, ୨୬/୪ (ନି.ପ୍ର): ବ୍ରହ୍ମପୁରର ବହୁଚର୍ଚ୍ଚିତ ବ୍ୟବସାୟୀ ସୁଧୀର ପାତ୍ରଙ୍କ ହତ୍ୟା ମାମଲାରେ ପ୍ରତିଦିନ ସାମ୍ନାକୁ ଆସୁଛି ନୂଆ ନୂଆ ତଥ୍ୟ। ଝିଆରୀ ନିବେଦିତା ଯାହା ଷଡ଼ଯନ୍ତ୍ର ରଚିଥିଲା, ଅଭିଯୁକ୍ତ ବୟଫ୍ରେଣ୍ଡ୍ ସେସବୁକୁ ଦେଖାଇଲା। କେମିତି ଆଖି ପିଛୁଳାକେ ସୁଧୀରଙ୍କୁ ବନ୍ଦି କରି ନେଇଥିଲେ କାଲୁ ସମେତ ଅନ୍ୟ ଅଭିଯୁକ୍ତ। ପୋଲିସ୍ କଷ୍ଟୋଡିରେ ଥିବା ନିବେଦିତାଙ୍କ ଖୁନୀ ବୟଫ୍ରେଣ୍ଡ କାଲୁ ଆଜି ଗୋଟି ଗୋଟି କରି ସବୁ କିଛି ଦେଖାଇଛି। ପୋଲିସ୍ ଆଗରେ ମାନିଛି କେମିତି ସେଦିନ ସୁଧୀରଙ୍କୁ କରାଯାଇଥିଲା ଅପହରଣ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉପକଣ୍ଠ ଭାବିନାରାୟଣପୁରର ପଡ଼ିଆରେ ଗତ ୧୫ ତାରିଖ ଦିନ ଭଲିବଲ୍ ଖେଳିବାକୁ ଯାଇଥିଲେ ସୁଧୀର ପାତ୍ର। ସେଦିନ ବାଇକରେ ଯିବା ବେଳର ସିସିଟିଭି ଫୁଟେଜ ସାମନାକୁ ଆସିଛି। ଏହା ହିଁ ଥିଲା ସୁଧୀରଙ୍କ ଶେଷ ଡ୍ରାଇଭ। ତାର ପ୍ରାୟ ୨ ଘଣ୍ଟା ପରେ ତାଙ୍କୁ ଅପହରଣ କରାଯାଇଥିଲା। ଏହି ସ୍ପଟ୍ ହିଁ ଥିଲା ମୁଖ୍ୟ କ୍ରାଇମ୍ ସିନ୍। ପୂର୍ବରୁ ଯୋଜନା ଅନୁସାରେ, ବଲେରୋ ଆସି ଛିଡ଼ା ହୋଇଥିଲା ସୁଧୀରଙ୍କ ପାଖରେ। ହଠାତ୍ କାର୍ ଗେଟ୍ ଖୋଲିଲା, ତଳେ ପଡୁ ପଡୁ ସୁଧୀରଙ୍କୁ ମାଡ଼ ମାରି ଉଠାଇ ନେଇଥିଲେ ଅଭିଯୁକ୍ତ।

◆◆ପୃଷ୍ଠା ୭

## ୨୦ କିଲୋରୁ ଅଧିକ ଗଞ୍ଜେଇ ଜବତ: ୩ ଗିରଫ

ଝାରସୁଗୁଡ଼ା, ୨୬/୪ (ନି.ପ୍ର): ଝାରସୁଗୁଡ଼ା ପୋଲିସ ଏକ ଆନ୍ତଃଜିଲ୍ଲା ଗଞ୍ଜେଇ ଚୋରା ଚାଲାଣ ଚକ୍ରକୁ ଧ୍ୱଂସ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସଦର ଥାନା ପୋଲିସର ଏକ ବିଶେଷ ଟିମ୍ ଚଢ଼ାଉ କରି ଏହି ସଫଳତା ଲାଭ କରିଥିଲା। ଚଢ଼ାଉ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ୨୦ କିଲୋ ୪୨୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୨ଟି ବାଇକ, ୩ଟି ମୋବାଇଲ ଫୋନ୍ ଏବଂ ନଗଦ ୩୨୫୦ ଟଙ୍କା ମଧ ଜବତ ହୋଇଛି। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ସାକ୍ଷୀଙ୍କ ଉପସ୍ଥିତିରେ ଏନଡ଼ିପିଏସ ଆଇନ ଅନୁଯାୟୀ ସମସ୍ତ ନିଷିଦ୍ଧ ସାମଗ୍ରୀକୁ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ସମ୍ବଲପୁର ଜିଲ୍ଲାର ଦିବ୍ୟ ଶଙ୍କର ନାଏକ (୫୫), ସନତ ନାଏକ (୨୪) ଏବଂ ସମୀର ପ୍ରଧାନ (୧୯) ବୋଲି ପରିଚୟ ମିଳିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ବାହାର ଜିଲ୍ଲାରୁ ଗଞ୍ଜେଇ ଆଣି ଝାରସୁଗୁଡ଼ା ଅଂଚଳରେ ବିକ୍ରି କରୁଥିଲେ ଏବଂ ବିଶେଷକରି ଯୁବପିଢ଼ିଙ୍କୁ ଲକ୍ଷ୍ୟ କରୁଥିଲେ। ରବିବାର ସେମାନଙ୍କୁ କୋର୍ଟରେ ପ୍ରସ୍ତୁତ କରାଯାଇଛି।

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମନ୍ କୀ ବାତ ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬/୪ (ନି.ପ୍ର): ଆଜି ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାମାନଙ୍କ ଗହଣରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ମନ୍ କି ବାତ୍' ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାରେ ସବୁଜ ଶକ୍ତିର ସଂକଳ୍ପ, ଭାରତୀୟ ଜ୍ଞାନ ପରମ୍ପରାର ପ୍ରତୀକ 'ବୁଦ୍ଧ ଦର୍ଶନ'ର ମହତ୍ତ୍ୱ ଏବଂ ଡିଜିଟାଇଜେସନ୍ ମାଧ୍ୟମରେ ସାଧାରଣ ଜୀବନରେ ଆସୁଥିବା ବୈପ୍ଳବିକ ପରିବର୍ତ୍ତନର ଚିତ୍ର ଏକ 'ବିକଶିତ ଭାରତ' ପାଇଁ ଆମକୁ ନୂତନ ଉର୍ଜା ପ୍ରଦାନ କରିଛି। ମନ୍ କି ବାତ୍ ରେ ସ୍ଥାନୀୟ ପ୍ରତିଭା ଓ ଜନଭାଗିଦାରୀର ସଫଳ କାହାଣୀ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି।

## ପଶ୍ଚିମବଙ୍ଗରେ ମମତାଙ୍କୁ ମୋଦୀଙ୍କ ତୀବ୍ର କଟାକ୍ଷ



ନୂଆଦିଲ୍ଲୀ,୨୬/୪ : ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବିଜେପି ପାଇଁ ହାଇଭୋଲଟେଜ୍ ପ୍ରଚାର କରିଛନ୍ତି। ମୋଦୀ ଉତ୍ତର ୨୪ ପରଗଣା ଓ ହୁଗଲି ଜିଲ୍ଲାରେ ଦୁଇଟି ବିଶାଳ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ବିଜେପି ପାଇଁ ଭୋଟ ମାଗିଛନ୍ତି । କୋଲକାତାରେ ଏକ ରୋଡସୋ’ କରିଥିଲେ। ମୋଦୀ ନିର୍ବାଚନୀ ଜନସଭାକୁ ସମ୍ବୋଧିତ କରି ଶାସକ ଦଳ ତୃଣମୂଳ କଂଗ୍ରେସ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତୀବ୍ର ଆକ୍ରମଣ କରିଛନ୍ତି। ମୋଦୀ ଉତ୍ତର ୨୪ ପରଗଣା ଜିଲ୍ଲାର ବନଗାଓଁରେ ବିଜେପିର ବିଜୟ ସଙ୍କଳ୍ପ ରାଲିକୁ ସମ୍ବୋଧିତ କରିଥିଲେ। ମାଟୁଆ ସମ୍ପ୍ରଦାୟ ଗଡ଼ କୁହାଯାଉଥିବା ଠାକୁରନଗରରେ ପହଞ୍ଚି ମାଟୁଆ ଠାକୁର ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମୋଦୀ କହିଥିଲେ, ମା, ମାଟି ଓ ମାନୁଷ୍ (ମଣିଷ) ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ତୃଣମୂଳ କଂଗ୍ରେସ ପଶ୍ଚିମବଙ୍ଗ ଲୋକଙ୍କ ପ୍ରତି ବିଶ୍ୱାସଘାତ କରୁଛି। ଟିଏମ୍‌ସି ବର୍ବରତାରେ ଆଜି ମା’ କାନ୍ଦୁଥିବାବେଳେ, ମାଟି ଦଳୀୟ ସିଣ୍ଡିକେଟ୍ ଓ ଅନୁପ୍ରବେଶକାରୀଙ୍କୁ ହସ୍ତାନ୍ତର କରିସାରିଲେଣି, ଅତିଷ୍ଠ ହୋଇ ଲୋକ ପଳାୟନ କରୁଛନ୍ତି। ପଶ୍ଚିମବଙ୍ଗରେ ଜଙ୍ଗଲରାଜ୍ ଚାଲିଥିବା ମୋଦୀ କହିଛନ୍ତି।

◆◆ପୃଷ୍ଠା ୭

## ଆନ୍ଧ୍ରରେ ପେଟ୍ରୋଲ-ଡିଜେଲ ସଙ୍କଟ : ୪୨୧ ପେଟ୍ରୋଲ ପମ୍ପରେ ତାଲା




ନୂଆଦିଲ୍ଲୀ,୨୬/୪ : ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ପେଟ୍ରୋଲ ଓ ଡିଜେଲ ଅଭାବକୁ ନେଇ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହାର ସମାଧାନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ବିଳମ୍ବିତ ରାତିରେ ମୁମ୍ବାଇରୁ ଫେରିବା ସମୟରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ସାଇ ପ୍ରସାଦ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏକ ଟେଲି-କନଫରେନ୍ସ

◆◆ପୃଷ୍ଠା ୭

## ରଥଖଳାରେ ଚାଲିଛି ମହାପ୍ରଭୁଙ୍କ ରଥ ନିର୍ମାଣ: ଆରମ୍ଭ ହେଲା ତୁମ୍ବରେ ବିନ୍ଧ ଅନୁକୂଳ

ପୁରୀ, ୨୬/୪ (ନି.ପ୍ର): ଆରମ୍ଭ ହେଲା ତୁମ୍ବରେ ବିନ୍ଧ ଅନୁକୂଳ ନୀତି। ଶ୍ରୀମନ୍ଦିରରୁ ମହାପ୍ରସାଦ ଓ ନାରିକେଳ ଆସିବା ପରେ ପୂଜାର୍ଚ୍ଚନା କରାଯାଇ ରଥଖଳାରେ ଆରମ୍ଭ ହୋଇଛି ବିନ୍ଧ ଅନୁକୂଳ। ସେପଟେ ନୃସିଂହ ଚତୁର୍ଦ୍ଦଶୀ ଦିନ ସିଙ୍ଗଡ଼ା ବାଡ଼ିଆ ସହ ଗୁଜ ଅନୁକୂଳ ହେବାର ବିଧି ରହିଛି। ପବିତ୍ର ଅକ୍ଷୟ ତୃତୀୟା ଠାରୁ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟରେ ଏବେ ତିନି ରଥର ୪୨ଟି ତୁମ୍ବ କାମ ଚାଲିଛି। ଗତକାଲି ସୂତାବାଡ଼ିଆ ଅନୁକୂଳ ହୋଇଥିବା ବେଳେ ଆଜି ବିନ୍ଧ ଅନୁକୂଳ ହୋଇଛି। ତିନି ରଥ ପାଇଁ ୪୨ଟି ତୁମ୍ବ ନିର୍ମାଣ କରାଯିବା ପରେ ଏବେ ପ୍ରତ୍ୟେକ ତୁମ୍ବରେ ୩୨ଟି ବିନ୍ଧ ଖୋଳାଯିବା ସହ ସମୁଦାୟ ୪୨ଟି ତୁମ୍ବରେ ୧୩୪୪ଟି ବିନ୍ଧ କରାଯିବ। ଏହାପରେ ଅର, ପହି ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବ। ଆଜି ପ୍ରଥମେ ତାଳଧ୍ୱଜ ତାପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥର ବିନ୍ଧ ଅନୁକୂଳ କରାଯାଇଥିଲା। ତେବେ ଆସନ୍ତା ନୃସିଂହ ଜନ୍ମ ଅବସରରେ ବିଧିମୁତାବକ ତିନି ରଥର ଗୁଜ କାମ ଆରମ୍ଭ କରାଯିବ। ପରମ୍ପରା ମୁତାବକ ଏହି ତିଥିରେ ରଥର କୋଣ ଗୁଜ ନିର୍ମାଣର ବିଧି ରହିଛି। ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥର ନିର୍ମାଣ ପାଇଁ ଅନୁକୂଳ ସମୟରେ ନୃସିଂହ ମନ୍ତ୍ରରେ ସିଦ୍ଧ କରାଯିବା ପରେ ୩ଟି ଧଉରା କାଠ ଗଣ୍ଡିରେ ଗୁଜ ଅନୁକୂଳ କରାଯିବ। ବିଶେଷ କରି ଏହି ତିଥିରେ ଭୋଇ ସେବାୟତମାନେ ଯନ୍ତାଗାଡ଼ ଖୋଳିବା ପରମ୍ପରା ରହିଛି। ସେପଟେ ରଥଖଳାରେ ନିର୍ମାଣ କାର୍ଯ୍ୟ ବଢ଼ିଥିବାରୁ ରଥ ନିର୍ମାଣକାରୀଙ୍କ ସଂଖ୍ୟା ମଧ ବଢ଼ିଛି। ଅନ୍ୟପଟେ ତୁମ୍ବ ନିର୍ମାଣ ପରେ ଅର, ପଇ, ଅଖ ତିଆରି ହୋଇ ଭଉଁରୀ ଦିନ ତିନି ରଥର ଗୋଟିଏ ଲେଖାଏଁ ଅଖ ଡେରାଯିବାର ପରମ୍ପରା ରହିଛି।

# ଅନାଥ ଶିଶୁଙ୍କ ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ: ମିଶନ ବାତ୍ସଲ୍ୟ ଯୋଜନା ହୋଇଛି ବାଟବଣା

ବଲାଙ୍ଗିର, ୨୬/୦୪ (ନି.ପ୍ର): ଅନାଥ ଶିଶୁଙ୍କ ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ। ମିଶନ ବାତ୍ସଲ୍ୟ ଯୋଜନା ହୋଇଛି ବାଟବଣା। ପୃଷ୍ଠପୋଷକତା ସହାୟତା ରାଶି କାହା ପାଇଁ। ଯୋଜନାରୁ ବଂଚିତ ହେଉଛନ୍ତି ଅନାଥ ଶିଶୁ, ପାଉନାହାନ୍ତି ସହାୟତା ରାଶି। ଫେଲ୍ ମାରିଛି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ। ଶିଶୁଙ୍କ ପାଇଁ ମିଶନ ବାତ୍ସଲ୍ୟ ଯୋଜନା ପାଲିଟିଛି ଅଭିଶାପ, ଯୋଜନା ହେଉଛି ବାଟବଣା। ବଲାଙ୍ଗୀର ଜିଲ୍ଲାରେ ଶିଶୁଙ୍କ ପାଇଁ ମିଶନ ବାତ୍ସଲ୍ୟ ଯୋଜନା ପାଲିଟିଛି ଅଭିଶାପ, ବର୍ଷ ବର୍ଷ ଧରି ଆବେଦନ କଲେ ମଧ୍ୟ ସୁଫଳ ମିଳୁନାହିଁ। ମିଶନ ବାତ୍ସଲ୍ୟ ଯୋଜନା ୨୦୨୨ ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମସ୍ତ ରାଜ୍ୟ ଓ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି, କୋଭିଡ ସମୟରେ ପଶାବାହାଲ ଗ୍ରାମର ରାମପ୍ରସାଦ ବଗର୍ତିଙ୍କ ମୃତ୍ୟୁ ୧୦/୧୨/୨୦୨୧ ରେ ହୋଇଥିଲା। ଘରର ମୁରବୀଙ୍କ ଦେହାନ୍ତ ପରେ ୩ଟି ଶିଶୁଙ୍କୁ ଧରି ବହୁତ କଷ୍ଟରେ ସୁଷମା ବଗର୍ତି ପରିବାରର ବୋଝକୁ ସମ୍ଭାଳୁଛନ୍ତି ଓ ବଡ଼ଝିଅ ଝିଲି ବଗର୍ତି, ଦ୍ୱାଦଶରେ ବିଲାଇସର୍ଡା କଲେଜ ରେ ପାଠ ପଢୁଛି, ଦ୍ୱିତୀୟ ପୁଅ ଶଙ୍କର ବଗର୍ତି ଦଶମ ଶ୍ରେଣୀରେ ପାଠ ପଢୁଛି, ତୃତୀୟ ଝିଅ ମିଳି ବଗର୍ତି ୬ଷ୍ଠ ଶ୍ରେଣୀରେ ପାଠ ପଢୁଛି। ସୁଷମା ବିଧବା ଭତା, ଚାଉଳ ୨୦ କେଜି ପ୍ରତିମାସରେ ପାଉଛନ୍ତି ଓ ସରକାରୀ ସ୍କୁଲରେ ପାଚିକା ଭାବରେ କାମ କରି ୩ ଟି ଶିଶୁଙ୍କୁ ପାଠ ପଢାଉଛନ୍ତି।ରାଜ୍ୟ ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଶିଶୁ ମାନଙ୍କ ନିମନ୍ତେ କୌଣସି ସହାୟତା ମିଳିପାରି ନାହିଁ। ୩ଟି ଶିଶୁଙ୍କ ପାଠ ପଢ଼ିବା ପାଇଁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ରାଶି ପ୍ରଦାନ କଲେ ପାଠ ପଢ଼ିବା ପାଇଁ ସୁବିଧା ହେବ ବୋଲି ସୁଷମା କହିଛନ୍ତି। ତେଣୁ ଏହି ୩ଟି ଶିଶୁଙ୍କ ପାଠ ପଢ଼ା ପାଇଁ ସରକାରୀ ସହାୟତା ରାଶି ପ୍ରଦାନ କଲେ ଉପକୃତ ହେବି ବୋଲି କହିଛନ୍ତି। ଅନାଥ ଶିଶୁଙ୍କ ପାଇଁ ଆଶୀର୍ବାଦ ଯୋଜନା ପାଲଟିଛି ଅଭିଶାପ, ମିଶନ ବାତ୍ସଲ୍ୟ ଯୋଜନା ମାରିଛି ଫେଲ୍, କାର୍ଯ୍ୟକାରୀ ହେଉନାହିଁ ଶିଶୁ ସୁରକ୍ଷା ଯୋଜନା, ଜିଲ୍ଲାରେ ଅନାଥ ଶିଶୁଙ୍କ ପାଇଁ ଆଶୀର୍ବାଦ ଯୋଜନା ପାଲଟିଛି ଅଭିଶାପ, ମିଶନ ବାତ୍ସଲ୍ୟ ଯୋଜନା ମାରିଛି ଫେଲ୍, କାର୍ଯ୍ୟକାରୀ ହେଉନାହିଁ ଶିଶୁ ସୁରକ୍ଷା ଯୋଜନା। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ବଲାଙ୍ଗୀର ସଦର ମହକୁମାର ଆନନ୍ଦ ନଗର ସ୍ଥିତ ମିନତି ମେହେର। ସ୍ୱାମୀ ସୁରେଶ ମେହେର କୋଭିଡ୍ ସମୟରେ ବିଗତ ତା ୨୩/୪/୨୦୨୧ ସମୟରେ ମୃତ୍ୟୁ ମୁଖରେ ପଡ଼ିଥିଲେ। ଘରର ମୁରବୀ ଥିଲେ, ଅଟୋ ଚଳାଇ ଜୀବନ ଜୀବିକା ପ୍ରତିପୋଷଣ କରୁଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ମିନତି ୨ ଟି ଶିଶୁର ବୋଝ ସମ୍ଭାଳିବା ସହ ଶିଶୁ ମାନଙ୍କର ଖାଦ୍ୟ, ବସ୍ତ୍ର ଓ ଶିକ୍ଷା ପାଇଁ ଆବଶ୍ୟକ ଖର୍ଚ୍ଚ ତୁଲାଇବା କଷ୍ଟକର ବ୍ୟାପାର ହେଉଛି। ବୃଦ୍ଧା ଶ୍ୱଶୁର ୬୦ ବର୍ଷ ବୟସରେ ଅଟୋ ଚଳାଇ ଘରର ଖର୍ଚ୍ଚ ତୁଲାଉଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ମିଶନ ବାତ୍ସଲ୍ୟ ଯୋଜନା କାର୍ଯ୍ୟକାରୀ ହେଉ ନାହିଁ, କୌଣସି ସୁଫଳ ମିଳୁନାହିଁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ବାରମ୍ବାର ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କେବଳ କାଗଜ ମାଗି ରଖୁଛନ୍ତି କିନ୍ତୁ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ କରୁନାହାନ୍ତି। ଜିଲ୍ଲା ସଦର ମହକୁମାରେ ଯଦି ଏଭଳି ହେଉଛି, ମିଶନ ବାତ୍ସଲ୍ୟ ଯୋଜନା କାର୍ଯ୍ୟକାରୀ କେମିତି ହେଉଛି ତାହା ସାଧାରଣରେ ଆଲୋଚନା ହେଉଛି। ନିକଟରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ତରଫରୁ କେମ୍ପ କୋର୍ଟ ଓ ଅଭିଯୋଗ ଶୁଣାଣୀ କରାଯାଇଥିଲା କିନ୍ତୁ କୌଣସି ପ୍ରକାର ଲାଭପ୍ରଦ ହେଉନାହିଁ। ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ, ଶିଶୁ ହସିଲେ ଦେଶ ହସିବ ହେଲେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ବଲାଙ୍ଗୀର ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି। ତେଣୁ ଜିଲ୍ଲା ପ୍ରଶାସନ ତରଫରୁ ବିଭାଗୀୟ ଅଧିକାରୀଙ୍କ ତରଫରୁ ଶୀଘ୍ର ଆର୍ଥିକ ସହାୟତା ପ୍ରଦାନ କଲେ ଉପକୃତ ହୁଅନ୍ତୁ ବୋଲି ମିନତି ଜଣାଇଛନ୍ତି। ଆହୁରି ମଧ୍ୟ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀରକୁ ଆସୁଥିବା ଟଙ୍କା ୫ ମାସ ହେଲା ଆସୁନାହିଁ ଫଳରେ ସହାୟତା ପାଉଥିବା ଆର୍ଥିକ ରାଶି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗରେ ଅର୍ଥ ନ ଥିବା ଏକ ଦୁଃଖ ଓ ପରିତାପର ବିଷୟ। ଆବଶ୍ୟକ ହେଉଥିବା ଯତ୍ନ ଓ ସୁରକ୍ଷାରେ ଅନ୍ତର୍ଭୁକ୍ତ ଥିବା ଶିଶୁଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପାଖରେ ଟଙ୍କା ନଥିବା ଏକ ଦୁଃଖ ଓ ପରିତାପର ବିଷୟ। ଜିଲ୍ଲାରେ ମଧ୍ୟ ଯଶୋଦା ଯୋଜନା ଓ ଆଶୀର୍ବାଦ ଯୋଜନାରେ ଥିବା ଟଙ୍କାକୁ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଉନଥିବା ଏକ ଦୁଃଖ ଓ ପରିତାପର ବିଷୟ ବୋଲି ଆବେଦନ କରିଥିବା ହିତାଧିକାରୀ ମାନେ ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ରବିଧାନ ସଂଗ୍ରହ କମିଟି ବୈଠକ

ଭବାନୀପାଟଣା, ୨୬/୦୪ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲାରେ ରବିଧାନ ସଂଗ୍ରହ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରବିଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ ୨୦ ତାରିଖରୁ ରବି ଧାନ ସଂଗ୍ରହ କରାଯିବା ନେଇ ବୈଠକରେ ନିଷ୍ପତି ହୋଇଥିଲା। ଏହି ବୈଠକରେ ଚାଷୀ ଏବଂ ମିଲର୍ସ ମାନଙ୍କର ରହିଥିବା କିଛି ସମସ୍ୟା ଓ ତାର କିପରି ସରଳ ସମାଧାନ କରିଯିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା କିପରି ସୁଚାରୁରୂପେ ପରିଚାଳନା କରାଯିବ ସେ ଦିଗରେ ସମସ୍ତ ମିଲର୍ସ ଚାଷୀଙ୍କର ପୂର୍ଣ୍ଣ ସହଯୋଗ ରହିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଚଳିତ ୨୦୨୫-୨୬ ବର୍ଷରେ ରବି ଧାନ ବିକ୍ରୟ କରିବା ପାଇଁ ୫୬,୬୩୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ଗତ ବର୍ଷ ରବିଧାନ ବିକ୍ରୟ ପାଇଁ ୪୮,୮୧୮ ଜଣ ଚାଷୀ ପଞ୍ଜୀକରଣ କରିଥିଲେ ଫଳରେ ଗତ ବର୍ଷ ଠାରୁ ୭୮୨୧ ଜଣ ଅଧିକ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି ସେହିପରି ଜିଲ୍ଲାରେ ଚଳିତ ବର୍ଷ ୯୩ ଟି ଧାନକ୍ରୟ କେନ୍ଦ୍ର କରାଯାଇଥିବା ବେଳେ ୨୬ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ ଏହା ସହ ଧାନ ଉଠାଣରେ ଏଥର ୯୭ ରାଇସ ମିଲ୍ସକୁ ନିୟୋଜିତ କରାଯାଇଛି। ଏହି ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଡି.ଆର୍.ସି.ଏସ୍. ସ୍ୱରୂପ କୁମାର କର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଡି.ଏମ୍. ଏଫ୍.ସି.ଆଇ. ପ୍ରଫୁଲ୍ଲ କୁମାର ସାହୁ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଦୁର୍ଗା କେଶରୀ, ବିଧାୟକଙ୍କ ପ୍ରତିନିଧି, ଚାଷୀଙ୍କ ପ୍ରତିନିଧି, ମିଲର୍ସ, ପ୍ୟାକ୍ସ ଆର.ଏମ୍.ସି. ର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

# ଭାରତୀୟ ସାହିତ୍ୟ ପରିଷଦର ଆଭାସୀ କାର୍ଯ୍ୟକ୍ରମ

ଜୟପୁର, ୨୬/୦୪ (ନି.ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଭାସୀ କାର୍ଯ୍ୟକ୍ରମ ଜୟପୁର ବିକ୍ରମ ଶାଖା ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଗୋପିନାଥ ମହାନ୍ତିଙ୍କ ପରଜାରେ ଭାରତୀୟ ସଂସ୍କୃତି ବିଷୟକୁ ନେଇ ଡ, ଯୁଗଳ କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଡ. କମଳ କୃଷ୍ଣ ତ୍ରିପାଠୀ ଉପସ୍ଥିତ ରହି ଆଦିମ ଅଧିବାସୀଙ୍କ ସଂସ୍କୃତି ହିଁ ଭାରତୀୟ ସଂସ୍କୃତି ବୋଲି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପଦେଷ୍ଟା ହରିହର କରସୁଧା ପଟ୍ଟନାୟକ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଗୋପୀନାଥ ମହାନ୍ତିଙ୍କ କାଳବିଜୟୀ ଉପନ୍ୟାସ ବିଷୟରେ ସମ୍ୟକ ସୂଚନା ଦେବା ପରେ ମୁଦିଧର ହୋତା ବେଦ ପଠନ କରିଥିଲେ। ହର୍ଷିତା ପଟ୍ଟନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ

ଭୁବନ, ୨୬/୦୪ (ନି.ପ୍ର): ଭୁବନ କଳା ପରିଷଦର ଦୁଇ ଦିନିଆ ବାର୍ଷିକ ଉତ୍ସବ ସ୍ଥାନୀୟ ହିଙ୍ଗୁଳା ମନ୍ଦିର ଯାତ୍ରା ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦିଲ୍ଲୀପ କୁମାର ଦାସଙ୍କ ଅଧ୍ୟକ୍ଷତା ଓ ନାଟ୍ୟକାର ଗୁରୁ ଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କୋଣାର୍କ ଗଣନାଟ୍ୟର ପ୍ରଯୋଜକ ଭାରତ ଭୂଷଣ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା, ସିନେ କଳାକାର ବାବୁ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ଯାତ୍ରା ଖଳନାୟକ ସ୍ୱର୍ଗତ ଜ୍ଞାନ ରଞ୍ଜନ ସାହୁ, ସଦାନନ୍ଦ ନାୟକ, ନିର୍ଦ୍ଦେଶକ ସନାତନ ସାହୁ, ପାଲାଗାୟକ ପୂର୍ଣ୍ଣାନନ୍ଦ ମିଶ୍ର ଓ ରାମକୃଷ୍ଣ ମିଶ୍ରଙ୍କୁ 'ହିଙ୍ଗୁଳା ସମ୍ମାନ - ୨୦୨୬' ରେ ସମ୍ମାନିତ କରାଯାଇଥିଲା। ମା ହିଙ୍ଗୁଳା ଦେବୀ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶଶୀ ଭୂଷଣ ପୃଷ୍ଟି, ସମ୍ପାଦକ କୁଞ୍ଜ ବିହାରୀ ଚିନରା, ଉପଦେଷ୍ଟା ଶକ୍ତି ପ୍ରସାଦ ସାହୁଙ୍କ ସମେତ ଅମ୍ବୁଜ ସାହୁ, ବିନୋଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ରାତ୍ର ବାର ଘଟିକା ସମୟରେ ସତ୍ୟବାଦୀ ସେନାପତିଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ 'ଖରାପ ଝିଅର ଗପ' ଏବଂ 'କାନ୍ଦେନା ଲୁହ ସରିଯିବ' ମଂଚସ୍ଥ ହୋଇଥିଲା। ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ନାଟକ ଉପଭୋଗ କରିଥିଲେ। ଦ୍ୱିତୀୟ ଦିବସ ଉଦଯାପନୀ ଉତ୍ସବରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଓ ନାଟ୍ୟକାର ଦୀପକ ଜେନା, ନିର୍ଦ୍ଦେଶକ ଦିନେଶ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଭୁବନ କଳା ପରିଷଦ ପରିଷଦର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ।

# ହନୁମାନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଭୁବନ, ୨୬/୦୪ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ଲତବିଲ ସ୍ଥିତ ଶ୍ରୀ ଶ୍ରୀ ହନୁମାନଜୀଉଙ୍କର ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଗୁରୁବାର ଅପରାହ୍ନରେ ରାମ ମନ୍ଦିରରେ ପୂଜାର୍ଚ୍ଚନା କରି ଶତାଧିକ ମହିଳା ପୁରୁଷ ବେଣାଗାଡିଆରୁ ପବିତ୍ର ଜଳ ସଂଗ୍ରହ କରି ସହର ପରିକ୍ରମା କରି ଘଟ ସ୍ଥାପନ କରିଥିଲେ। ପରେ ଅଙ୍କୁରାରୋପଣ, ମଣ୍ଡଳ ବିନ୍ୟାସ, ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ବ୍ୟାସ ମଳୟ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୀପକ ପୃଷ୍ଟି, ମୋନାଲିସା ପୃଷ୍ଟି, ସନାତନ ଦାସ, ରଶ୍ମିତା ଦାସ ସସ୍ତ୍ରିକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଗୋପୂଜା, ସୂର୍ଯ୍ୟପୂଜା, ଶାଳପୂଜା, ଅଗ୍ନି ପୂଜନ, ବାସ୍ତୁ ମଣ୍ଡଳ ପୂଜା, ମହାସ୍ନାନ, ଧ୍ୱଜା ସ୍ଥାପନ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶନିବାର ଚଣ୍ଡୀପାଠ, ପୂର୍ଣ୍ଣାହୂତି ଓ ସଂକୀର୍ତ୍ତନ ପରେ ଆନନ୍ଦ ବଜାରରେ ପ୍ରାୟ ୨ ହଜାର ଶ୍ରଦ୍ଧାଳୁ ଭକ୍ତ ସାମୂହିକ ପ୍ରସାଦ ସେବନ କରିଥିଲେ। ତିନିଦିନ ଧରି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭୋଳେଶ୍ୱର ସାହୁ, ସୁକାନ୍ତ ସାହୁ, ଧନେଶ୍ୱର ବେହେରା, ମଙ୍ଗୁଳି ଚରଣ ପାତ୍ର, ବିନୋଦ ବେହେରା, ଦୀପକ ବେହେରା, ହୃଷିକେଶ ନାୟକ, ବ୍ରହ୍ମାନନ୍ଦ ପାତ୍ର ଓ ଲଟାବିଲ ଗ୍ରାମବାସୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

# ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଉତମ ମାଲିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ମାଗଣା ମେଗା ଚିକିତ୍ସା ଶିବିର

ମାଲକାନଗିରି, ୨୬/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ଠାରେ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ମାଲକାନଗିରି ସ୍ଥିତ ଉତ୍ତମ ମାଲିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟେସନ ଅଧ୍ୟକ୍ଷ ଡଃ. ଶିବ ନାରାୟଣ ପାତ୍ରଙ୍କ ତରଫରୁ ଶ୍ରୀକାକୁଲମ ସ୍ଥିତ ଗ୍ରେଟ୍ ଇଷ୍ଟର୍ନ ମେଡିକାଲ୍ ସ୍କୁଲ ଓ ହସ୍ପିଟାଲ୍ ସହ ସହବନ୍ଧିତ ହୋଇ ବାଲିମେଳା ସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ମାଗଣା ମେଗା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଯେଉଁଠି ଆଖି, ହୃଦୟ, ସଧାରଣ ରୋଗ, ହାଡ, ଶିରା ପ୍ରଶିରା ସହ ଅନ୍ୟ ସବୁ ରୋଗର ଚିକିତ୍ସା ହୋଇଥିଲା। ମାଗଣା ଔଷଧ ସହ ରକ୍ତଚାପ, ସୁଗର ସ୍କ୍ରିନିଂ, ୨ଡି ଇକୋ ଓ ଇ ସି ଜି ମଧ୍ୟ ମାଗଣାରେ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବାଲିମେଳା ଥାନା ଉପ ଅଧିକାରୀ ଅଜିତ୍ ସିଂ ବରିହା ଓ ଗ୍ରେଟ୍ ଇଷ୍ଟର୍ନ ମେଡିକାଲ୍ ସ୍କୁଲ ଓ ହସ୍ପିଟାଲର ଡିଜିଏମ୍ ଏସ କେ ମୋହନଙ୍କ କରକମଳରେ ପ୍ରଥମେ ଭଗବାନ୍ ଶ୍ରୀ ଜଗନ୍ନାଥଙ୍କ ଠାରେ ପୁଷ୍ପ ଅର୍ପଣ କରିବା ପରେ ଯାଇ କାର୍ଯ୍ୟକ୍ରମ ଆରମ୍ଭ ହେଇଥିଲା। ବାଲିମେଳା ଭଳି ଜାଗାରେ ମେଡିକାଲ୍ ଥାଇ ମଧ୍ୟ ନଥିବା ସହ ସମାନ। ଏହା ବିଜ୍ଞାପିତ ଅଂଚଳ ପରିଷଦ ହୋଇଥଲେ ମଧ୍ୟ ଏହାର ଜନସଂଖ୍ୟା ହିସାବରେ ମେଡିକାଲରେ ଡାକ୍ତରଙ୍କ ଅଭାବ। ଜଣେ ହିଁ ଡାକ୍ତର ସେ ସବୁ କିଛି। ନା ଭଲ ଡାକ୍ତର ଅଛନ୍ତି ନା ଭଲ ଚିକିତ୍ସା ମିଳୁଛି। କିଛି ଅସୁବିଧା ହେଲେ ମାଲକାନଗିରି ବା ଆନ୍ଧ୍ର ମେଡିକାଲ୍ ହିଁ ସାହା ଭରସା। ଏହିପରି ପରିସ୍ଥିତିରେ ଉତମ ମାଲିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟେସନର ଏହି ପଦକ୍ଷେପ ବାଲିମେଳା ବାସୀଙ୍କ ପାଇଁ ଏକ ବରଦାନ ସଦୃଶ୍ୟ। ଯାହାର ଝଲକ୍ ଆଜି ଦେଖିବାକୁ ମିଳିଛି। ପ୍ରାୟ ୩୫୦ରୁ ଅଧିକ ରୋଗୀଙ୍କ ଚିକିତ୍ସା କରାଯାଇଥିବା ବେଳେ ବୟସ୍କାଧିକ ରୋଗୀଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଥିଲା। ସାଧାରଣ ରୋଗଟିଏ ହୋଇଥିଲେ ମଧ୍ୟ ସଠିକ୍ ଚିକିତ୍ସା ପାଇବା ଯେଉଁଠି କଷ୍ଟସାଧ୍ୟ ସେହିଭଳି ଜାଗାରେ ଶ୍ରୀକାକୁଲମ ସ୍ଥିତ ଗ୍ରେଟ୍ ଇଷ୍ଟର୍ନ ମେଡିକାଲ୍ ସ୍କୁଲ ଓ ହସ୍ପିଟାଲର ଛଅ ଜଣିଆ ଡକ୍ଟର ଟିମ୍ ଆସି ମାଗଣା ଚିକିତ୍ସା ସେବା ସହ ମାଗଣାରେ ଔଷଧ ମଧ୍ୟ ଦିଆଯାଇଥିଲା।

ସୂଚନାନୁଯାୟୀ, ଗତ ଡିସେମ୍ବର ମାସରେ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ଉତମ ମାଲିକ୍ କଲେଜରେ କ୍ୟାନ୍ସର ସ୍କ୍ରିନିଙ୍ଗ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ସେହିପରି ଜାନୁୟାରୀ ମାସରେ ମଧ୍ୟ ବିଜୟୱାଡା ଅନୁ ଓମେଗା ମେଡ଼ିକାଲ୍ ସହ ସହଭାଗିତାରେ ମଲ୍ଟି ରୋଗ ଚିକିତ୍ସା ଶିବିର କରାଯାଇଥିଲା। ଏବେ ଏହା ତୃତୀୟ ଥର ଗ୍ରେଟ୍ ଇଷ୍ଟର୍ନ ମେଡିକାଲ୍ ସ୍କୁଲ ଓ ହସ୍ପିଟାଲ୍ ର ସହଯୋଗରେ ବାଲିମେଳା ଠାରେ ଅନୁଷ୍ଠିତ ହୋଇଯାଇଅଛି। ଆମ କଲେଜ୍ ତରଫରୁ ଆଗକୁ ଏହିପରି କାର୍ଯ୍ୟ ପାଇଁ ଆମର ପ୍ରୟାସ ଜାରୀ ରହିବ ବୋଲି ଚେୟାରମ୍ୟାନ ଡଃ. ଉତମ ମାଲିକ୍ ଜଣାଇଛନ୍ତି। ଏହିଭଳି ଏକ ମହତ୍ କାର୍ଯ୍ୟପାଇଁ ବାଲିମେଳା ବାସୀ ଧନ୍ୟବାଦ ଜଣାଇଛନ୍ତି। ଉତମ ମାଲିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟେସନର ଚେୟାରମ୍ୟାନ ଡଃ. ଉତମ ମାଲିକ୍ ଓ ଅଧ୍ୟକ୍ଷ ଡଃ. ଶିବ ନାରାୟଣ ପାତ୍ରଙ୍କ ତରଫରୁ ସମସ୍ତ ବାଲିମେଳା ବାସି, ଓର୍କେଲ ଥାନା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁରୁଜି, ଗୁରୁମା ଓ ସହଯୋଗ କରିଥିବା ଟିଟୁ ପାତ୍ର, ପ୍ରଶାନ୍ତ କୁମାର ଚର୍ଚ୍ଚି, ଆଲୋକ ଚନ୍ଦ୍ର ସ୍ୱାଇଁ, ଅନିଲ କୁମାର ପଟ୍ଟନାୟକ, ମୁରଲୀ କ୍ରିଷ୍ଣା ପଟ୍ଟନାୟକ ଓ ବି ଅରୁଣ ପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଡ଼କ ଦୁର୍ଘଟଣାରେ ବାଇକ ଚାଳକ ମୃତ

ଘଟଗାଁ, ୨୬/୦୪ (ନି.ପ୍ର):ଆଜି ୨୦ ନମ୍ବର ଜାତୀୟ ରାଜପଥ ବାଇପାସ ନିକଟରେ ସଡ଼କ ଦୁର୍ଘଟଣାରେ ବାଇକ ଚଳକଙ୍କ ମୃତ ଘଟିଛି। ସୂଚନା ଅନୁସାରେ ଘଟଗାଁ ଥାନା ଅନ୍ତର୍ଗତ ମେଲାଣ ଗ୍ରାମର ଦିପୁ ମାରାଣ୍ଡି (୨ ୨)ବର୍ଷୀୟ ଯୁବକ ନିଜର ବ୍ୟକ୍ତିଗତ କାମରେ ବାଇକ ଯୋଗେ ଘଟଗାଁ ଆସୁଥିବା ସମୟରେ ଜାତୀୟ ରାଜପଥ ୨୦ର ବାଇପାସ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ାକୁ ଧକ୍କା ଦେଇଥିଲା। ଫଳରେ ଦିପୁ ମାରାଣ୍ଡି ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଖବର ଦେବା ପରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଯୁବକକୁ ଉଦ୍ଧାର କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ।ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ

ସମ୍ବଲପୁର, ୨୬/୦୪ (ନି.ପ୍ର): ସମ୍ବଲପୁର ସ୍ଥିତ ଏମସିଏଲ ପକ୍ଷରୁ ମାନବ ସମ୍ବଳ ନିର୍ଦ୍ଦେଶକ କେଶବ ରାଓଙ୍କ ଅଧ୍ୟକ୍ଷତାରେ ଆଜି ସମ୍ବଲପୁର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ନରାକାସ ତତ୍ତ୍ୱାବଧାନରେ କମ୍ପାନୀ ମୁଖ୍ୟାଳୟ ପରିସରରେ ଏକ ଦିବସୀୟ 'ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ' ସଂଗୋଷ୍ଠୀ ଆୟୋଜିତ ହୋଇଯାଇଛି। ଏମସିଏଲର ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ(ଅର୍ଥ) ଏ.କେ. ବେହୁରା, ପୂର୍ବ କ୍ଷେତ୍ର, କୋଲକାତାର ଉପ-ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଡ଼. ବିଚିତ୍ରସେନ ଗୁପ୍ତ, ଭାରତ ସରକାରଙ୍କ କୋଇଲା ମନ୍ତ୍ରାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀ ବିଶାଲ, ପୂର୍ବତନ ଉପ-ନିର୍ଦ୍ଦେଶକ ଅଜୟ ମଲ୍ଲିକ ଏବଂ ଏଚପିସିଏଲର ପୂର୍ବତନ ଉପ-ମହାପ୍ରବନ୍ଧକ ଡ. ରାମ ବିଚାର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଷୟ ଭିତିକ ଅଧିବେଶନରେ, ଡକ୍ଟର ବିଚିତ୍ର ସେନ ଗୁପ୍ତ 'ରାଜଭାଷା କାର୍ଯ୍ୟାନ୍ୱୟନରେ ନରାକାସର ଭୂମିକା ଓ ଅବଦାନ' ବିଷୟରେ; ଶ୍ରୀ ମଲ୍ଲିକ 'ଡିଜିଟାଲ୍ ଯୁଗରେ ହିନ୍ଦୀ: ଇ-ଗଭର୍ଣ୍ଣାନ୍ସ ଏବଂ ପ୍ରଶାସନିକ କୌଶଳରେ ବଦଳୁଥିବା ଭୂମିକା' ବିଷୟରେ ଏବଂ ଡ. ଯାଦବ 'ରାଜଭାଷା ନୀତିର ପ୍ରଭାବୀ କାର୍ଯ୍ୟାନ୍ୱୟନରେ କାର୍ଯ୍ୟାଳୟ ମୁଖ୍ୟ ଏବଂ ରାଜଭାଷା ଅଧିକାରୀଙ୍କ ଭୂମିକା' ତଥା ଶ୍ରୀ ବିଶାଲ 'ରାଜଭାଷା ହିନ୍ଦୀ ନୀତିରୁ ବ୍ୟବହାର ପର୍ଯ୍ୟନ୍ତ' ବିଷୟ ଉପରେ ଆଲୋଚନା କରିଥିଲେ।

# ନୂଆପଡାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ନୂଆପଡ଼ା, ୨୬/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲାରେ ସ୍ଥାନୀୟ ସଦଭାବନା ସଭାଗୃହରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଖେନ୍ଦୁ ରାୟ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, କୃଷି ବିଜ୍ଞାନ କେନ୍ଦ୍ର ନୂଆପଡ଼ାର ପ୍ରମୁଖ ବୈଜ୍ଞାନିକ ଡ଼ା. ଲବ ସୋରେନ ଏବଂ ଉପ ନିର୍ଦ୍ଦେଶକ ଡ଼ା. କେ. ପାର୍ଥ ସାରଥୀ ଦୋରା ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ନିଜ ଉଦବୋଧନରେ ପ୍ରାଣୀ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରି "ପ୍ରାଣୀ ପାଇଁ ଦିନଟିଏ"ର ମହତ୍ତ୍ୱ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଯେ, ସୁସ୍ଥ ସମାଜ ପାଇଁ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଅତ୍ୟାବଶ୍ୟକ ଏବଂ ପ୍ରାଣୀଧନର ଉନ୍ନତି ଦେଶର ଆର୍ଥିକ ଉନ୍ନତିକୁ ଗତି ଦେଇଥାଏ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଖେନ୍ଦୁ ରାୟ ଜିଲ୍ଲାର ପ୍ରାଣୀ ସମ୍ପଦ ବିକାଶ ବିଭାଗର ସଫଳତା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ୨୫୩ ଜଣ ଚାଷୀଙ୍କୁ ସ୍ୱାବଲମ୍ବୀ କରାଯାଇଥିବା ସହ ଦୁଗ୍ଧ ଉତ୍ପାଦନ ୧୭.୪୮ ଟିଏମଟିକୁ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ପ୍ରାୟ ୧୫୦ ପ୍ରତିଶତ ଅଧିକ। ଛେଳି ପାଳନରେ ବୃଦ୍ଧି ପାଇଁ ମାଂସ ଉତ୍ପାଦନ ୧.୧୧ ଟିଏମଟିକୁ ବଢ଼ିଛି, ଯାହା ୧୩୫ ପ୍ରତିଶତ ବୃଦ୍ଧି ସୂଚିତ କରେ। ଏହା ସହିତ ମାଂସଳ କୁକୁଡ଼ା ସଂଖ୍ୟା ଚଳିତ ବର୍ଷ ୪.୫ ଲକ୍ଷକୁ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ତିନିଗୁଣ ଅଧିକ। ଅତିଥିମାନେ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି କୃଷି ଓ ପ୍ରାଣୀ ପାଳନରେ ଆଗେଇବାକୁ ପରାମର୍ଶ ଦେଇଥିଲେ। ପ୍ରାଣୀ ସମ୍ପଦ ବିକାଶ ବିଭାଗ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଶ୍ରମିକମାନେ ସ୍ୱାବଲମ୍ବୀ ହେବାର ନୂତନ ଦିଗ ପାଇଥିବା ଉଲ୍ଲେଖ କରିଥିଲେ। ଏହି ଅବସରରେ ଜିଲ୍ଲାର ୫ ଜଣ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପାଳନ କ୍ଷେତ୍ରରେ ରତ୍ନାକର ପଟେଲ (ଖରିଆର), ବତକ ପାଳନରେ ଦିଲଚନ ନାଏକ (କୋମନା), ଛେଳି ପାଳନରେ ଅଙ୍କୁର ହଂସ (କୋମନା), ଘୁଷୁରୀ ପାଳନରେ ରଥୁରାମ ଦୀପ (ନୂଆପଡ଼ା) ଏବଂ ଘାସ ଚାଷରେ ହିମାଞ୍ଚଳ ଭୋଇ (ଖରିଆର)ଙ୍କୁ ପୁରସ୍କୃତ କରାଯାଇଥିଲା।ସେହିପରି, ଶ୍ରେଷ୍ଠ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ଡ଼ା. ସଂଗ୍ରାମ କେଶରୀ ବେହେରା (ଖରିଆର), ଶ୍ରେଷ୍ଠ ପ୍ରାଣୀ ଚିକିତ୍ସକ ଭାବେ ଡ଼ା. ସତ୍ୟବ୍ରତ ପରିଡା (ନୂଆପଡ଼ା) ଏବଂ ଶ୍ରେଷ୍ଠ ପ୍ରାଣୀଧନ ନିରୀକ୍ଷକ ଭାବେ ବିମଳ କିଶୋର କୁମ୍ଭାର (ନିଲଜୀ, ସିନାପାଲି)ଙ୍କୁ ସମ୍ମାନିତ କରାଯାଇଥିଲା।ସଭାରେ ଡ଼ା. କିଶୋର କୁମାର ସାହୁ (ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ନୂଆପଡ଼ା), ଡ଼ା. ସିଞ୍ଜୋନି ମହାନ୍ତି (ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଉତ୍ପାଦନ, ନୂଆପଡ଼ା) ଏବଂ ଡ଼ା. ଶମ୍ଭୁ ପ୍ରସାଦ ସାହୁ (ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ରୋଗ ନିୟନ୍ତ୍ରଣ, ନୂଆପଡ଼ା) ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ଡ଼ା. ସସ୍ମିତା ବିଶ୍ୱାଳ ସଭା ପରିଚାଳନା କରିଥିଲେ ଏବଂ ଶେଷରେ ଡ଼ା. ସିଞ୍ଜୋନି ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୨୬/୦୪ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସପ୍ତାହବ୍ୟାପୀ ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଆଜି ତାଳପଟିଆ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ଗଡତିଆ ଅଧ୍ୟକ୍ଷତା କରି ବାଲ୍ୟ ବିବାହର କୁପ୍ରଭାବ ଓ ଏଥିପାଇଁ ଥିବା କଠୋର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ସୂଚନା ଦେଇଥିଲେ ଯେ, ଝିଅର ବୟସ ୧୮ ବର୍ଷ ଓ ପୁଅର ବୟସ ୨୧ ବର୍ଷରୁ କମ୍ ଥିବା ସମୟରେ ବିବାହ କରାଇବା ଏକ ଅପରାଧ। 'ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬' ଅନୁଯାୟୀ, ଏହି କାର୍ଯ୍ୟରେ ସମ୍ପୃକ୍ତ କିମ୍ବା ସହଯୋଗ କରୁଥିବା ବ୍ୟକ୍ତିଙ୍କ ପାଇଁ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ଏଥିସହ ମ୍ୟାଟ୍ରିକ୍ କିମ୍ବା +୨ ପରେ ପାଠ ଛାଡ଼ିଥିବା କିଶୋର କିଶୋରିମାନେ କିପରି ଆଇ ଟି ଆଇ ଝାରସୁଗୁଡ଼ା ଓ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର, ଭୁବନେଶ୍ୱରରୁ ତାଲିମ ନେଇ ସ୍ୱାବଲମ୍ବୀ ହୋଇପାରିବେ, ସେ ବିଷୟରେ ସେ ପରାମର୍ଶ ଦେଇଥିଲେ। ସେହିପରି ସେଂଟର ଆଡମିନିଷ୍ଟ୍ରେଟର ମଧୁମିତା ବରାଳ ମହିଳା ଓ ଶିଶୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ହେଲ୍ପଲାଇନ୍ ନମ୍ବର ଯଥା- ୧୮୧, ୧୦୯୮ ଓ ୧୧୨ ସେବା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। 'ଶକ୍ତି ସଦନ ଆଶ୍ରୟ ଗୃହ' ମାଧ୍ୟମରେ ଅସହାୟ ମହିଳାଙ୍କୁ ଆଶ୍ରୟ ଏବଂ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଥିବା ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚୂଡାମଣି ପଣ୍ଡା ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସ୍କଲାରସିପ୍ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ ଦିନରାତି ୨୪ ଘଣ୍ଟା କାର୍ଯ୍ୟ କରୁଥିବା ନେଇ ଜିଲ୍ଲା ସଂଯୋଜକ ସୂଚନା ଦେଇଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଏଜ ୟୁ ବି କର୍ମଚାରୀ ଜୁବଲି ରାଣୀ ପଟେଲ, ଝସକେତନ ସା, ସଞ୍ଜୟ ଭୋଇ ଓ ଶିବମ ପଟେଲ ସହଯୋଗ କରିଥିଲେ। ଯାଜ୍ଞସେନୀ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବାଲ୍ୟବିବାହମୁକ୍ତ ଓଡିଶା ଅଭିଯାନକୁ ସଫଳ କରିବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ସହଯୋଗ କାମନା କରାଯାଇଛି।

# ବଢୁଚି ତାତି କମୁଛି ଜଳସ୍ତର: ଅଧାପନ୍ତରିଆ ମେଗା ଜଳ ଯୋଗାଣ ପ୍ରକଳ୍ପ

ମୁଖୀଗୁଡା, ୨୬/୦୪ (ନି.ପ୍ର): ଜୟପାଟଣା ବ୍ଲକରେ ଖରାର ପ୍ରକୋପ ବୃଦ୍ଧି ପାଉ ଥିବାବେଳେ ଜଳସ୍ତର କମିବାରେ ଲାଗିଛି। ପ୍ରଚଣ୍ଡ ତାତି ଯୋଗୁଁ ଜନ ଜୀବନ ଅସ୍ତ ବ୍ୟସ୍ତ ହେଉଥିବାବେଳେ ପିଇବା ପାଣି ଲୋକେ ଡହଲ ବିକଳ ହେଉଛନ୍ତି। ଅନ୍ୟ ପକ୍ଷେ ବ୍ଲକର ଜନ ସାଧାରଣଙ୍କୁ ପିଇବା ପାଣି ଯୋଗାଣ ଉଦ୍ଦେଶ୍ୟରେ ତିଆରି ହେଉଥିବା କୋଟି କୋଟି ଟଙ୍କାର ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅବଧି ପୂରଣ ହୋଇଥିଲେହେଁ ସରିବାର ନା ଧରୁନଥିବାରୁ ଲୋକେ ଆଗକୁ ଜଳକଷ୍ଟ ଭୋଗିବେ ବୋଲି ଆଶଙ୍କା ଦେଖା ଦେଇଛି। ତଥାପି ଏବେଠୁ ଗାଁ ଗଣ୍ଡାରେ ଜଳ କଷ୍ଟ ଦେଖା ଦେଲାଣି। ପାହାଡି ଅଞ୍ଚଳର ଲୋକେ ଖରା ତରାରେ ଦୂର ଦୁରାନ୍ତ କୁ ଯାଇ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳ ପୁର ନିକଟରେ ୧୫୫ କୋଟି ଟଙ୍କା ବ୍ୟୟ ଅଟକଳରେ ଗତ ୨୦୨୧ ମସିହାରୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରା ଯାଇଛି। ଏହି ପ୍ରକଳ୍ପ ରୁ ବ୍ଲକର ୨୨ ପଞ୍ଚାୟତ ପାଇଁ ୨୨ ଟି ଓଭର ହେଡ଼ ଟେଙ୍କ ଜରିଆରେ ପାଣି ଯୋଗାଣ କରାଯିବ ସେଥିପାଇଁ ଗାଁ ମାନଙ୍କରେ ପାଇପ ଲାଇନ ବିଛାଇବା କାମ ଆରମ୍ଭ ହୋଇଛି ହେଲେ ଠିକା ସଂସ୍ଥାର ମନମାନି ଯୋଗୁଁ କାମ ମନ୍ଥର ଗତିରେ ଚାଲିଛି।ଯାହାରି ଫଳରେ ଲୋକେ ବିଶୁଦ୍ଧ ପାଣି ପିଇବା ଆଶା ଛାଡି ଦେଲେଣି। ଅନ୍ୟପକ୍ଷେ ପୁରୁଣା ଟାଙ୍କି ଗୁଡାକ କେଉଁଠି ଚାଲୁ ଥିବା ବେଳେ କେଉଁଠି ବର୍ଷବର୍ଷ ଧରି ଅଚଳ ହୋଇ ଗଲାଣି ଭଇଁପାଲି ଠାରେ ଥିବା ଓଭର ହେଡ଼ ଟେଂକ ୧୦ ବର୍ଷ ହେଲା ଅଚଳ ପଡି ରହିଥିବା ବେଳେ ଲୋକେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

CMYK


# ଲିଭର କ୍ୟାନ୍‌ସର ବା ଯକୃତ କର୍କଟ ଏକ ମାରାତ୍ମକ ରୋଗ : କିନ୍ତୁ ଏହାର ଚିକିତ୍ସା ସମ୍ଭବ....

ଲିଭର କ୍ୟାନ୍‌ସର ବା ଯକୃତ କର୍କଟ ଏକ ମାରାତ୍ମକ ରୋଗ। ତେବେ ଅନେକାଂଶରେ ଏହାର ନିରାକରଣ କରାଯାଇ ପାରିବ। ପ୍ରତିବର୍ଷ ସାରା ପୃଥିବୀରେ ୬ ଲକ୍ଷ ବ୍ୟକ୍ତି ଲିଭର କ୍ୟାନ୍‌ସରରେ ପ୍ରାଣ ହରାଇଥାନ୍ତି। ହିସାବକୁ ଦେଖିଲେ, ପୃଥୀବିରେ ଏହି କ୍ୟାନସର ଷଷ୍ଠ ସ୍ଥାନରେ ରହିଛି। ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ କ୍ଷେତ୍ରରେ ଏହାର ପ୍ରାଦୁର୍ଭାବ ଅଧିକ।

ଫୁସ୍‌ଫୁସ୍ କ୍ୟାନ୍‌ସର ଓ ପେଟ ପରେ ଲିଭର କ୍ୟାନ୍‌ସର୍ର ହିଁ ଅଧିକ ଜୀବନ ନେଇଥାଏ। ପ୍ରତିବର୍ଷ ଯକୃତର ଅବହେଳା କାରଣରୁ ଲକ୍ଷାଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଯକୃତ ଦିବସର ବାର୍ତ୍ତା ରହିଥିଲା 'କଠିନ ଅଭ୍ୟାସ, ଶକ୍ତିଶାଳୀ ଯକୃତ' (ସଲିଡ୍ ହାବିଟ୍, ଷ୍ଟ୍ରଙ୍ଗ୍ ଲିଭର)।

ହେପାଟାଇଟିସ୍-ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍-ବି ୮୦ ପ୍ରତିଶତ ଏବଂ ଆମେରିକା ଓ ଜାପାନରେ ହେପାଟାଇଟିସ୍-ସି ୭୫ ପ୍ରତିଶତ ଲିଭର କ୍ୟାନ୍‌ସର କାରଣ ହୋଇଥାଏ।

ହେପାଟାଇଟିସ୍-ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ବା ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ଜରିଆରେ ଜଣଙ୍କ ଶରୀରରୁ ଅନ୍ୟ ଜଣଙ୍କୁ ସଂକ୍ରମିତ ହୋଇଥାଏ। ଯେଉଁମାନେ




ଅତ୍ୟଧିକ ମଦ୍ୟପାନ କରନ୍ତି, ସେମାନେ ଲିଭର ସିରୋସିସ୍ ଓ କ୍ୟାନ୍‌ସରରେ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମପାନ, ଡାଇବେଟିସ୍ ଓ ଆଫ୍‌ଲାଟକ୍ସିନ୍ ସେବନ ଯୋଗୁଁ ଲିଭର କ୍ୟାନ୍‌ସର ହୋଇଥାଏ। ହିମୋକ୍ରୋମାଟୋସିସ୍, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍‌ର ଅଭାବ ଥିଲେ ମଧ୍ୟ ଏହି କ୍ୟାନ୍‌ସର ହୁଏ। ହେପାଟାଇଟିସ୍-ବି, ସି, ମଦ୍ୟପାନ, ଧୂମପାନ, ଚର୍ବିଜନିତ ରୋଗ ଓ ଡାଏବେଟିସ୍ ପରବର୍ତ୍ତୀ ଅବସ୍ଥାରେ ଲିଭର କ୍ୟାନ୍‌ସର ଆକ୍ରାନ୍ତ କରାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଏହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି, ଜଣେ ପିଲାଠାରୁ ଅନ୍ୟ ଜଣେ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ଏବେ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍-ବି ଭୂତାଣୁ ବାହକ ଅଛନ୍ତି। ଏମାନେ ନିରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ (୨୦-୨୫ ବର୍ଷ ପରେ) ଯକୃତ ସିରୋସିସ୍ ଓ ଯକୃତ କର୍କଟ ଆକ୍ରାନ୍ତ ହୋଇଥାନ୍ତି। ହେପାଟାଇଟିସ୍-ବି ଏଡ୍‌ସ ଠାରୁ ଶହେ ଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟରେ ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଆମେ ଯଦି ଟିକା ମାଧ୍ୟମରେ ହେପାଟାଇଟସ୍ -ବିର ନିରାକରଣ କରିପାରିବୁ, ତେବେ ଲିଭର କ୍ୟାନ୍‌ସର ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନ୍‌ସରକୁ ରୋକାଯାଇ ପାରିବ। ରକ୍ତ ବ୍ୟାଙ୍କଗୁଡ଼ିକରେ ହେପାଟାଇଟିସ୍-ବି ଓ ସି ପରୀକ୍ଷା ମାଧ୍ୟମରେ ବି ଏହାର ନିୟନ୍ତ୍ରଣ କରିହେବ। ଡାଏବେଟିସ୍ ଓ ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ଅନେକାଂଶରେ ନିୟନ୍ତ୍ରଣ ସାପେକ୍ଷ।

# ଏଆଇ ମାଧ୍ୟମରେ ଚିହ୍ନଟ ହେବ ହୃଦରୋଗ, ବୈଜ୍ଞାନିକଙ୍କ ନୂତନ ଉଦ୍ଭାବନ "ଇକୋପଲ୍ସ"

ଭାରତରେ ବୃଦ୍ଧି ପାଉଥିବା ହୃଦରୋଗ ସମସ୍ୟାର ସମାଧାନ ଦିଗରେ ଝାଡ଼ଖଣ୍ଡର ଆଇଆଇଟି ଧନବାଦର ବୈଜ୍ଞାନିକମାନେ ଏକ ବଡ଼ ସଫଳତା ହାସଲ କରିଛନ୍ତି। କମ୍ପ୍ୟୁଟର ବିଜ୍ଞାନ ବିଭାଗର ପ୍ରଫେସର ଏ.ସି.ଏସ୍. ରାଓଙ୍କ ନେତୃତ୍ୱରେ 'ଇକୋପଲ୍ସ' ନାମକ ଏକ ଅଭିନବ ପ୍ରଯୁକ୍ତିବିଦ୍ୟା ବିକଶିତ କରାଯାଇଛି, ଯାହା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଭର୍ଚୁଆଲ୍ ରିଆଲିଟି (ଭିଆର)ର ଏକ ଅଦ୍ଭୁତ ମିଶ୍ରଣ।

ଏହି ବିପ୍ଲବୀ ପ୍ରଯୁକ୍ତି ମାଧ୍ୟମରେ ହୃଦରୋଗର ଚିକିତ୍ସା କେବଳ ଦ୍ରୁତ ହେବ ନାହିଁ, ବରଂ ଏହା ଅଧିକ ସଠିକ୍ ଓ ସ୍ୱଚ୍ଛ ହୋଇପାରିବ। ସାଧାରଣତଃ ଇକୋକାର୍ଡିଓଗ୍ରାଫି ରିପୋର୍ଟଗୁଡ଼ିକ ଅତ୍ୟନ୍ତ ଜଟିଳ ହୋଇଥିବା ବେଳେ ଇକୋପଲ୍ସ ଏହି ତଥ୍ୟକୁ ସ୍ୱୟଂଚାଳିତ ଭାବରେ ବିଶ୍ଳେଷଣ କରିଥାଏ। ଏହାର ସ୍ୱୟଂ-ତଦାରଖିତ ଶିକ୍ଷଣ ମଡେଲ ହୃଦସ୍ପନ୍ଦନର ପମ୍ପିଂ କ୍ଷମତା ଏବଂ ଲୁକ୍କାୟିତ ଲକ୍ଷଣଗୁଡ଼ିକୁ ତୁରନ୍ତ ଚିହ୍ନଟ କରିପାରୁଛି। ଏହି ପ୍ରଯୁକ୍ତିର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହା ଡାକ୍ତରମାନଙ୍କୁ ଭର୍ଚୁଆଲ୍ ରିଆଲିଟି ମାଧ୍ୟମରେ ହୃଦୟର ଏକ ଥ୍ରୀ-ଡି ଚିତ୍ର ଦେଖିବାର ସୁଯୋଗ ଦେଉଛି, ଯାହା ରୋଗର ଗଭୀରତା ବୁଝିବାରେ ସହାୟକ ହେଉଛି। ମୋଟାମୋଟି ଭାବେ କହିବାକୁ ଗଲେ କୌଣସି ସମସ୍ୟା ହେବା ପୂର୍ବରୁ ଏହି ପ୍ରଣାଳୀ ଦ୍ୱାରା ହୃଦରୋଗକୁ ଶୀଘ୍ର ଚିହ୍ନଟ କରାଯାଇପାରିବ। ଭାରତର ଗ୍ରାମାଞ୍ଚଳରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଥିବା ସମୟରେ ଏହି ପ୍ରଯୁକ୍ତିବିଦ୍ୟା ଏକ ସଞ୍ଜୀବନୀ ସଦୃଶ ପ୍ରମାଣିତ ହେବ। ଇକୋପଲ୍ସ ବ୍ୟବହାର କରି ଦୁର୍ଗମ ଅଞ୍ଚଳରେ ଥିବା ସାଧାରଣ ସ୍ୱାସ୍ଥ୍ୟସେବା କର୍ମୀ କିମ୍ବା ଡାକ୍ତରମାନେ ମଧ୍ୟ ବିଶେଷଜ୍ଞଙ୍କ ଭଳି ରୋଗ ଚିହ୍ନଟ କରି ଜୀବନ ରକ୍ଷାକାରୀ ନିଷ୍ପତ୍ତି ନେଇପାରିବେ। ଏହି ଉଦ୍ଭାବନର ଗୁରୁତ୍ୱକୁ ଉପଲବ୍ଧି କରି ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ୍ ଫର୍ ରିସର୍ଚ୍ଚ (ଏଏନଆରଏଫ୍) ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୪୭ ଲକ୍ଷ ଟଙ୍କାର ପାଣ୍ଠି ମଧ୍ୟ ମଞ୍ଜୁର କରାଯାଇଛି। ପ୍ରଫେସର ରାଓଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମେଡିକାଲ୍ ଇମେଜିଂ ପ୍ରକ୍ରିୟାକୁ ଅଧିକ ଅନୁକୂଳ କରିବା ଏବଂ ଚିକିତ୍ସା କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା। ଭବିଷ୍ୟତରେ ଏହି ନବସୃଜନ କେବଳ ଭାରତରେ ହୃଦରୋଗର ବୋଝ ହ୍ରାସ କରିବ




ନାହିଁ, ବରଂ ବିଶ୍ୱ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ପ୍ରତିଷ୍ଠାକୁ ଏକ ନୂତନ ଶିଖରରେ ପହଞ୍ଚାଇବାରେ ଏକ ପ୍ରମୁଖ ମାଇଲଖୁଣ୍ଟ ସାଜିବ ବୋଲି ଆଶା କରାଯାଉଛି।




ଫ୍ୟାସନ ସେତେବେଳେ ସୁନ୍ଦର ଲାଗେ ଯେତେବେଳେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଶରୀର ଉପରେ ପଡ଼ିନଥାଏ । କିନ୍ତୁ ଥରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଗଲେ ସେହି ଫ୍ୟାସନ୍ ବେକର ଫାଶ ପରି ଲାଗେ । ଆଜିର ସମୟରେ ସମସ୍ତେ ନିଜ ପ୍ରିୟ ଅଭିନେତା ତଥା ଅଭିନେତ୍ରୀଙ୍କ ପରି ଦେଖାଯିବାକୁ ଚାହାନ୍ତି । ହିରୋଇନଙ୍କ ପରି ଦେଖାଯିବା ପାଇଁ ସେମାନଙ୍କର ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ ଟିପ୍ସକୁ ଅନୁସରଣ କରନ୍ତି । ଏହି ବିୟୁଟି ଟିପ୍ସରେ ଚୁଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥାଏ । ସେଲିବ୍ରେଟିଙ୍କ ପରି ଦେଖାଯିବାକୁ ଚୁଟିକୁ ରଙ୍ଗବେରଙ୍ଗ କରି କଲର୍ କରାନ୍ତି ଯୁବପିଢ଼ି । କିନ୍ତୁ ବାରମ୍ବାର ଚୁଟିରେ ରଙ୍ଗ କରିବା କେତେ କ୍ଷତିକାରକ ଆପଣ ଜାଣିଛନ୍ତି କି ? ୬ ମାସ ପୂର୍ବରୁ ଚୀନରେ ଏକ ଏମିତି ଘଟଣା ଘଟିଥିଲା ଯାହା ସେଠାକାର ଯୁବପିଢ଼ିଙ୍କୁ ଭୟଭୀତ କରିଥିଲା । ଜଣେ ୨୦ ବର୍ଷୀୟା ଝିଅ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି ଦେଖାଯିବା ପାଇଁ କେମିତି ଚୁଟି ରଙ୍ଗ କରି କିଡନି ରୋଗରେ ପୀଡ଼ିତ ହେଲେ ତାହା ସମସ୍ତଙ୍କୁ ଚକିତ କରିଥିଲା। ବାରମ୍ବାର ଚୁଟି କଲର୍ କରିବା ପରେ ଯେତେବେଳେ ଶରୀରରେ ସମସ୍ୟା ସୃଷ୍ଟି ହେଲା ଝିଅଟି ଡାକ୍ତରଖାନାକୁ ଯାଇଥିଲେ ସେଠାରେ ତାଙ୍କର କିଡନି ଖରାପ ଥିଲା ବୋଲି ଜଣାପଡ଼ିଥିଲା । ହୁଆ ନାମକ ୨୦ ବର୍ଷୀୟ ଯୁବତୀ ପ୍ରତି ମାସରେ ସାଲୁନକୁ ଯାଇ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି କେଶ ରଙ୍ଗ କରୁଥିଲେ। କିଛି ସମୟ ପରେ ସେ ପେଟ ଏବଂ ଗଣ୍ଠି ଯନ୍ତ୍ରଣାରେ ପୀଡ଼ିତ ହେଲେ । ତାଙ୍କ ଗୋଡ଼ରେ ଲାଲ ଦାଗ ହେବାକୁ ଲାଗିଲା । ଯେତେବେଳେ ସେ ଡାକ୍ତରଙ୍କ ପାଖକୁ ଗଲେ ତାଙ୍କୁ କିଡନି ରୋଗ ହୋଇଥିବା ଜଣାପଡ଼ିଲା । ଚୀନର ଝେଙ୍ଗଝୋ ପିପୁଲ୍ସ ହସ୍ପିଟାଲର ଡାକ୍ତର ତାଓ ଚେନୟାଙ୍ଗ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥାକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ବାରମ୍ବାର କେଶ ରଙ୍ଗ କରିବା ଦ୍ୱାରା ଶରୀରରେ ମୁଣ୍ଡ ମାଧ୍ୟମରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ ଯାହା ଫୁସଫୁସ୍ ଏବଂ କିଡନିକୁ କ୍ଷତି ପହଞ୍ଚାଇ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ। ବଜାରରେ ମିଳୁଥିବା ଅନେକ ରଙ୍ଗ ଏବଂ ରଙ୍ଗରେ ସୀସା ଓ ପାରଦ ଭଳି ବିପଦଜନକ ଉପାଦାନ ରହିଛି । କୋରିଆନ୍ ପପ୍ ଷ୍ଟାରଙ୍କୁ ଫଲୋ କରି ଝିଅଟି ନିଜ ଲୁକ୍ ଏବଂ ପ୍ରମୋସନ୍ ପାଇଁ କେଶର ରଙ୍ଗ ପରିବର୍ତ୍ତନ କରୁଥିଲେ । ଏହା ପୂର୍ବରୁ ଆମେରିକାରେ ପୂର୍ବତନ ହେୟାରଷ୍ଟାଇଲିଷ୍ଟ ହେକ୍ଟର କର୍ଭେରା ୨୦୨୫ ପ୍ରାରମ୍ଭରେ ଲସ୍ ଆଞ୍ଜେଲସରେ ୧୦ଟି କମ୍ପାନି ବିରୁଦ୍ଧରେ ଅଭିଯୋଗ ଆଣିଥିଲେ । ସେ ଦାବି କରିଥିଲେ ଯେ ଚୁଟି ରଙ୍ଗ କରିବା ପରେ ତାଙ୍କୁ କର୍କଟ ରୋଗ ସୃଷ୍ଟି କରୁଥିବା ରାସାୟନିକ ପଦାର୍ଥର ସଂସ୍ପର୍ଶରେ ଆସିବା ଯୋଗୁ ତାଙ୍କୁ ମୂତ୍ରାଶୟ କର୍କଟ ରୋଗ ହୋଇଥିଲା । ତେବେ ଆପଣ ବି ଯଦି ବାରମ୍ବାର କେଶକୁ ରଙ୍ଗ କରୁଛନ୍ତି ତେବେ ଏହି ଟିପ୍ସଗୁଡ଼ିକ ମନେ ରଖନ୍ତୁ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ ନାହିଁ।

- ♦ ରଙ୍ଗ ଲଗାଇବା ପୂର୍ବରୁ ସବୁବେଳେ ଏକ ପ୍ୟାଚ୍ ପରୀକ୍ଷା କରନ୍ତୁ । ଏହି ପରୀକ୍ଷାରେ ଚୁଟିର ଏକ ଛୋଟ ସ୍ଥାନରେ ରଙ୍ଗ ଲଗାନ୍ତୁ ଏବଂ ଯାଞ୍ଚ କରନ୍ତୁ ।
- ♦ ଚୁଟି ରଙ୍ଗ କରିବା ପୂର୍ବରୁ ତୁରନ୍ତ ଧୋଇବା ଉଚିତ୍ ନୁହେଁ କାରଣ ଏହା କେଶରେ ଥିବା ପ୍ରାକୃତିକ ତେଲକୁ ରାସାୟନିକ ପଦାର୍ଥରୁ ରକ୍ଷା କରିଥାଏ।
- ♦ ସବୁବେଳେ ଆମୋନିଆ-ମୁକ୍ତ ଏବଂ ପାରାବେନ୍-ମୁକ୍ତ କଲର୍ ବ୍ୟବହାର କରନ୍ତୁ । ଶସ୍ତା ବ୍ରାଣ୍ଡର କଲର କିଣି ଚୁଟି ସହିତ ସ୍ୱାସ୍ଥ୍ୟକୁ ମଧ୍ୟ ଖରାପ କରନ୍ତୁ ନାହିଁ ।

# ଆଖିରୁ ଜାଣନ୍ତୁ ମଧୁମେହ ଏବଂ କୋଲେଷ୍ଟ୍ରଲର ଲକ୍ଷଣ ! ପରୀକ୍ଷା ନକରି କରନ୍ତୁ ଚିହ୍ନଟ

**ଆଖିକୁ ଶରୀରର ଦର୍ପଣ କୁହାଯାଏ । କେବଳ ଦୁନିଆକୁ ଦେଖିବା ପାଇଁ ନୁହେଁ, ବରଂ ଶରୀର ଭିତରେ କେଉଁ ରୋଗ ପାଦ ଥାପୁଛି, ତାହା ମଧ୍ୟ ଆଖି ମାଧ୍ୟମରେ ଜାଣିହୁଏ । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଡାଇବେଟିସ୍ ଏବଂ ହାଇ କୋଲେଷ୍ଟ୍ରଲ୍ ଏକ ସାଧାରଣ ସମସ୍ୟା ପାଲଟିଛି । ଅନେକ ସମୟରେ ରକ୍ତ ପରୀକ୍ଷା କରିବା ପୂର୍ବରୁ ଆମ ଆଖି କିଛି ସ୍ୱତନ୍ତ୍ର ସଙ୍କେତ ଦେଇଥାଏ, ଯାହାକୁ ଆମେ ଜାଣିବା ନିହାତି ଜରୁରୀ ।**


ସେହି ଲକ୍ଷଣଗୁଡ଼ିକ ବିଷୟରେ ଆସନ୍ତୁ ଜାଣିବା

୧. ଆଖିରୁ କୋଲେଷ୍ଟ୍ରଲ୍ ବଢ଼ିବାର ସଙ୍କେତ

ଯେତେବେଳେ ଶରୀରରେ ଖରାପ କୋଲେଷ୍ଟ୍ରଲ୍ ର ମାତ୍ରା ବଢ଼ିଯାଏ, ଏହା ରକ୍ତନଳୀରେ ଜମା ହେବାକୁ ଲାଗେ। ଏହାର ପ୍ରଭାବ ଆଖିରେ ମଧ୍ୟ ଦେଖାଯାଏ:

କର୍ଣ୍ଣିଆ ଚାରିପଟେ ଧଳା ବଳୟ : ଯଦି ଆପଣଙ୍କ ଆଖିର କଳା ଡୋଳା ବା କର୍ଣ୍ଣିଆର ଚାରିପଟେ ଧଳା, ପାଉଁଶିଆ କିମ୍ବା ନୀଳ ରଙ୍ଗର ଏକ ଗୋଲାକାର ବଳୟ ଦେଖାଯାଉଛି, ତେବେ ଏହା ହାଇ କୋଲେଷ୍ଟ୍ରଲ୍ ?ର ଏକ ପ୍ରମୁଖ ସଙ୍କେତ । ଏହା ଚର୍ବି ଜମା ହେବା କାରଣରୁ ହୋଇଥାଏ ।

ଆଖି ପତା ଉପରେ ହଳଦିଆ ଦାଗ: ଆଖିର ଉପର କିମ୍ବା ତଳ ପତା ପାଖରେ ଛୋଟ ଛୋଟ ହଳଦିଆ ରଙ୍ଗର ମାଂସଳ ପେଣ୍ଡୁଳା ବା ଦାଗ ଦେଖାଯିବା। ଏଥିରେ ଯନ୍ତ୍ରଣା ହୁଏନାହିଁ, କିନ୍ତୁ ଏହା ଶରୀରରେ



ବଢୁଥିବା ଚର୍ବି ବା କୋଲେଷ୍ଟ୍ରଲ୍‌ର ସ୍ପଷ୍ଟ ପ୍ରମାଣ।

ଦୃଷ୍ଟିଶକ୍ତି ହଠାତ୍ କମିଯିବା: କୋଲେଷ୍ଟ୍ରଲ୍ କାରଣରୁ ଆଖିକୁ ରକ୍ତ ଯୋଗାଉଥିବା ନଳୀରେ ବାଧା ସୃଷ୍ଟି ହୋଇପାରେ, ଯାହାକୁ 'ରେଟିନାଲ୍ ଆର୍ଟେରୀ ଅକ୍ଲୁଜନ' କୁହାଯାଏ । ଏହା ଦ୍ୱାରା ଜଣେ ବ୍ୟକ୍ତି ହଠାତ୍ ଦେଖିବାରେ ଅସୁବିଧା ଅନୁଭବ କରେ ।

୨. ଆଖିରୁ ଡାଇବେଟିସ୍‌ର ସଙ୍କେତ

ରକ୍ତରେ ଶର୍କରା ବା ସୁଗାରର ମାତ୍ରା ବଢ଼ିଲେ ଏହା ଆଖିର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ ନଷ୍ଟ କରିଦିଏ । ଏହାକୁ 'ଡାଇବେଟିକ୍ ରେଟିନୋପାଥି' କୁହାଯାଏ।

ଝାପ୍ସା ଦେଖାଯିବା : ଯଦି ଆପଣଙ୍କୁ ହଠାତ୍ ସବୁକିଛି ଝାପ୍ସା ଦେଖାଯାଉଛି, ତେବେ ଏହା ବଢ଼ୁଥିବା ସୁଗାରର ଲକ୍ଷଣ ହୋଇପାରେ । ରକ୍ତରେ ସୁଗାର ବଢ଼ିଲେ ଆଖିର ଲେନ୍ସ ଫୁଲିଯାଏ, ଯାହା ଫଳରେ ଦୃଷ୍ଟିଶକ୍ତି ଅସ୍ପଷ୍ଟ ହୋଇଯାଏ ।

ଆଖି ଆଗରେ କଳା ଦାଗ ଉଡ଼ିବା : ଅନେକ ସମୟରେ ଡାଇବେଟିସ୍ ରୋଗୀଙ୍କୁ ଆଖି ଆଗରେ ଛୋଟ ଛୋଟ କଳା ଦାଗ, ବିନ୍ଦୁ କିମ୍ବା ବୁଢ଼ିଆଣି ଜାଲ ଭଳି କିଛି ଉଡୁଥିବାର ଦେଖାଯାଏ । ଏହା ରେଟିନାରୁ ରକ୍ତସ୍ରାବ ହେବାର ସଙ୍କେତ ହୋଇପାରେ ।

ରଙ୍ଗ ଚିହ୍ନିବାରେ ଅସୁବିଧା: ସୁଗାର ବହୁତ ଦିନ ଧରି ଅଧିକ ରହିଲେ ବ୍ୟକ୍ତି ରଙ୍ଗ ଚିହ୍ନିବାର କ୍ଷମତା ହରାଇବାକୁ ଲାଗେ। ବିଶେଷ କରି ନୀଳ ଏବଂ ହଳଦିଆ ରଙ୍ଗ ମଧ୍ୟରେ ପାର୍ଥକ୍ୟ ବୁଝିବା କଷ୍ଟକର ହୁଏ।

ରାତିରେ ଦେଖିବାରେ କଷ୍ଟ: ମଧୁମେହ କାରଣରୁ ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ, ଯାହାଫଳରେ ଅଳ୍ପ ଆଲୁଅରେ କିମ୍ବା ରାତିରେ କୌଣସି ଜିନିଷ ସଠିକ୍ ଭାବେ ଦେଖାଯାଏ ନାହିଁ।

କ'ଣ କରିବା ଉଚିତ୍ ?

ଯଦି ଆପଣଙ୍କ ଆଖିରେ ଏହିଭଳି କୌଣସି ପରିବର୍ତ୍ତନ ଦେଖାଯାଉଛି, ତେବେ ତାକୁ ନଜରଅନ୍ଦାଜ କରନ୍ତୁ ନାହିଁ । ଜଣେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇବା ସହ ନିଜର ବ୍ଲଡ୍ ସୁଗାର ଏବଂ ଲିପିଡ୍ ପ୍ରୋଫାଇଲ୍ (କୋଲେଷ୍ଟ୍ରଲ୍) ଟେଷ୍ଟ କରାଇ ନିଅନ୍ତୁ । ଆଖିରେ ଦେଖାଯାଉଥିବା ଏହି ସଙ୍କେତଗୁଡ଼ିକ ଶରୀରର ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେଇଥାନ୍ତି।



# ଜାଣନ୍ତୁ ସକାଳ ଖାଇବାରେ କେତେ ରହିଥାଏ ପ୍ରୋଟିନ୍

ଶରୀରକୁ ସୁସ୍ଥ ରଖିବାକୁ ଜଣଙ୍କୁ ସମସ୍ତ ଭିଟାମିନ୍‌ଜାତୀୟ ଖାଦ୍ୟ ପଦାର୍ଥ ସହ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଦିନଯାକର ଖାଦ୍ୟପେୟ ଭିତରୁ ସକାଳ ଜଳଖିଆର ଗୁଣମାନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ଏହି ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ଉପରେ ନଜର ଦେବା କଥା। କାରଣ ଏହା ଟିସୁ ନିର୍ମାଣ ଓ ଶରୀରର ରକ୍ଷଣାବେକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏହା ମାଂସପେଶୀ, ଚର୍ମ, କେଶ, ଏପରିକି ଏନ୍‌ଜାଇମ୍ ଓ ହରମୋନ୍‌ର ମୂଳଦୁଆ ପକାଏ, ଯାହା ଶରୀରର ପ୍ରମୁଖ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ। ପ୍ରୋଟିନ୍ ?ଯୁକ୍ତ ଖାଦ୍ୟ ମାଂସପେଶୀ ଓ ମେଟାବୋଲିଜିମ୍ ବୃଦ୍ଧି କରିଥାଏ। ତେଣୁ ସକାଳ ଜଳଖିଆରେ ଅଧିକ ପ୍ରୋଟିନ୍ ଭଲ। ନିରାମିଷ ପନିର ଓ ଆମିଷ ଅଣ୍ଡାଠାରୁ ଭଲ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅନ୍ୟ କିଛି ହୋଇ ନପାରେ! ତେଣୁ ଏହି ଦୁଇଟି ମଧ୍ୟରୁ କେଉଁଟି ଅଧିକ ଉପାଦେୟ, ସେ ସମ୍ପର୍କରେ ଜାଣିବା ଜରୁରି।

୪୪ ଗ୍ରାମ ଓଜନର ଏକ ସିଝା ଅଣ୍ଡା ରେ ୫.୫ ଗ୍ରାମ ପ୍ରୋଟିନ୍, ୪.୨ ଗ୍ରାମ ଫ୍ୟାଟ୍, ୨୪.୬ ମିଗ୍ରା କ୍ୟାଲସିୟମ୍, ୦.୮ ମିଗ୍ରା ଲୌହ, ୫.୩ ମିଗ୍ରା ମ୍ୟାଗ୍ନେସିୟମ୍, ୮୬.୭ ମିଗ୍ରା ଫସ୍‌ଫରସ୍, ୬୦.୩ ମିଗ୍ରା ପୋଟାସିୟମ୍, ୦.୬ ମିଗ୍ରା ଜିଙ୍କ୍, ୧୬୨ ମିଗ୍ରା କୋଲେଷ୍ଟ୍ରଲ୍ ଓ ୧୩.୪ ମିଗ୍ରା ସେଲେନିୟମ୍ ଥାଏ। ଏଥିପାଇଁ ଅଣ୍ଡାକୁ ସବୁଠାରୁ ସୁସ୍ଥ ଖାଦ୍ୟ ବିକଳ୍ପ ମଧ୍ୟରୁ ଗୋଟିଏ ବୋଲି ଧରାଯାଏ।

ଅଣ୍ଡାରେ ଉଚ୍ଚ ମାନର ପ୍ରୋଟିନ୍ ଭରପୂର ଥାଏ, ଯାହା ଆପଣଙ୍କୁ ଅଧିକ ସମୟ ପାଇଁ ପେଟ ପୂରାଇ ରଖିବା ସହ ମାଂସପେଶୀ ସବଳ କରିଥାଏ। ଏହା ମଧ୍ୟ ଭିଟାମିନ୍ ବି-୧୨, ଭିଟାମିନ୍-ଡି ଓ କୋଲାଇନ୍ ଭଳି ଅତ୍ୟାବଶ୍ୟକ ଖାଦ୍ୟସାରରେ ପରିପୂର୍ଣ୍ଣ। ଅଣ୍ଡା ମସ୍ତିଷ୍କର କାର୍ଯ୍ୟକଳାପକୁ ବଢ଼ାଇ ମେଟାବୋଲିଜିମ୍ ବୃଦ୍ଧି କରେ ଓ ସମଗ୍ର ଶକ୍ତି ସ୍ତରକୁ ଉନ୍ନତ କରିଥାଏ। ଏଥିରେ ଥିବା ଲ୍ୟୁଟିନ୍ ଓ ଜିଆକ୍ସାନ୍ଥିନ୍ ଆଖିକୁ ସୁସ୍ଥ ରଖିବା ସହ ପ୍ରଦାହଠାରୁ ସୁରକ୍ଷା ଦିଏ। ଏଥିସହିତ ଅଣ୍ଡା ରେ କ୍ୟାଲୋରି କମ୍ ଥିଲେ ବି ତାହା ଅତ୍ୟନ୍ତ ପୁଷ୍ଟିକର। ତେଣୁ ଓଜନ ପରିଚାଳନା କରିଥାଏ। ଜଳଖିଆରେ ଅଣ୍ଡାସିଝା ବା ଏହାକୁ ପୋଚ୍ କରି ଖାଇବା ଭଲ। ଅଣ୍ଡାରେ ଥିବା କୋଲାଇନ୍ ସ୍ମୃତିଶକ୍ତି, ଧ୍ୟାନ ଓ ସ୍ନାୟୁର କାର୍ଯ୍ୟକଳାପରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏଥିସହିତ ଅଣ୍ଡା ଖାଇଲେ ଏଥିରେ ଥିବା ପ୍ରୋଟିନ୍ ଓ ଫ୍ୟାଟ୍ ଅଧିକ ସମୟ ପେଟକୁ ପୂରା ରଖି ଶକ୍ତିସ୍ତର ବଜାୟ ରଖିଥାଏ। କୁହାଯାଏ, ଏଥିରେ କ୍ଷୀର ପ୍ରୋଟିନ୍ ପରି ପ୍ରାୟ ସମାନ ପରିମାଣର ବ୍ରାଞ୍ଚେଡ୍-ଚେନ୍ ଆମିନୋ ଏସିଡ୍ ଥାଏ। ଏଥିରେ ଅନ୍ୟ ପ୍ରୋଟିନ୍ ଉତ୍ସ ତୁଳନାରେ ଅଧିକ ସଲଫର-ଯୁକ୍ତ ଆମିନୋ ଏସିଡ୍ ମଧ୍ୟ ରହିଛି।

୪୦ ଗ୍ରାମ କମ୍ ଚର୍ବିବିଶିଷ୍ଟ ପନିରରୁ ୭.୫୪ ଗ୍ରାମ ପ୍ରୋଟିନ୍, ୫.୮୮ ଗ୍ରାମ ଚର୍ବି, ୪.୯୬ ଗ୍ରାମ କାର୍ବୋହାଇଡ୍ରେଟ୍, ୩୭.୩୨ ମାଇକ୍ରୋଗ୍ରାମ୍ ଫୋଲେଟ୍, ୧୯୦.୪ ମିଗ୍ରା କ୍ୟାଲସିୟମ୍, ୧୩୨ ମିଗ୍ରା ଫସଫରସ୍ ଓ ୫୦ ମିଗ୍ରା ପୋଟାସିୟମ୍ ମିଳିଥାଏ। ପନିର ଆମ ଜଳଖିଆ ପାଇଁ ଭଲ। କାରଣ ଏହା ଉଚ୍ଚମାନର ପ୍ରୋଟିନ୍‌ରେ ଭରପୂର, ଯାହା ମାଂସପେଶୀକୁ ବୃଦ୍ଧି ଓ ସବଳ କରିଥାଏ। ଧୀରେ ଧୀରେ ହଜମ ହେଉଥିବାରୁ ଅଧିକ ସମୟ ପାଇଁ ପେଟପୂରା ରଖେ। ସେହିପରି କ୍ୟାଲସିୟମ୍ ଓ ଫସ୍‌ଫରସ୍ ପରିମାଣ ଅଧିକ ଥିବାରୁ ହାଡ଼ ଓ ଦାନ୍ତକୁ ମଜଭୁତ ରଖିବାରେ ଏହା ସାହାଯ୍ୟ କରେ। ତେଣୁ ବୟସ୍କମାନଙ୍କ ପାଇଁ ଖୁବ୍ ଉପାଦେୟ।

ଏଥିରେ ସୁସ୍ଥ ଚର୍ବି ମଧ୍ୟ ଥାଏ, ଯାହା ରକ୍ତ ଶର୍କରା ସ୍ତର ବୃଦ୍ଧି ନକରି ସ୍ଥିର ଶକ୍ତି ପ୍ରଦାନ କରେ। ସେହିପରି ମଧୁମେହ ରୋଗୀଙ୍କ ପାଇଁ ପନିର ଭଲ। ଭିଟାମିନ୍-ବିରେ ଭରପୂର ପନିର ମେଟାବୋଲିଜିମ୍‌କୁ ସାହାଯ୍ୟ କରେ ଓ ଏଥିରେ ସମଗ୍ର ରୋଗ ପ୍ରତିରୋଧକ ଶକ୍ତି ଥାଏ। ସକାଳ ଜଳଖିଆରେ ପନିର ପରଟା, ସାଲାଡ୍ ? କିମ୍ବା ଭାଜି ଖାଇଲେ ଏହା ଶରୀରକୁ ହାଲୁକା ରଖେ। ଏଥିସହିତ ବାତ ଓ ପିତ୍ତ ଦୋଷକୁ ସନ୍ତୁଳିତ କରିବାରେ ସହାୟକ ହୋଇଥାଏ। କେବଳ ଏତିକି ନୁହେଁ, ପନିରରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବା ଓ ହଠାତ୍ ବୃଦ୍ଧିକୁ ରୋକିଥାଏ। ପନିରରେ ଚର୍ବି (୨୨-୨୫%), ପ୍ରୋଟିନ୍ (୧୬-୧୮%) ଓ ଲାକ୍ଟୋଜ୍ (୨.୦-୨.୭%) ଥାଏ।

# ସୁରକ୍ଷିତ ଯାତ୍ରା ସାମ୍ବିଧାନିକ ଅଧିକାର: ରାଜପଥ ସୁରକ୍ଷା ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ କଡ଼ା ବାର୍ତ୍ତା

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ସଡ଼କ ସୁରକ୍ଷା ଏବଂ ନାଗରିକମାନଙ୍କର ମୌଳିକ ଅଧିକାରକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ବିଚାରପତି ଜେ କେ ମାହେଶ୍ୱରୀ ଏବଂ ଅତୁଲ ଏସ ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଜାତୀୟ ରାଜପଥଗୁଡ଼ିକରେ ସୁରକ୍ଷିତ ଯାତ୍ରା କରିବା କେବଳ ଏକ ସାଧାରଣ ସୁବିଧା ନୁହେଁ, ବରଂ ଏହା ଭାରତୀୟ ସମ୍ବିଧାନର ଧାରା ୨୧ ଅଧୀନରେ ଥିବା ଜୀବନ ଧାରଣର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହି ନିଷ୍ପତ୍ତି ଏକ ଆଇନଗତ ବ୍ୟାଖ୍ୟା ହେବା ସହିତ ରାଷ୍ଟ୍ରର ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଦିଗଦର୍ଶନ ମଧ୍ୟ ଅଟେ । ଦେଶର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ସଡ଼କ ଦୁର୍ଘଟଣା ଏବଂ ସେଥିରେ ଝରି ପଡୁଥିବା ଜୀବନକୁ ଦୃଷ୍ଟିରେ ରଖି ନ୍ୟାୟାଳୟଙ୍କ ଏହି ହସ୍ତକ୍ଷେପ ଅତ୍ୟନ୍ତ ସମୟୋପଯୋଗୀ ଅଟେ । ସମ୍ବିଧାନ ନାଗରିକମାନଙ୍କୁ ଯେଉଁ ଜୀବନ ଧାରଣର ଅଧିକାର ପ୍ରଦାନ କରିଛି, ତାହାର ଅର୍ଥ କେବଳ ଶାରୀରିକ ଭାବେ ବଞ୍ଚି ରହିବା ନୁହେଁ, ବରଂ ଏକ ସୁରକ୍ଷିତ ଏବଂ ଭୟମୁକ୍ତ ପରିବେଶରେ ବଞ୍ଚିବା । ଅତୀତରେ ସର୍ବୋଚ୍ଚ ନ୍ୟାୟାଳୟ ଧାରା ୨୧ ର ପରିସରକୁ ବୃଦ୍ଧି କରି ଏଥିରେ ବିଶୁଦ୍ଧ ବାୟୁ, ସ୍ୱାସ୍ଥ୍ୟ ଏବଂ ଗୋପନୀୟତାର ଅଧିକାରକୁ ସାମିଲ କରିଥିଲେ । ବର୍ତ୍ତମାନ ସୁରକ୍ଷିତ ଯାତ୍ରାକୁ ଏହି ପରିସରଭୁକ୍ତ କରିବା ପ୍ରମାଣିତ କରୁଛି ଯେ ରାଜପଥରେ ଯାତ୍ରା କରୁଥିବା ସମୟରେ କୌଣସି ବ୍ୟକ୍ତିର ସୁରକ୍ଷା ନିଶ୍ଚିତ କରିବା ରାଷ୍ଟ୍ରର ଏକ ପ୍ରାଥମିକ ଦାୟିତ୍ୱ ଅଟେ। ଏହି ରାୟ ମାଧ୍ୟମରେ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ପ୍ରଶାସନିକ ଅବହେଳା କିମ୍ବା ଭିତ୍ତିଭୂମିଗତ ତ୍ରୁଟି କାରଣରୁ ଯଦି କୌଣସି ଜୀବନ ଯାଏ, ତେବେ ତାହା ରାଷ୍ଟ୍ରର ସୁରକ୍ଷା ବ୍ୟବସ୍ଥାର ବିଫଳତାକୁ ଦର୍ଶାଏ ।

ପରିସଂଖ୍ୟାନ ଏବଂ ତଥ୍ୟ ଉପରେ ଦୃଷ୍ଟି ପକାଇଲେ ପରିସ୍ଥିତିର ବାସ୍ତବ ଚିତ୍ର ସ୍ପଷ୍ଟ ହୋଇଯାଏ । ସର୍ବୋଚ୍ଚ ନ୍ୟାୟାଳୟ ନିଜ ଆଦେଶରେ ଉଲ୍ଲେଖ କରିଛନ୍ତି ଯେ ଭାରତର ସମୁଦାୟ ସଡ଼କ ନେଟୱାର୍କର ମାତ୍ର ଦୁଇ ପ୍ରତିଶତ ହେଉଛି ଜାତୀୟ ରାଜପଥ । କିନ୍ତୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଦେଶରେ ଘଟୁଥିବା ସମୁଦାୟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟରୁ ପ୍ରାୟ ତିରିଶ ପ୍ରତିଶତ କେବଳ ଏହି ଜାତୀୟ ରାଜପଥଗୁଡ଼ିକରେ ହିଁ ଘଟିଥାଏ। ବିଶ୍ୱ ସ୍ତରୀୟ ରିପୋର୍ଟ ଅନୁଯାୟୀ ଭାରତରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଯାନବାହନ ଥିବା ବେଳେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ବିଶ୍ୱର ପ୍ରାୟ ଦଶ ପ୍ରତିଶତ ଅଟେ । ଏହି ପରିସଂଖ୍ୟାନ ପ୍ରମାଣ କରୁଛି ଯେ ଆମର ରାଜପଥଗୁଡ଼ିକ ଯାତ୍ରୀମାନଙ୍କ ପାଇଁ କେତେ ବିପଦପୂର୍ଣ୍ଣ ପାଲଟିଛି । ଉଚ୍ଚ ଗତିସମ୍ପନ୍ନ ଏକ୍ସପ୍ରେସୱେ ଏବଂ ଜାତୀୟ ରାଜପଥଗୁଡ଼ିକ ଦେଶର ଅର୍ଥନୈତିକ ବିକାଶ ଏବଂ ଯୋଗାଯୋଗର ମୁଖ୍ୟ ମାଧ୍ୟମ ଅଟେ । କିନ୍ତୁ ପ୍ରଶାସନିକ ନିଷ୍କ୍ରିୟତା, ଦାୟିତ୍ୱହୀନତା ଏବଂ ନିୟମର କୋହଳ ଅନୁପାଳନ କାରଣରୁ ଏହି ରାସ୍ତାଗୁଡ଼ିକ ଅନେକ ସମୟରେ ଅସୁରକ୍ଷିତ ହୋଇପଡୁଛି । ବେଆଇନ ପାର୍କିଂ, ରାସ୍ତା କଡ଼ରେ ଗଢ଼ି ଉଠୁଥିବା ଅନଧିକୃତ ଢାବା ଓ ହୋଟେଲ, ବ୍ଲାଇଣ୍ଡ ସ୍ପଟ୍ କିମ୍ବା ଅନ୍ଧ ବାଙ୍କଗୁଡ଼ିକର ଅଣଦେଖା ଏବଂ ରାସ୍ତାର ରକ୍ଷଣାବେକ୍ଷଣରେ ତ୍ରୁଟି ଆଦି କାରଣରୁ ଏହି ଦୁର୍ଘଟଣାଗୁଡ଼ିକ ଘଟୁଛି । ଏହା କେବଳ ଜୀବନହାନି ଘଟାଉନାହିଁ, ବରଂ ଦେଶର ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି । ବିଭିନ୍ନ ଅଧ୍ୟୟନ ଅନୁଯାୟୀ, ସଡ଼କ ଦୁର୍ଘଟଣା କାରଣରୁ ଭାରତ ପ୍ରତିବର୍ଷ ନିଜର ଜିଡିପିର ଏକ ବଡ଼ ଅଂଶ ହରାଉଛି । ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ଅନେକ ପରିବାରକୁ ଆର୍ଥିକ ସଙ୍କଟ ଆଡ଼କୁ ଠେଲି ଦେଉଛି । ଏହି ସବୁ କାରଣଗୁଡ଼ିକ ମଣିଷକୃତ ଏବଂ ଏଗୁଡ଼ିକୁ ପ୍ରଶାସନିକ ତତ୍ପରତା ମାଧ୍ୟମରେ ଏଡ଼ାଇ ଦିଆଯାଇପାରିବ । ତେଣୁ ନ୍ୟାୟାଳୟଙ୍କ ଏହି ବିଶ୍ଳେଷଣ ଅତ୍ୟନ୍ତ ଯଥାର୍ଥ ଯେ ଏକ ରାଜପଥ କେବେହେଲେ ପ୍ରଶାସନିକ ଅବହେଳା କାରଣରୁ ବିପଦର କାରଣ ପାଲଟିବା ଉଚିତ ନୁହେଁ ।

ଏହି ଆଦେଶର ପୃଷ୍ଠଭୂମିରେ ରହିଛି ଗତ ବର୍ଷ ନଭେମ୍ବର ମାସରେ ଘଟିଥିବା ଦୁଇଟି ସଡ଼କ ଦୁର୍ଘଟଣା, ଯାହାକୁ ଭିତ୍ତି କରି ସର୍ବୋଚ୍ଚ ନ୍ୟାୟାଳୟ ସ୍ୱତଃପ୍ରବୃତ୍ତ ଭାବେ ଏହି ମାମଲାର ବିଚାର କରିଥିଲେ । ନଭେମ୍ବର ୨ ତାରିଖରେ ରାଜସ୍ଥାନର ଫାଲୋଡି ସ୍ଥିତ ଭାରତମାଳା ରାଜପଥରେ ଏକ ଢାବା ସମ୍ମୁଖରେ ବେଆଇନ ଭାବେ ପାର୍କିଂ କରାଯାଇଥିବା ଏକ ଟ୍ରକକୁ ଏକ ଟେମ୍ପୋ ଟ୍ରାଭେଲର ଧକ୍କା ଦେଇଥିଲା । ଏହି ଟେମ୍ପୋରେ ଯୋଧପୁରରୁ ବିକାନେର ଅଭିମୁଖେ ଯାଉଥିବା ମହିଳା ଏବଂ ଶିଶୁମାନେ ଥିଲେ । ଏହି ଦୁର୍ଘଟଣାରେ ୧୫ ଜଣ ଲୋକଙ୍କର ପ୍ରାଣହାନି ଘଟିଥିଲା । ଏହାର ଠିକ୍ ପରଦିନ, ଅର୍ଥାତ୍ ନଭେମ୍ବର ୩ ତାରିଖରେ ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଅଞ୍ଚଳରେ ୧୬୩ ନମ୍ବର ଜାତୀୟ ରାଜପଥରେ ଏକ ଖାଲକୁ ଏଡ଼ାଇବାକୁ ଯାଇ ଏକ ଲରି ଏବଂ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଘଟଣାରେ ଏକ ତିନି ମାସର ଶିଶୁ କନ୍ୟା ସମେତ ୧୯ ଜଣଙ୍କର ମୃତ୍ୟୁ ହୋଇଥିଲା । ମାତ୍ର ଦୁଇ ଦିନ ମଧ୍ୟରେ ଦୁଇଟି ପୃଥକ ଦୁର୍ଘଟଣାରେ ୩୪ ଜଣଙ୍କର ମୃତ୍ୟୁ ସାଧାରଣରେ ଉଦବେଗ ସୃଷ୍ଟି କରିଥିଲା । ଏହି ଦୁଇଟି ଯାକ ଘଟଣା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ କିପରି ରାସ୍ତା କଡ଼ରେ ବେଆଇନ ପାର୍କିଂ ଏବଂ ରାସ୍ତାର ଖରାପ ଅବସ୍ଥା ଲୋକଙ୍କ ଜୀବନ ନେଉଛି । ବିଶେଷକରି ରାତି ସମୟରେ ରାଜପଥ କଡ଼ରେ ଥିବା ଢାବା କିମ୍ବା ଭୋଜନାଳୟଗୁଡ଼ିକ ପାଖରେ ଅନିୟନ୍ତ୍ରିତ ଭାବେ ଗାଡ଼ିଗୁଡ଼ିକୁ ରଖିବା ଦ୍ୱାରା ଅନ୍ୟ ଦ୍ରୁତଗାମୀ ଯାନଗୁଡ଼ିକ ପାଇଁ ଏହା ଏକ ବଡ଼ ବିପଦ ପାଲଟିଯାଉଛି । ରାସ୍ତାରେ ଥିବା ଖାଲଖମା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏହା ରକ୍ଷଣାବେକ୍ଷଣ କରୁଥିବା କର୍ତ୍ତୃପକ୍ଷଙ୍କ ଅବହେଳାର ପ୍ରତୀକ ଅଟେ ।

ଏହି ପରିସ୍ଥିତିର ମୁକାବିଲା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କେତେକ ସ୍ପଷ୍ଟ ଏବଂ କଠୋର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ପ୍ରଥମତଃ, କୌଣସି ବି ଜାତୀୟ ରାଜପଥର ରାଇଟ୍ ଅଫ୍ ୱେ କିମ୍ବା ରାସ୍ତା ଅଧିକାର କ୍ଷେତ୍ର ମଧ୍ୟରେ କୌଣସି ନୂତନ ଢାବା, ଭୋଜନାଳୟ କିମ୍ବା ବ୍ୟାବସାୟିକ ପ୍ରତିଷ୍ଠାନ ନିର୍ମାଣ କିମ୍ବା ପରିଚାଳନା ଉପରେ ନ୍ୟାୟାଳୟ ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି । ଦ୍ୱିତୀୟତଃ, କୌଣସି ଭାରୀ ଯାନ କିମ୍ବା ବ୍ୟାବସାୟିକ ଯାନ ଜାତୀୟ ରାଜପଥ, କ୍ୟାରେଜୱେ କିମ୍ବା ପକ୍କା ସୋଲ୍ଡର ଉପରେ ପାର୍କିଂ କରିପାରିବେ ନାହିଁ । ସେମାନଙ୍କୁ କେବଳ ନିର୍ଦ୍ଧାରିତ ପାର୍କିଂ ବେ, ଲେ-ବାଏ କିମ୍ବା ରାସ୍ତା କଡ଼ରେ ଥିବା ସ୍ୱତନ୍ତ୍ର ସୁବିଧା କେନ୍ଦ୍ରଗୁଡ଼ିକରେ ହିଁ ଗାଡ଼ି ରଖିବାକୁ ଅନୁମତି ମିଳିବ । ଏହା ସହିତ, ନ୍ୟାୟାଳୟ ଦେଶର ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ଆଗାମୀ ୬୦ ଦିନ ମଧ୍ୟରେ ନିଜ ନିଜ ଅଞ୍ଚଳରେ ଥିବା ସମସ୍ତ ବେଆଇନ ଏବଂ ଅନଧିକୃତ ନିର୍ମାଣଗୁଡ଼ିକୁ ହଟାଇଦେବେ । ଏହି ନିର୍ଦ୍ଦେଶ ମାଧ୍ୟମରେ ନ୍ୟାୟାଳୟ ଦାୟିତ୍ୱକୁ ସିଧାସଳଖ ଜିଲ୍ଲାପାଳମାନଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ କିମ୍ବା ପୂର୍ତ୍ତ ବିଭାଗର ପୂର୍ବ ଅନୁମୋଦନ ବିନା କୌଣସି ସରକାରୀ ବିଭାଗ, କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ନିକାୟ ରାଜପଥ ସୁରକ୍ଷା ଜୋନ୍ ମଧ୍ୟରେ କୌଣସି ସ୍ଥାନ ପାଇଁ ଲାଇସେନ୍ସ କିମ୍ବା ବାଣିଜ୍ୟିକ ଅନୁମୋଦନ ପ୍ରଦାନ କରିପାରିବେ ନାହିଁ ବୋଲି ତାଗିଦ କରାଯାଇଛି । ସର୍ବୋପରି, ତୃଣମୂଳ ସ୍ତରରେ ଏହି ନିୟମଗୁଡ଼ିକର କଡ଼ାକଡ଼ି ପାଳନ ଏବଂ ତଦାରଖ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଏକ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ଗଠନ କରିବାକୁ ନ୍ୟାୟାଳୟ ଆଦେଶ ଦେଇଛନ୍ତି। ଏହି ଟାସ୍କ ଫୋର୍ସର ଗଠନ ପ୍ରମାଣିତ କରୁଛି ଯେ ନ୍ୟାୟାଳୟ କେବଳ ଆଦେଶ ଦେଇ ସୀମିତ ରହିବାକୁ ଚାହୁଁନାହାଁନ୍ତି, ବରଂ ଏହାର ବାସ୍ତବ ରୂପାୟନ ଚାହୁଁଛନ୍ତି ।

ନ୍ୟାୟାଳୟଙ୍କ ଏହି ଆଦେଶକୁ ଏକ ବ୍ୟାପକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଏହା ବ୍ୟବସ୍ଥାଗତ ପରିବର୍ତ୍ତନ ପାଇଁ ଏକ ଦୃଢ଼ ପଦକ୍ଷେପ । ଦୀର୍ଘ ଦିନ ଧରି ଆମ ଦେଶରେ ସଡ଼କ ଦୁର୍ଘଟଣାକୁ କେବଳ ଏକ ଆକସ୍ମିକ ଘଟଣା କିମ୍ବା ଦୁର୍ଭାଗ୍ୟ ଭାବରେ ଗ୍ରହଣ କରାଯାଉଥିଲା । କିନ୍ତୁ ଏହି ରାୟ ପ୍ରମାଣିତ କରୁଛି ଯେ ଅଧିକାଂଶ ଦୁର୍ଘଟଣା ପଛରେ ପ୍ରଶାସନିକ ତ୍ରୁଟି ଏବଂ ନିୟମର ଉଲ୍ଲଙ୍ଘନ ହିଁ ମୁଖ୍ୟ କାରଣ । ରାଜପଥ କଡ଼ରେ ଗଢ଼ି ଉଠୁଥିବା ଢାବା ଏବଂ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ଅନେକ ଲୋକଙ୍କ ଜୀବିକାର ମାଧ୍ୟମ ହୋଇଥିଲେ ମଧ୍ୟ, ଏହା ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଅନୁଚିତ । ବ୍ୟାବସାୟିକ ସ୍ୱାର୍ଥ ଏବଂ ମାନବ ଜୀବନର ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନିତାନ୍ତ ଆବଶ୍ୟକ, ଏବଂ ଏହି କ୍ଷେତ୍ରରେ ମାନବ ଜୀବନର ମୂଲ୍ୟ ସର୍ବାଗ୍ରେ ରହିବା ଉଚିତ । ଯେତେବେଳେ ଜଣେ ଯାତ୍ରୀ ଟୋଲ୍ ଗେଟରେ ଟିକସ ପ୍ରଦାନ କରନ୍ତି, ସେତେବେଳେ ସରକାର ଏବଂ ଯାତ୍ରୀଙ୍କ ମଧ୍ୟରେ ଏକ ପ୍ରକାରର ଚୁକ୍ତି ସ୍ୱାକ୍ଷରିତ ହୁଏ ଯେ ତାଙ୍କୁ ଏକ ସୁରକ୍ଷିତ ଏବଂ ବାଧାମୁକ୍ତ ରାସ୍ତା ପ୍ରଦାନ କରାଯିବ । ଜାତୀୟ ରାଜପଥ ପ୍ରାଧିକରଣ, ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବେଆଇନ ଅତିକ୍ରମଣ ଏବଂ ପାର୍କିଂ ବୃଦ୍ଧି ପାଉଛି । ଜାତୀୟ ରାଜପଥ ପ୍ରାଧିକରଣ କୋଟି କୋଟି ଟଙ୍କା ବ୍ୟୟ କରି ରାସ୍ତା ନିର୍ମାଣ କରୁଛି, କିନ୍ତୁ ନିର୍ମାଣ ପରେ ଏହାର ସୁରକ୍ଷା ଦିଗ ପ୍ରତି ଆଖିବୁଜି ଦେଉଛି । ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଏବେ ପ୍ରଶାସନିକ ଅଧିକାରୀମାନଙ୍କୁ ନିଜର ଦାୟିତ୍ୱ ପ୍ରତି ଅଧିକ ଜବାବଦେହୀ ହେବାକୁ ପଡ଼ିବ । ରାସ୍ତାର ରକ୍ଷଣାବେକ୍ଷଣ, ଖାଲଖମା ମରାମତି ଏବଂ ସଠିକ୍ ସାଇନବୋର୍ଡ ଲଗାଇବା ଦିଗରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସକ୍ରିୟ ହେବାକୁ ପଡ଼ିବ । ସରକାରଙ୍କୁ ବୁଝିବାକୁ ହେବ ଯେ ଜୀବନ ରକ୍ଷା କରିବା କେବଳ ଏକ ନୈତିକ ଦାୟିତ୍ୱ ନୁହେଁ, ବରଂ ଏହା ଏକ ସାମ୍ବିଧାନିକ କର୍ତ୍ତବ୍ୟ।

ଏହି ରାୟର ସଫଳତା କେବଳ ନ୍ୟାୟାଳୟଙ୍କ ଆଦେଶ ଉପରେ ନିର୍ଭର କରେ ନାହିଁ, ବରଂ ଏହାର ସଠିକ୍ କାର୍ଯ୍ୟକାରିତା ଉପରେ ନିର୍ଭରଶୀଳ । ଅତୀତରେ ମଧ୍ୟ ସଡ଼କ ସୁରକ୍ଷାକୁ ନେଇ ଅନେକ ନିୟମ ଏବଂ ଆଇନ ପ୍ରଣୟନ କରାଯାଇଛି, କିନ୍ତୁ କ୍ଷେତ୍ର ସ୍ତରରେ ସେଗୁଡ଼ିକର ଅନୁପାଳନ ଆଶାନୁରୂପ ହୋଇପାରିନାହିଁ । ଜିଲ୍ଲା ସ୍ତରରେ ଗଠିତ ହେବାକୁ ଥିବା ଟାସ୍କ ଫୋର୍ସଗୁଡ଼ିକୁ କେବଳ କାଗଜପତ୍ରରେ ସୀମିତ ନରଖି ସେମାନଙ୍କୁ ପର୍ଯ୍ୟାପ୍ତ କ୍ଷମତା ଏବଂ ସମ୍ବଳ ପ୍ରଦାନ କରାଯିବା ଆବଶ୍ୟକ। ଏହି ଟାସ୍କ ଫୋର୍ସରେ କେବଳ ପୋଲିସ କିମ୍ବା ପୂର୍ତ୍ତ ବିଭାଗର ଅଧିକାରୀ ନରହି ସ୍ୱାସ୍ଥ୍ୟ ବିଭାଗ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ମଧ୍ୟ ସାମିଲ କରାଯିବା ଉଚିତ, ଯାହାଦ୍ୱାରା ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିବ । ନିୟମିତ ପେଟ୍ରୋଲିଂ, ବେଆଇନ ପାର୍କିଂ ଉପରେ କଡ଼ା ଜୋରିମାନା ଏବଂ ଦୁର୍ନୀତିମୁକ୍ତ ପ୍ରଶାସନ ହିଁ ଏହି ସମସ୍ୟାର ସ୍ଥାୟୀ ସମାଧାନ ଆଣିପାରିବ । ଏହା ସହିତ ସାଧାରଣ ଜନତା, ବିଶେଷ କରି ଭାରୀ ଯାନ ଚାଳକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କୁ ନିର୍ଦ୍ଧାରିତ ସ୍ଥାନରେ ଗାଡ଼ି ପାର୍କିଂ କରିବାର ଗୁରୁତ୍ୱ ଏବଂ ରାତି ସମୟରେ ବିଶ୍ରାମ ନେବାର ଆବଶ୍ୟକତା ସମ୍ପର୍କରେ ଶିକ୍ଷିତ କରିବାକୁ ପଡ଼ିବ । ସରକାରଙ୍କୁ ମଧ୍ୟ ରାଜପଥ କଡ଼ରେ ପର୍ଯ୍ୟାପ୍ତ ପରିମାଣର ବୈଧ ପାର୍କିଂ ସ୍ଥାନ ଏବଂ ଟ୍ରକ୍ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରିବା ଦିଗରେ ପୁଞ୍ଜି ନିବେଶ କରିବାକୁ ହେବ, ଯାହାଦ୍ୱାରା ସେମାନେ ବାଧ୍ୟ ହୋଇ ବେଆଇନ ଭାବେ ରାସ୍ତା କଡ଼ରେ ଗାଡ଼ି ରଖିବେ ନାହିଁ। ଯେପର୍ଯ୍ୟନ୍ତ ସରକାର ବୈଧ ବିକଳ୍ପ ପ୍ରଦାନ ନକରିଛନ୍ତି, ସେପର୍ଯ୍ୟନ୍ତ କେବଳ ଜୋରିମାନା ଆଦାୟ କରି ସମସ୍ୟାର ସମାଧାନ ହୋଇପାରିବ ନାହିଁ ।

ପରିଶେଷରେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ସଡ଼କ ସୁରକ୍ଷା କ୍ଷେତ୍ରରେ ଏକ ବାସ୍ତବବାଦୀ ଏବଂ ଗଠନମୂଳକ ପଦକ୍ଷେପ ଅଟେ । ଏହା ପ୍ରମାଣିତ କରେ ଯେ ନାଗରିକମାନଙ୍କର ଜୀବନର ମୂଲ୍ୟ କୌଣସି ବି ପ୍ରଶାସନିକ ବାହାନା କିମ୍ବା ବ୍ୟାବସାୟିକ ଲାଭଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ । ଆସନ୍ତା ଜୁନ୍ ୨୦୨୬ ରେ ନ୍ୟାୟାଳୟ ପୁଣି ଥରେ ଏହି ମାମଲାର ଶୁଣାଣି କରିବେ ଏବଂ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିବେ । ତେଣୁ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସମସ୍ତ ସମ୍ପୃକ୍ତ ବିଭାଗଗୁଡ଼ିକ ପାଇଁ ଏହା ଏକ ବଡ଼ ଆହ୍ୱାନ ସଦୃଶ । ଯଦି ଆମେ ପ୍ରକୃତରେ ଆମର ରାଜପଥଗୁଡ଼ିକୁ ବିପଦମୁକ୍ତ କରିବାକୁ ଚାହୁଁଛୁ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନ ପ୍ରଦତ୍ତ ସୁରକ୍ଷିତ ଜୀବନ ଧାରଣର ଅଧିକାର ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ, ତେବେ ଏହି ଆଦେଶର ଅକ୍ଷରେ ଅକ୍ଷରେ ପାଳନ ହେବା ଅପରିହାର୍ଯ୍ୟ । ଏକ ସୁରକ୍ଷିତ ଯାତ୍ରା କେବଳ ଏକ ଆଶା ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କର ମୌଳିକ ଅଧିକାର, ଏବଂ ଏହି ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ସମସ୍ତଙ୍କର ସାମୂହିକ ପ୍ରୟାସ ଏକାନ୍ତ କାମ୍ୟ । ସଡ଼କ ସୁରକ୍ଷାକୁ ଏକ ଜାତୀୟ ପ୍ରାଥମିକତା ଭାବରେ ଗ୍ରହଣ କରିବା ଦ୍ୱାରା ହିଁ ଆମେ ପ୍ରତିବର୍ଷ ରାଜପଥରେ ଅକାଳରେ ଯାଉଥିବା ହଜାର ହଜାର ଅମୂଲ୍ୟ ଜୀବନକୁ ରକ୍ଷା କରିପାରିବା ।

# ଆପ୍‌ରୁ ସାଂସଦଙ୍କ ଦଳ ବଦଳ ବିଜେପିକୁ ଫାଇଦା



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମ ଆଦମୀ ପାର୍ଟି (AAP)ର ରାଘବ ଚଢାଙ୍କ ସମେତ ସାତ ଜଣ ସାଂସଦଙ୍କ ବିଦ୍ରୋହ ଓ ସେମାନଙ୍କ ଭାରତୀୟ ଜନତା ପାର୍ଟି (BJP)ରେ ଯୋଗଦାନ, ବର୍ତ୍ତମାନ ଭାରତ ରାଜନୈତିକ ଘଟଣା ମଧ୍ୟରେ ଏକ ପ୍ରମୁଖ ଘଟଣା ଓ ଏହା ଭାରତୀୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ମାର୍ଗ ଖୋଲି ଦେଇଛି। ଏହି ଘଟଣାଟି ବର୍ତ୍ତମାନ ଅନେକ ବାର୍ତ୍ତା ବହନ କରେ। ଆମେ ଜାଣିଛନ୍ତି ଭାରତୀୟ ରାଜନୀତି ସର୍ବଦା ସକ୍ରିୟ ଏବଂ ପରିବର୍ତ୍ତନଶୀଳ। ଆମେମାନେ ବିଭିନ୍ନ ସମୟରେ ନୂତନ ଦଳ ଗଠନ, ପୁରୁଣା ଦଳର ପତନ ଏବଂ ନେତାଙ୍କ ପରିବର୍ତ୍ତନର ସାକ୍ଷୀ। ଯଦି ନିଜକୁ ସତ୍ୟ ଏବଂ ପରିବର୍ତ୍ତନର ପ୍ରତୀକ ଭାବରେ ଘୋଷଣା କରି ପ୍ରଥମେ ଉଭା ହୋଇଥିବା ଆପ୍ ଭଳି ଦଳ ଭିତରେ ଏହିପରି ବିଦ୍ରୋହର ସମ୍ମୁଖୀନ ହୁଏ, ତେବେ ଏହା ସମଗ୍ର ଦେଶ ତଥା ଦୁନିଆକୁ ଏକ ଗମ୍ଭୀର ବାର୍ତ୍ତା ପଠାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଆପ୍ ଦଳର ଗଠନ ଦୁର୍ନୀତି ବିରୋଧୀ ଆନ୍ଦୋଳନର ଫଳାଫଳ ସହ ଜଡିତ। ଏହା ସାଧାରଣ ଲୋକଙ୍କ ଆଶା ଏବଂ ଆକାଂକ୍ଷାକୁ ପ୍ରତିଫଳିତ କରିଥିଲା। ଦଳର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ସ୍ୱଚ୍ଛ ଶାସନ ପ୍ରଦାନ କରିବା, ପ୍ରତିଶ୍ରୁତି ପୂରଣ କରିବା ଏବଂ ରାସ୍ତା, ଶିକ୍ଷା ଏବଂ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା। ତଥାପି, ଯେତେବେଳେ ଏକ ଦଳ ଧୀରେ ଧୀରେ ବଢ଼େ ସେଠି ମତଭେଦ ହେବା ସାଧାରଣ ଘଟଣା। ରାଘବ ଚଢା ଆପ୍ ଦଳର ଜଣେ ଯୁବ ଏବଂ ପ୍ରଭାବଶାଳୀ ନେତା। ସେ ଉକ୍ତ ଦଳର ଆର୍ଥିକ ଏବଂ ନୀତିଗତ ଆଲୋଚନାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଯୁବ ପିଢ଼ିଙ୍କ ମଧ୍ୟରେ ମଧ୍ୟ ବହୁତ ଲୋକପ୍ରିୟ। ଯଦି ରାଘବ ଚଢା ଏବଂ ଅନ୍ୟ ଆପ୍ ସାଂସଦମାନେ ଏହି ନିକଟରେ ଦଳ ଛାଡିଛନ୍ତି, ତେବେ ଏହା ବିସ୍ମୟକର ଓ ଏଥିପାଇଁ ଅନେକ କାରଣ ଥାଇପାରେ। ଯେପରିକି ଦଳ ଭିତରେ ଅସନ୍ତୋଷ, ନେତୃତ୍ୱ ଶୈଳୀ ସହିତ ମତଭେଦ ଏବଂ ରାଜନୈତିକ ଭବିଷ୍ୟତ ପାଇଁ ଏକ ନୂତନ ସୁଯୋଗ ମାନ ହୋଇପାରେ । ସାତ ଜଣ ସାଂସଦଙ୍କ ଏକସଙ୍ଗେ ଦଳ ଛାଡିବା ନିଶ୍ଚିତ ଭାବରେ ଆପ୍ ଦଳ ସହିତ ବିଭିନ୍ନ ରାଜନୈତିକ ଦଳ ପାଇଁ ଏକ ଗମ୍ଭୀର ସଙ୍କେତ ଦିଏ । ଏହା ପଛରେ ରହସ୍ୟ ଯୁକ୍ତ ଆଭ୍ୟନ୍ତରୀଣ କାରଣ ଥାଇପାରେ। ଯେପରିକି ନେତୃତ୍ୱ ସମସ୍ୟା, ବରିଷ୍ଠ ଦଳର ନେତାଙ୍କ ସହିତ ମତଭେଦ, ଦଳର ବିଭିନ୍ନ ଦିଗ ପ୍ରତି ଅସନ୍ତୋଷ ଏବଂ ଆପ୍ ଦଳ ତାହାର ବିଚାରଧାରାରୁ ବିଚ୍ୟୁତ ହୋଇଛି ବୋଲି ପୂର୍ବାନୁମାନ କରାଯାଇପାରେ । ଏହା ବ୍ୟତୀତ, ବ୍ୟକ୍ତିଗତ ରାଜନୈତିକ ଲାଭ ମଧ୍ୟ ଏକ ପ୍ରମୁଖ ପ୍ରସଙ୍ଗ ହୋଇପାରେ ଏବଂ କିଛି ନେତା ଏକ ବୃହତ ଦଳରେ ଯୋଗ ଦେଇ ନିଜର ସ୍ଥିତିକୁ ମଜବୁତ କରିବାକୁ ଚାହୁଁଥିବାର କଥା ମଧ୍ୟ ଥାଇପାରେ।

ତେବେ ବର୍ତ୍ତମାନ ଯେଉଁ ୭ ଜଣ ଆପ ଦଳର ବାଗୀ ନେତା ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ତିନିଜଣ ହେଉଛନ୍ତି ଅତି ମୁଖ୍ୟ ଓ ଲୋକପ୍ରିୟ ନେତା। ସେମାନେ ହେଲେ ପ୍ରଥମରେ ରାଘବ ଚଢା, ଦ୍ୱିତୀୟରେ ସନ୍ଦୀପ ପାଠକ ଓ ତୃତୀୟରେ ହେଉଛନ୍ତି ଅଶୋକ ମିତ୍ତଲ। ଏମାନଙ୍କ ଭୂମିକା ଆପ୍ ଦଳ ପାଇଁ ବହୁ ମୂଲ୍ୟବାନ କହିଲେ ଅତ୍ୟୁକ୍ତି ହେବନାହିଁ । ଆପ ଦଳରେ ଏମାନଙ୍କ ସମ୍ପୃକ୍ତି ଓ ଅରବିନ୍ଦ କେଜ୍ରିୱାଲଙ୍କ ସହିତ ସମ୍ପର୍କ ଓ କାର୍ଯ୍ୟଶୈଳୀ ବିଷୟରେ କିଛି ଆଲୋଚନା କରିବା। ରାଘବ ଚଢା ଆମ ଆଦମୀ ପାର୍ଟି (AAP)ର ଜଣେ ଯୁବ ଏବଂ ପ୍ରଭାବଶାଳୀ ନେତା। ସେ ତାଙ୍କର ସିଧାସଳଖ ଭାଷା, ଦୃଢ଼ ମତ ଏବଂ ଦୁର୍ନୀତି ବିରୋଧୀ ଭାବନା ପାଇଁ ଜଣାଶୁଣା। ରାଘବ ଚଢାଙ୍କୁ ଆମ ଆଦମୀ ପାର୍ଟିର ଯୁବ ଚେହେରା ଭାବରେ ଦେଖାଯାଏ ଏବଂ ଦଳର ଜାତୀୟ ନେତୃତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ୧୯୮୮ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ବ୍ୟକ୍ତି ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ପରେ ସେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ନିକଟତମ ସହଯୋଗୀ ଭାବରେ ଉଭା ହୋଇଥିଲେ। ସେ ୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନରେ ସିକନ୍ଦର ନଗର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ ଏବଂ ପରେ ରାଜ୍ୟସଭା ସଦସ୍ୟ ହୋଇଥିଲେ। ୨୦୧୨ ମସିହାରେ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି (AAP) ଗଠିତ ହୋଇଥିଲା। ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଦେଶରୁ ଦୁର୍ନୀତିକୁ ରୋକିବା, ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଏବଂ ସାଧାରଣ ଲୋକଙ୍କ ପାଇଁ କାମ କରିବା। ଏହି ଦଳର ନିର୍ବାଚନ ପ୍ରତୀକ ହେଉଛି ଝାଡୁ ଯାହା ଦୁର୍ନୀତିକୁ ସଫା କରିବାର ପ୍ରତୀକ ବୋଲି କୁହାଯାଇଥିଲା। ରାଘବ ଚଢା ଆପ୍‌ର ନୀତି ଏବଂ ରଣନୀତିକ ନିଷ୍ପତ୍ତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ପଞ୍ଜାବ ନିର୍ବାଚନ ସମୟରେ ଦଳର ମୁଖ୍ୟ ପ୍ରଚାରକ ଭାବରେ କାର୍ଯ୍ୟ କରିଥିଲେ ଏବଂ ସେଠାରେ ଆପ୍‌ର ବିଜୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଅର୍ଥ ଏବଂ ପ୍ରଶାସନ ବିଷୟରେ ଗଭୀର ବୁଝାମଣା ଅଛି। ସେ ଦିଲ୍ଲୀରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଏବଂ ଜଳ ସେବାରେ ଅନେକ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି । ସରକାରୀ ସ୍କୁଲ, ମୋହଲ୍ଲା କ୍ଲିନିକ୍‌ରେ ଉନ୍ନତି ଏବଂ ମୌଳିକ ସୁବିଧା ପାଇଁ ସହଜ ପହଞ୍ଚିବା ଦଳର ପ୍ରମୁଖ ସଫଳତା ମଧ୍ୟରୁ ଅନ୍ୟତମ। ଏହି ସମସ୍ତ ପଦକ୍ଷେପ ରାଘବ ଚଢାଙ୍କ ପରାମର୍ଶ ଏବଂ ଯୋଜନାକୁ ପ୍ରତିଫଳିତ କରେ। ଦ୍ୱିତୀୟରେ ସନ୍ଦୀପ ପାଠକ ଜଣେ ଜଣାଶୁଣା ଭାରତୀୟ ରାଜନେତା ଏବଂ ଆମ ଆଦମୀ ପାର୍ଟି ର ଜଣେ ପ୍ରମୁଖ ନେତା। ସେ ଆପ୍ ର ସାଂଗଠନିକ ଶକ୍ତି ଏବଂ ଏହାର ନିର୍ବାଚନୀ ଯୋଜନାକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନ ପାଇଁ ବିଶେଷ ଭାବରେ ଜଣାଶୁଣା। ସନ୍ଦୀପ ପାଠକ ଶିକ୍ଷା କ୍ଷେତ୍ରରୁ ସିଧାସଳଖ ରାଜନୀତିରେ ପ୍ରବେଶ କରିଥିଲେ। ସେ ପୂର୍ବରୁ ଜଣେ ଶିକ୍ଷକ ଏବଂ ଗବେଷକ ଥିଲେ, ଏବଂ ତାଙ୍କର ଚିନ୍ତାଧାରା ଓ ପ୍ରଶାସନିକ ଦକ୍ଷତା ଆପ ଦଳକୁ ଏକ ନୂତନ ଦିଗଦର୍ଶନ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର ସରଳ ଜୀବନଶୈଳୀ ଏବଂ ଦୃଢ଼ ନୀତି ତାଙ୍କୁ ଲୋକଙ୍କ ମଧ୍ୟରେ ଲୋକପ୍ରିୟ କରିଛି। ଆପ ଦଳରେ ସନ୍ଦୀପ ପାଠକଙ୍କ ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ରଖେ। ସେ ଦଳର ଜାତୀୟ ସଂଗଠନ ସମ୍ପାଦକ ଭାବରେ କାର୍ଯ୍ୟ କରନ୍ତି। ଏହି ପଦବୀରେ, ସେ ଦଳର ସଂଗଠନକୁ ମଜବୁତ କରିବା, ନୂତନ ସଦସ୍ୟଙ୍କୁ ନିଯୁକ୍ତି ଦେବା ଏବଂ ଏହାର ନୀତିଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ପ୍ରୟାସ ଦିଲ୍ଲୀ ବାହାରେ ଅନ୍ୟ ରାଜ୍ୟଗୁଡ଼ିକରେ ଆପର ପ୍ରଭାବକୁ ବିସ୍ତାର କରିଥିଲା । ସନ୍ଦୀପ ପ୍ରକାଶ ରାଜ୍ୟସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ, ଯାହା ତାଙ୍କ ରାଜନୈତିକ କ୍ୟାରିୟରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବିବେଚନା କରାଯାଏ । ସେ ସଂସଦରେ ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି ଏବଂ ଜନସାଧାରଣଙ୍କ ଚିନ୍ତାଧାରା ଉତ୍ଥାପନ କରନ୍ତି। ତାଙ୍କର କହିବାଶୈଳୀ ଏବଂ ସ୍ପଷ୍ଟ ଚିନ୍ତାଧାରା ତାଙ୍କୁ ଅନ୍ୟ ନେତାମାନଙ୍କଠାରୁ ଭିନ୍ନ କରିଥାଏ। ତାଙ୍କର ନେତୃତ୍ୱ ଏବଂ ରଣନୀତି ଆପ୍‌କୁ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା। ତାଙ୍କର ଯୋଜନା ଏବଂ ପରିଚାଳନା ଦଳ ବିଶେଷକରି ନିର୍ବାଚନ ସମୟରେ ସକାରାତ୍ମକ ଫଳାଫଳ ଆଣିଥିଲା । ସେ ଯୁବ ପିଢ଼ିକୁ ରାଜନୀତିରେ ପ୍ରବେଶ କରିବାକୁ ପ୍ରେରଣା ଦେଇଛନ୍ତି। ତୃତୀୟରେ ଅଶୋକ କୁମାର ମିତ୍ତଲ ଭାରତର ଜଣେ ପ୍ରସିଦ୍ଧ ଶିକ୍ଷାବିତ୍ ଏବଂ ରାଜନେତା। ଲଭଲି ପ୍ରଫେସନାଲ୍ ୟୁନିଭରସିଟି (LPU)ର ପ୍ରତିଷ୍ଠାତା ଏବଂ କୁଳପତି ଭାବରେ ସେ ଦେଶର ଶିକ୍ଷା କ୍ଷେତ୍ରରେ ଜଣେ ପ୍ରମୁଖ ବ୍ୟକ୍ତି। ପଞ୍ଜାବର ମୂଳ ନିବାସୀ ମିତ୍ତଲ ତାଙ୍କ ପ୍ରୟାସ ଏବଂ ଦୃଢ଼ ଚିନ୍ତାଧାରା ମାଧ୍ୟମରେ ଏକ ଛୋଟ ଶିକ୍ଷାନୁଷ୍ଠାନକୁ ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ପରିଣତ କରିଥିଲେ। ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ତାଙ୍କୁ ସମାଜରେ ବିଶେଷ ସମ୍ମାନ ଦେଇଛି। ମିତ୍ତଲ ଆମ ଆଦମୀ ପାର୍ଟି ମାଧ୍ୟମରେ ରାଜନୀତିରେ ପ୍ରବେଶ କରିଥିଲେ। ମିତ୍ତଲଙ୍କ ଆପ୍ ରେ ଯୋଗଦାନ ତାଙ୍କର ସମାଜ ସେବା ଏବଂ ପରିବର୍ତ୍ତନ ପାଇଁ ଇଚ୍ଛାକୁ ପ୍ରତିଫଳିତ କରିଥିଲା । ୨୦୨୨ ରେ ଅଶୋକ ମିତ୍ତଲ ଆପ୍ ଦ୍ୱାରା ପଞ୍ଜାବରୁ ରାଜ୍ୟସଭା ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ଏହା ତାଙ୍କ ରାଜନୈତିକ କ୍ୟାରିୟରରେ ଏକ ପ୍ରମୁଖ ମାଇଲଖୁଣ୍ଟ ଥିଲା। ରାଜ୍ୟସଭାରେ ସେ ଶିକ୍ଷା, ଉଦ୍ୟୋଗୀତା ଏବଂ ଯୁବ ବିକାଶ ସହିତ ଜଡିତ ପ୍ରସଙ୍ଗ ଉପରେ ନିଜର ମତ ପ୍ରକାଶ କରିଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଜାତୀୟ ନୀତି ଗଠନରେ ଲାଭଦାୟକ ହୋଇଥିଲା । ସମାଜସେବାରେ ମିତ୍ତଲଙ୍କ ଅବଦାନକୁ ମଧ୍ୟ ପ୍ରଶଂସା କରାଯାଇଛି। ସେ ଶିକ୍ଷା ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆପ୍‌ରେ ତାଙ୍କର ଯୋଗଦାନ ଏହି କାର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା । ଅଶୋକ ମିତ୍ତଲ ଜଣେ ସଫଳ ଶିକ୍ଷାବିତ୍ ଏବଂ ଉଦ୍ୟୋଗୀ ହେବା ବ୍ୟତୀତ ଜଣେ ସକ୍ରିୟ ରାଜନେତା ମଧ୍ୟ ଥିଲେ ।

ଏବେ ଭାରତୀୟ ଜନତା ପାର୍ଟି ଦେଶର ସବୁଠାରୁ ବଡ଼ ଦଳ। ଯଦି ଆପ୍ ସାଂସଦମାନେ ବିଜେପିରେ ଯୋଗ ଦିଅନ୍ତି, ତେବେ ଏହା ସତ୍ୟ ଯେ ବିଜେପିର ଶକ୍ତି ବୃଦ୍ଧି ପାଇବ ଏବଂ ଆପ ଦୁର୍ବଳ ହେବ ଏବଂ ରାଜନୈତିକ ସମୀକରଣ ପରିବର୍ତ୍ତନ ହେବ। ଏପରି ଘଟଣା ଦେଶର ରାଜନୀତିରେ ପ୍ରମୁଖ ପରିବର୍ତ୍ତନ ଆଣିପାରେ। ଯେପରିକି ବିରୋଧୀ ଶକ୍ତିକୁ ଦୁର୍ବଳ କରିବା ଏବଂ ବିଜେପିର ଶକ୍ତି ବୃଦ୍ଧି କରିବା ଆଉ ନୂତନ ଲୋକପ୍ରିୟ ନେତାଙ୍କ ଯୋଗ ବିଜେପିକୁ ମଜବୁତ କରିବ। ତଥାପି ଏହା ମଧ୍ୟ ସତ୍ୟ ଯେ ଲୋକମାନେ ଦଳ ପରିବର୍ତ୍ତନ ବିଷୟରେ ସନ୍ଦେହ ପ୍ରକାଶ କରିପାରନ୍ତି, ଯାହାର ନକାରାତ୍ମକ ପରିଣାମ ମଧ୍ୟ ହୋଇପାରେ। ଗଣତନ୍ତ୍ରରେ ଦଳ ପରିବର୍ତ୍ତନ ସାଧାରଣ, କିନ୍ତୁ ଏହା ନୀତିଗତ ପ୍ରଶ୍ନ ମଧ୍ୟ ଉଠାଏ। ଉଦାହରଣ ସ୍ୱରୂପ, ନେତାମାନେ କେବଳ କ୍ଷମତା ପାଇଁ ଦଳ ପରିବର୍ତ୍ତନ କରୁଛନ୍ତି ନା ସେମାନେ ସେମାନଙ୍କର ବିଚାରଧାରା ପାଇଁ ଏପରି କରୁଛନ୍ତି ? ଗଣମାଧ୍ୟମ ଏହି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିବ। ଏହା ସାମାଜିକ ଗଣମାଧ୍ୟମରେ ମଧ୍ୟ ଆଲୋଚନାର ବିଷୟ ହେବ। ଜନମତ ଦୁଇଟି ଗୋଷ୍ଠୀରେ ବିଭକ୍ତ ହେବ। କିଛି ସମର୍ଥନ କରିବେ, କିଛି ବିରୋଧ କରିବେ। ଏପରି ପରିସ୍ଥିତିରେ, ଆପ୍ କିଛି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଯେପରିକି ଦଳକୁ ଏକତ୍ର କରିବା, ନୂତନ ନେତୃତ୍ୱ ପ୍ରବର୍ତ୍ତନ କରିବା ଏବଂ ଜନସାଧାରଣଙ୍କ ଆଶାକୁ ପୁନର୍ଜୀବିତ କରିବା। ଏହି ପରିସ୍ଥିତିରେ ଏହା ବିଜେପି ପାଇଁ ଏକ ପ୍ରମୁଖ ସୁଯୋଗ ହୋଇପାରେ ବିରୋଧୀ ଦଳକୁ ଦୁର୍ବଳ କରିବା ଓ ଦଳରେ ନୂତନ ନେତାଙ୍କୁ ଆଣିବା ଏବଂ ଆଗାମୀ ନିର୍ବାଚନର ଲାଭ ଉଠାଇବା। ଆପ୍‌ରୁ ଭାରତୀୟ ଜନତା ପାର୍ଟିକୁ ରାଘବ ଚଡ୍ଡାଙ୍କ ସମେତ ସାତ ଜଣ ସାଂସଦଙ୍କ ଦଳ ପରିବର୍ତ୍ତନ ଭାରତୀୟ ରାଜନୀତିରେ ଏକ ପ୍ରମୁଖ ଘଟଣା। ଏହା ଦଳୀୟ ରାଜନୀତିର ଅସ୍ଥିରତାକୁ ପ୍ରକାଶ କରିବା ସହିତ ଏହା ସାଧାରଣ ଜନତାଙ୍କୁ ଅବଗତ କରାଏ ଯେ ରାଜନୀତି କେବଳ ବିଚାରଧାରା ନୁହେଁ, ବରଂ କ୍ଷମତା ଏବଂ ରଣନୀତିର ଏକ ମିଶ୍ରଣ ପର୍ବ ଯାହା ଏଣ୍ଡୁଅ ଭଳି ସମୟ ଚକ୍ରରେ ନିଜର ରଙ୍ଗ ବଦଳାଇଥାଏ ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ଜଣେ ଭଲ ଦକ୍ଷ ପ୍ରଶାସକ ବାଲେଶ୍ୱର ଛାଡ଼ିବେ



## ସୁବ୍ରତ କର

ଜିଲ୍ଲାସ୍ତରରେ ବହୁତ ଅଫିସର କାର୍ଯ୍ୟରତ କିନ୍ତୁ ଏବେକାର ପରିସ୍ଥିତିରେ ଭଲ ଏବଂ ଅଭିଜ୍ଞ ଅଫିସର ମିଳିବା କଷ୍ଟକର । ବିଶେଷକରି ସରକାରୀ ଅଫିସର ସେ ପିଅନ ହେଉ ବା ବଡ଼ ଅଫିସର, ସମସ୍ତେ ଚେଷ୍ଟାରେ ଅଛନ୍ତି ତାଙ୍କର ଉପରିସ୍ଥ ଅଫିସରଙ୍କୁ ଖୁସିରେ ରଖି ସୁବିଧା ନେବା। କିନ୍ତୁ ଏପଟେ ସମସ୍ତଙ୍କୁ କୁହାହୁଏ ଏମାନେ ସବୁ ସାଧାରଣ ଜନତାଙ୍କ ପାଇଁ ଏବଂ ସେମାନଙ୍କର ସେବାରେ ନିୟୋଜିତ । ସତକଥା ହେଲା ଆପଣଙ୍କର ଯଦି ଜଣାଶୁଣା ଭଲ ଭାବରେ ଅଛି କିମ୍ବା କାହାରିଠାରୁ ସୁପାରିସ ନେଇ ଆସିଛନ୍ତି ତେବେ ବଡ଼ ଅଫିସରଙ୍କୁ ଦେଖା କରିବାର ଅସୁବିଧା ପ୍ରାୟ ହୁଏନାହିଁ ବା ହବ ନାହିଁ। ଯଦି ନାହିଁ ପିଅନ ଶୁଣେଇ ଦେବ, ଆମ ସାହେବ ଏବେ ବ୍ୟସ୍ତ ଅଛନ୍ତି ପରେ ଆସନ୍ତୁ। କିନ୍ତୁ ସେହି କାମ କରିହେବ ଯଦି ସେହି ପିଅନଙ୍କୁ ହାତକୁ କିଛି ହାତଗୁଞ୍ଜା ବଢ଼ାଇ ଦିଅନ୍ତୁ । ବାଟ ସଫା ଏବଂ ସାଥେ ସାଥେ ଦୁଆର ଫିଟା ହୋଇଯିବ ଏବଂ ଦରକାର ପଡ଼ିଲେ ସେହି ପିଅନ ବାବୁ ଜଣକ ଚାହା ବନେଇ ଆପଣଙ୍କୁ ଦେବ । କାମିକା ଅଫିସରଙ୍କୁ ସତରେ ସମୟ ନ ଥାଏ କିନ୍ତୁ ଠକିବାରେ ଥିଲେ ହାତରେ ପ୍ରଚୁର ସମୟ । ମୂଳ କଥା ହେଲା କେହି କାହାରି କଥା ଶୁଣିବାର ନାହିଁ କି ମାନିବାର ନାହିଁ ଏବଂ କେହି ଅଫିସର ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ନୁହଁନ୍ତି ଯଦି ସମସ୍ତେ ନିଜ ନିଜ କାର୍ଯ୍ୟକୁ ଠିକ୍ ଭାବରେ ଏବଂ ଠିକ୍ ସମୟରେ ତୁଲାଇବାର ଚେଷ୍ଟା କରନ୍ତେ ତେବେ ଏ ପରିସ୍ଥିତି ଉପୁଜି ନଥାନ୍ତା । ସରକାରୀ ଅଫିସର ଯେ କୌଣସି ସ୍ତରରେ ଆପଣଙ୍କୁ କାର୍ଯ୍ୟ ହାସଲ କରିବାକୁ ହେଲେ ସିଧା ବାଟ ଛାଡ଼ି ବଙ୍କା ବାଟକୁ ଆଦୋରିବାକୁ ପଡ଼ିବ । ବଙ୍କା ବାଟ ଦେଇ ଯଦି ଆପଣଙ୍କ ଉପର ମହଲରେ ହାତ ଅଛି କାର୍ଯ୍ୟ ହାସଲ କରି ପାରିବେ ଅନ୍ୟ ବଙ୍କା ବାଟ ହେଲା ଟଙ୍କା । ଟଙ୍କା ଖର୍ଚ୍ଚ କରିଲେ ସବୁ କିଛି କରି ହେବ, ସହଜରେ କରି ହେବ, ଅଳ୍ପ ସମୟରେ କରିହେବ ଏବଂ ବିନା ପରିଶ୍ରମରେ ମଧ୍ୟ କରିହେବ । ମୋର ଜାଣିବାରେ ଲୋକଙ୍କ ନାର୍ଯ୍ୟ ପ୍ରାପ୍ୟ କୋଟି କୋଟି ଟଙ୍କା ପଡ଼ି ରହିଛି କିନ୍ତୁ ତାଙ୍କୁ ମିଳୁନାହିଁ। ଏହାର ମୂଳକଥା ହେଲା ଠିକ୍ ଭାବରେ ଅଙ୍କ କଷା ହୋଇପାରୁ ନାହିଁ ।

ଏ ବି ମାନିବାକୁ ପଡ଼ିବ ଏହା ସବୁ କ୍ଷେତ୍ରରେ ବା ସବୁବେଳେ ହୁଏ ନାହିଁ । ବହୁତ ଭଲ ଅଫିସର ଅଛନ୍ତି, ଦକ୍ଷ ଅଫିସର ବା ଟାଣିଆ, ସେମାନେ ସବୁବେଳେ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ହାତ ବଢ଼ାଇ ରହିଛନ୍ତି । ସେମାନଙ୍କୁ ସହଜରେ କିଣି ହେବ ନାହିଁ ବା ସେମାନେ ସହଜରେ ବିକ୍ରି ହେବେ ନାହିଁ। ହୁଏତ ଏମାନଙ୍କୁ ଦେଶ, ରାଜ୍ୟ ଏବଂ ଜିଲ୍ଲା ପ୍ରଶାସନ ଉପରେ ଜନସାଧାରଣଙ୍କ କିଛି ପରିମାଣରେ ବିଶ୍ୱାସ ବା ଭରସା ଏବେ ମଧ୍ୟ ରହିଛି ଏବଂ ଦେଶ, ରାଜ୍ୟ, ଜିଲ୍ଲା ଚାଲିଛି । କିନ୍ତୁ ଏମିତି କେତେଦିନ ଚାଲିବ । ନିଶ୍ଚିତ ଭାବରେ ସରକାର ଚଳାଇବା ପାଇଁ ଜନମ ଏବଂ ସାଧୁ ଅଫିସରଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି । ଏମାନେ ହଜିଗଲେ ପ୍ରଶାସନ ଭୁଷୁଡ଼ିଯିବ ଏବଂ ସରକାର ମଧ୍ୟ। ଯେଉଁ ଅଫିସର ଜଣକ ବାଲେଶ୍ୱର ଛାଡ଼ିବେ ତାଙ୍କୁ ମୁଁ ଜିଲ୍ଲାର ଲୋକଙ୍କ ତରଫରୁ ସାଲ୍ୟୁଟ ଜଣାଉଛି ।

କବିତା କୋଣାର୍କ

# ଶ୍ରମିକ

## ଟିକେମଣି ବୁଧିଆ



ନିଜ ଜୀବନର ଚଳାପଥକୁ
ଆଗେଇ ନେବାକୁ
ମୁଣ୍ଡର ଝାଳ ତୁଣ୍ଡରେ ମାରି
ସର୍ବଦା କରିଥାଏ
ଅକ୍ଲାନ୍ତ ପରିଶ୍ରମ ଶ୍ରମିକ ।

ନିଜ ଶକ୍ତି ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ
ଏ ସଂସାର ରେ
ଜୀବନ ଟିକେ ଜୀଇଁବା ନିମନ୍ତେ
କେବେ କାହାର ଆଶ୍ରା
କରିନଥାଏ ଶ୍ରମିକ ।

ସର୍ବ କାର୍ଯ୍ୟରେ ସର୍ବଦା ପ୍ରଥମେ
ଶ୍ରମିକକୁ ହିଁ ଲୋଡ଼ା ହୁଏ
ଶ୍ରମିକ ଖରା ବର୍ଷା ଶୀତ ସହିଣ
ସର୍ବଦା ନିଜ କର୍ମ କରି ଚାଲିଥାଏ ।

କେତେବେଳେ ଦେହର ଯନ୍ତ୍ରଣା ତ
କେତେବେଳେ ହୃଦୟ ଯନ୍ତ୍ରଣାକୁ
ଆପଣେ ଶ୍ରମିକ ମାନଙ୍କୁ
ଅନେକ୍ ସମୟରେ ବଞ୍ଚିବାକୁ ହୁଏ ।

ଅନେକ୍ ଲୋକଙ୍କ ଦୃଷ୍ଟିକୋଣ ରେ
ହୀନ ହେବାକୁ ପଡ଼େ ତ
ଅନେକ୍ ଦୁଃଖ ଯନ୍ତ୍ରଣାକୁ ଚାପିଦେଇ
ବଞ୍ଚି ଥାଉଥାଉ ମରିବାକୁ ପଡ଼େ ।

ସର୍ବଦା ଶ୍ରମିକ ଅନ୍ୟର ଖୁସିରେ
ନିଜେ ଖୁସି ଅନୁଭବ କରିଥାଏ
ଅନ୍ୟର ହିତ ନିମନ୍ତେ ଶ୍ରମ ଦାନ କରି
ନିଜକୁ ସର୍ବଦା ସମର୍ପିତ କରିଥାଏ ।

+ରେଙ୍ଗସାପାଲି, କଳାହାଣ୍ଡି
ମୋ: ୭୭୪୯୦୦୯୦୬୧

# ଦର୍ପଣ

## ସୁନନ୍ଦା ମହାନ୍ତି



ସବୁ ଥାଇ ନଥିଲେ ଦର୍ପଣ
ସବୁ ଅକାରଣ
ସାଜସଜ୍ଜା ଯେତେ ହେଉ
କୋଉଠି ରହିଲା ଖୁଣ
କହିପାରେ ଭିତର ବାହାର
କେବଳ ଦର୍ପଣ ନିଖୁଣ
ଋତୁ ବିତୁ ଆକାଶ କରୁ ହିସାବ
ପାର୍ବଣ ରେ ଦର୍ପଣ
ସବୁଋତୁ ଆଣେ ହେଉ ଶେଷ ଶ୍ରାବଣ
କି ଆଦ୍ୟ ଚଇତି ଫଗୁଣ
ଦର୍ପଣ ବିହୁନେ ଶରୀର କୃପଣ
ଦର୍ପଣ ବିନା କିଏ କହିବ ନିଖୁଣ
ଦର୍ପଣ ହିଁ ଅର୍ପଣ
ଦର୍ପଣ ଭାରି ସ୍ୱଚ୍ଛ
ଭିତର ବାହାର ଆବରଣ
ଧରା ଗୋଲ ଅବା କମଳା ଲେମ୍ବୁ
ପରି ଚେପଟା ଜାଣିବାକୁ ଚାରି କୋଣ
ଦର୍ପଣ ଆଣେ ଜାଗରଣ
ଅନ୍ଧ ଦେଶେ ଦର୍ପଣ ଅକାରଣ
ଦର୍ପେ ଦର୍ପଣ କରେ ଅନାବରଣ
ଦର୍ପଣ ସମର୍ପଣ ର କାରକ କାରଣ
ଯୋଗ ଯୌଗିକ ବାତାବରଣ
ଦର୍ପଣ କେବଳ ସମୀକରଣ
ଭିତର ବାହାର ଯୋଡା ପ୍ରତିଫଳନ
ନୁହଁ ତ ଆଉ କଣ !

+ସାକ୍ଷୀଗୋପାଳ, ପୁରୀ

# ଅସମାହିତ



## ନିରଞ୍ଜନ ସାହୁ



ସେଦିନ ସକାଳୁ ସକାଳୁ ଅଳସ ନିଦରେ ଏକ ଅଜଣା ନମ୍ବରରୁ ଫୋନ କଲଟିଏ ଆସିବାରୁ ମୁଁ ବାଧ ହୋଇ ଫୋନ ଉଠାଇ କହିଲି, 'ହ୍ୟାଲୋ।' ସେପଟରୁ ନାରୀ କଣ୍ଠରୁ ଶୁଭୁଥିଲା, 'ସୁପ୍ରଭାତ । କ'ଣ ନିଦ ଭାଙ୍ଗିନାହିଁ କି ? ଆଉ କେତେ ସମୟ ଯାଏ ଶୋଇବ ଯେ ?' ମୁଁ ଆଶ୍ଚର୍ଯ୍ୟ ହେଲି । ଗୋଟିଏ ଅଜଣା ନମ୍ବରରୁ କଲ ଆସିଛି । ଅଥଚ ଭାରି ଆପଣାର ପରି କଥା କହୁଛନ୍ତି ସେପଟରୁ ସେହି ଅପରିଚିତା ନାରୀ ଜଣଙ୍କ। ମୁଁ କିଛି କହିବା ପୂର୍ବରୁ ସେପଟରୁ ଶୁଭିଲା, 'କ'ଣ କିଛି କହୁନାହାନ୍ତି ଯେ ? ଓଃ, ମୋତେ ଚିହ୍ନି ପାରୁନାହାନ୍ତି ବୋଧେ ? ହଁ, କାହିଁକି ମନେରଖିବେ ?ମୁଁ ଆପଣଙ୍କର କିଏ କି ? 'ମୁଁ ଖୁବ ଆଶ୍ଚର୍ଯ୍ୟ ହୋଇଯାଇଥିଲି । କିଏ ସିଏ ? ସେ କିଏ ? ମୋତେ କେହି ବ୍ଲାକ ମେଲିଂ କରୁନାହିଁ ତ ? ମୁଁ ନିରୁତ୍ତର । ମାତ୍ର ସେପଟରୁ 'ହ୍ୟାଲୋ ହ୍ୟାଲୋ' ଶୁଭୁଛି । ହଠାତ ଅପ୍ରତ୍ୟାଶିତ ଭାବରେ ଚା' କପ ଧରି ପ୍ରବେଶ କଲେ ମୋର ଧର୍ମ ପତ୍ନୀ ଅପର୍ଣ୍ଣା ଦେବୀ। ତାଙ୍କୁ ଦେଖିବା କ୍ଷଣି ମୁଁ ଫୋନଟା ଥୋଇ ଦେଇ ଅଳସ ଭାଙ୍ଗିବାର ଅଭିନୟ କରି ପଚାରି ଦେଲି, ' ଆଜି କ'ଣ ଏତେ ସକାଳୁ ଚା କପ ଧରି.........।' ସେ କାଳ ବିଳମ୍ବ ନକରି ଉତ୍ତର ଦେଲେ, 'ଆଜି ପରା ସଂକ୍ରାନ୍ତି । ମନ୍ଦିର ଯିବାକୁ ହେବ । ତେଣୁ ମୁଁ ସ୍ନାନାଦି ନିତ୍ୟକର୍ମ ସାରି ଏବେ ପ୍ରସ୍ତୁତ ହୋଇଗଲିଣି ମନ୍ଦିର ଯିବା ପାଇଁ । ତୁମକୁ ଚା' କପଟା ଧରାଇ ଦେଲେ ମୋର କାମ ଶେଷ ।' ଅଗତ୍ୟା ବିଛଣାରୁ ଉଠି ବସିପଡ଼ିଲି ମୁଁ । ପତ୍ନୀଙ୍କ ହାତରୁ ଚା' କପ ନେଇ ଓଠରେ ଛୁଆଁ ଦେଉଥିବା ବେଳେ ମୋବାଇଲରୁ ଯେଉଁ ନାରୀ କଣ୍ଠରୁ 'ହ୍ୟାଲୋ ହ୍ୟାଲୋ' ଶୁଭୁଥିଲା ତାହାକୁ କୌଣସି ପ୍ରକାରେ ପତ୍ନୀଙ୍କ ଦୃଷ୍ଟି ଆଢୁଆଳରୁ ହଟାଇ ପାରିଲି ନାହିଁ। ଥରେ ଫୋନ ଉପରେ ନଜର ପଡିବା କ୍ଷଣି ସଙ୍ଗେସଙ୍ଗେ ଅପର୍ଣ୍ଣା ଦେବୀ ଫୋନଟାକୁ ଉଠେଇ ନେଇ କାନରେ ଲଗାଇ ଦେଇ ଶୁଣିଚାଲିଲେ ସେପଟରୁ ଆସୁଥିବା କଥାଗୁଡିକ । ମୁଁ ବି ଘାବରେଇ ଗଲି। ଅପର୍ଣ୍ଣା ଦେବୀ କ'ଣ ଭାବୁଥିବେ ଯେ ? ମୁଁ ନିଜକୁ ନିଜେ ଖୁବ ଦୋଷୀ ବୋଲି ଭାବୁଥିଲି । ହୁଏତ ଅପର୍ଣ୍ଣା ଦେବୀ ଭାବୁଥିବେ ଯେ ଏ ଲୋକଟା ସହିତ ମୋର ସମ୍ପର୍କ କଣ ? ନଚେତ ଏତେ ବଡ଼ି ସକାଳୁ ସେ ଫୋନ କରୁଛି ଓ ମୁଁ ନ ଜାଣିବା ଭଳିଆ ସୁନ୍ଦର ଅଭିନୟ କରି କଥାଟା ଗୋପନ ରଖୁଛି। ଅପର୍ଣ୍ଣା ଦେବୀ ସେପଟର ନାରୀ କଣ୍ଠରୁ ଆସୁଥିବା ସବୁ କଥା ଶୁଣୁଥିଲେ ଓ ମୁଁ ମନେମନେ ଡରିଡରି ଚା' ପିଉଥିଲି । ହୁଏତ ଅପର୍ଣ୍ଣା ଦେବୀ ନାରୀ କଣ୍ଠସ୍ୱର ଶୁଣି ମୋତେ ସନ୍ଦେହ କରିପାରନ୍ତି ଏବଂ ଆମ ସଂସାର ଭିତରେ କିଛି ଝଡ଼ ଉଠିପାରେ ଏ କଥାକୁ ଆଡେଇ ଦିଆଯାଇ ନପାରେ ।

ଅପର୍ଣ୍ଣା ଦେବୀ ସେପଟରୁ ଆସୁଥିବା କଥାଗୁଡିକ ଶୁଣୁଥିଲେ ସତ, ମାତ୍ର ପଦୁଟିଏ ଉତ୍ତର ଦେଉନଥିଲେ । କିଛି ସମୟ ପରେ ସେପଟରୁ ଫୋନ କଟି ଯାଇଥିଲା । ମୁଁ କିନ୍ତୁ ଭୟ ଭିତରେ ଜଡ଼ସଡ଼ ହୋଇଯାଇଥିଲି । କିଏ ସେ ? ସିଏ କାହିଁକି ମୋତେ ଫୋନ କରୁଛି ? ଅପର୍ଣ୍ଣା ଦେବୀ ସେପଟରୁ କ'ଣ ଶୁଣିଲେ ? ଅପର୍ଣ୍ଣା ଦେବୀ ସିନା ନିଜେ କିଛି ଉତ୍ତର ଦେଲେ ନାହିଁ , ମାତ୍ର ସେପଟରୁ ଯାହା ଶୁଣିଲେ ....... ? ଅପର୍ଣ୍ଣା ଦେବୀ ମୋ ମୁହଁକୁ ଚାହିଁ ହସୁଥିଲେ । ଅଥଚ ମୁଁ ପାଟି ଖୋଲିବାକୁ ନିଜ ଭିତରେ ସାହସ ଜୁଟାଇ ପାରୁନଥିଲି । ଅପର୍ଣ୍ଣା ଦେବୀ ପ୍ରଶ୍ନବାଚୀ ଆଙ୍କି ମୋ ମୁହଁକୁ ଚାହିଁ ଫିକକିନା ହସିଦେଇ ସେହି ଫୋନଟାକୁ ମୋ ପଲଙ୍କ ଉପରେ ଥୋଇ ଦେଇ ଚୁପଚାପ କୋଠରୀରୁ ବାହାରି ଯାଇଥିଲେ। ଅଥଚ ମୁଁ ବିଛଣାରୁ ଉଠିପାରୁ ନଥିଲି କି କିଏ ଫୋନ କରିଥିଲା ବୋଲି ପଚାରି ପାରୁନଥିଲି ।

ଏହା ଭିତରେ ସକାଳ ନଅଟା ବାଜି ଯାଇଥିଲା। ଅପର୍ଣ୍ଣା ଦେବୀ ମନ୍ଦିରରୁ ଫେରି ଆସିଥିଲେ । ତାଙ୍କୁ ମୁଁ ଲକ୍ଷ୍ୟ କରିଥିଲି ଯେ ସେ ସେତେ ଗମ୍ଭୀର ଜଣା ପଡୁନଥିଲେ । ବରଂ ସ୍ୱାଭାବିକ ଭାବରେ ସେ ନିଜର କାର୍ଯ୍ୟ ସମ୍ପାଦନ କରୁଥିଲେ। ମୁଁ କିନ୍ତୁ ନିଜ ଭିତରେ ଗୋଳେଇଘାଣ୍ଟି ହେଉଥିଲି । ନିଜକୁ ନିଜେ ପ୍ରଶ୍ନ କରୁଥିଲି ଏହି ରହସ୍ୟ ବାବଦରେ । ଅଥଚ ପତ୍ନୀଙ୍କୁ କିଛି ପଚାରି ପାରୁନଥିଲି କି ସେହି ଅଜଣା ନମ୍ବରକୁ ଫୋନ ଲଗାଇବାକୁ ସାହସ ଜୁଟାଇ ପାରୁନଥିଲି ନିଜ ଭିତରେ । କାଳେ ପତ୍ନୀ ଜାଣିପାରନ୍ତି କିମ୍ବା ସେହି ଫୋନକୁ ଆଉ କିଏ ଉଠାଇ ପାରନ୍ତି ।

ରାତିରେ ଶୋଇଥିବା ବେଳେ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ ଅପର୍ଣ୍ଣା ଦେବୀ ମୋତେ ପଚାରିଥିଲେ, 'ଗୋଟିଏ କଥା ପଚାରିବି, ମୋତେ ସତ କହିବ ? ମୁଁ ଜାଣେ ତୁମେ ନିଶ୍ଚୟ ସତ କହିବ । ଏଥିପାଇଁ ରାଣ କି ନିୟମ ତୁମକୁ ପକାଇବାକୁ ପଡ଼ିବନି ।' ମୁଁ ନିରୁତ୍ତର ରହିଲି । ଅପର୍ଣ୍ଣା ଦେବୀ ଯେ ସକାଳର ଫୋନ କଲ କଥା ପଚାରିବାକୁ ଏକଥା ବୁଝିବାରେ ମୋର ତିଳେ ମାତ୍ର ସନ୍ଦେହ ନଥିଲା । ମୁଁ ନିଜର ମନୋଭାବକୁ ଗୋପନ ରଖି କହିଲି, 'କଣ ପଚାରିବାର ଅଛି ପଚାରୁନ ? ଜାଣିଥିଲେ ସତ କହିବି।' କାଳ ବିଳମ୍ବ ନକରି ଅପର୍ଣ୍ଣା ଦେବୀ ମୋତେ ପଚାରିଲେ, 'ସୁଦେଷ୍ଣା କିଏ ?' ମୁଁ ଏକଥା ଶୁଣି ଏକଦମ ଘାବରେଇ ଗଲି । ତଥାପି ମନରେ ସାହସ ଜୁଟାଇ ପଚାରିଲି, 'କେଉଁ ସୁଦେଷ୍ଣା ?' ଅପର୍ଣ୍ଣା ଦେବୀ କହିଲେ, 'ସକାଳେ ଯିଏ ଫୋନ କରିଥିଲେ ସେହି ସୁଦେଷ୍ଣା।' ମୁଁ କହିଲି, 'ସକାଳେ ଯେଉଁ ସୁଦେଷ୍ଣା ଫୋନ କରିଥିଲେ ତାଙ୍କ ବାବଦରେ ବିଶଦ ଭାବରେ କହିଲେ ସିନା ମୁଁ ଜାଣିବି।' ଅପର୍ଣ୍ଣା ଦେବୀ କହିଲେ, ' ସେହି ସୁଦେଷ୍ଣା । ଯିଏ ତୁମକୁ ଭଲ ପାଉଥିଲେ । ମନ ଦେଇଥିଲେ । ଅଥଚ........... ।'

'ସୁଦେଷ୍ଣା' ନାଆଁଟି ଶୁଣିବା ପରେ ମୁଁ ଯେତିକି ବିସ୍ମୟ ହେଉଥିଲି ସେତିକି ମଧ୍ୟ ପତ୍ନୀଙ୍କ ପାଖରେ ଖୁବ ସରଳ ହେଉଥିଲି । କାରଣ ଅପର୍ଣ୍ଣା ଦେବୀ ସବୁକିଛି ଜାଣିଥିଲେ । ତାଙ୍କୁ ଆଉ କୌଣସି କଥା ଗୋପନ ରଖିବାର ଉପାୟ ମୋ ପାଖରେ ନଥିଲା । ମୁଁ ମନ ଓ ହୃଦୟ ଖୋଲି ସୁଦେଷ୍ଣାଙ୍କ ସହିତ ମୋ ସମ୍ପର୍କ ବାବଦରେ ସବୁ ଗୋଟି ଗୋଟି କରି କହିଥିଲି। ଅପର୍ଣ୍ଣା ଦେବୀ ସବୁ ଶୁଣିଥିଲେ, ମାତ୍ର ମନଦୁଃଖ କରି ନଥିଲେ କି ଏକଥା ତାଙ୍କ ପାଖରେ ମୁଁ କାହିଁକି ଗୋପନ ରଖିଛି ବୋଲି ପଚାରି ନଥିଲେ।

ଦିନ ପରେ ଦିନ ଗଡ଼ି ଚାଲିଥିଲା । ଅପର୍ଣ୍ଣା ଦେବୀ ସୁଦେଷ୍ଣାଙ୍କ ସହିତ ଫୋନରେ ବାର୍ତ୍ତାଳାପ କରି ସମ୍ପର୍କ ବଢ଼ାଇ ଚାଲିଥିଲେ । ପ୍ରତ୍ୟେକ ଦିନ ରାତିରେ ଶୋଇବାକୁ ଗଲାବେଳେ ସୁଦେଷ୍ଣାଙ୍କ ସହିତ କ'ଣ କ'ଣ କଥାବାର୍ତ୍ତା ହୋଇଛନ୍ତି ମୋତେ ଟିକିନିଖି ଖବରଅନ୍ତର ଜଣାଉଥିଲେ । ମୁଁ ଭାବପ୍ରବଣ ହେଉଥିଲି ଅଥଚ କିଛି କହିପାରୁ ନଥିଲି । ଅପର୍ଣ୍ଣା ଦେବୀ ହୁଏତ ମୋତେ ପରୀକ୍ଷା କରିଥାଇପାରନ୍ତି । ମୁଁ କେବଳ ଶୁଣୁଥିଲି । ମାତ୍ର ସୁଦେଷ୍ଣାଙ୍କ ବାବଦରେ କିଛି କହୁନଥିଲି। ମାତ୍ର ଗଭୀର ରାତିରେ ନିଦ ଭାଙ୍ଗିଗଲେ ସୁଦେଷ୍ଣାଙ୍କ ସହିତ କଟାଇଥିବା ସମସ୍ତ ସ୍ମୃତି ମୋତେ ଆନ୍ଦୋଳିତ କରୁଥିଲା । ଅଥଚ ମୁଁ....।

ଦିନେ ଅପର୍ଣ୍ଣା ଦେବୀ ସୁଦେଷ୍ଣାଙ୍କ ବାବଦରେ କିଛି କହିଲେ ନାହିଁ । ମୁଁ ମଧ ତାଙ୍କୁ ସୁଦେଷ୍ଣାଙ୍କ ବାବଦରେ ଆଜି କାହିଁକି କିଛି କହିଲ ନାହିଁ ବୋଲି ପଚାରିଲି ନାହିଁ । ଧୀରେଧୀରେ ଅପର୍ଣ୍ଣା ଦେବୀ ଆଉ ସୁଦେଷ୍ଣାଙ୍କ ବାବଦରେ କିଛି କହୁନଥିଲେ। ମୁଁ ମଧ ଅପର୍ଣ୍ଣା ଦେବୀଙ୍କୁ ସୁଦେଷ୍ଣାଙ୍କ ବାବଦରେ କିଛି ପଚାରିବାକୁ ସତସାହସ ନିଜ ଭିତରେ ଜୁଟାଇ ପାରୁନଥିଲି । କାରଣ ସୁଦେଷ୍ଣାଙ୍କ ବାବଦରେ ଜାଣି ମୁଁ ଅପର୍ଣ୍ଣା ଦେବୀଙ୍କ ନିକଟରେ ଛୋଟ ହେବାକୁ ଚାହୁଁନଥିଲି।

ପ୍ରାୟ ତିନିଚାରି ମାସ ପରେ ଅପର୍ଣ୍ଣା ଦେବୀ ମୋତେ ଗଭୀର ରାତିରେ ନିଦରୁ ଉଠାଇ କହିଲେ, 'ଗୋଟିଏ କଥା କହିବି । କିଛି ଖରାପ ଭାବିବ ନାହିଁ ତ ମୋତେ ? ' ନିଦୁଆ ଆଖିରେ ଅପର୍ଣ୍ଣା ଦେବୀଙ୍କୁ ଚାହିଁ କହିଲି,' ଆସନ୍ତା କାଲି କହିବ । ଶୋଇପଡ । 'ସେ କହିଲେ,' ନାଇଁ , ଏଇନେ କହିବି । ତୁମକୁ ଶୁଣିବାକୁ ହେବ ।' ମୁଁ ବାଧ ହୋଇ କହିଲି, 'ହେଉ କୁହ ।' ସେ କହିଲେ, ' ମୁଁ ଭାବୁଛି ସୁଦେଷ୍ଣା ଦେବୀଙ୍କୁ ଆମେ ଆମ ଘରକୁ ନେଇଆସିବା । ସେ ସବୁଦିନ ଆମ ପାଖରେ ରହିବେ ।' ମୁଁ ଆଶ୍ଚର୍ଯ୍ୟ ହୋଇ ପ୍ରଥମ ଥର ସୁଦେଷ୍ଣାଙ୍କ ବାବଦରେ ମୁହଁ ଖୋଲି କହିଲି, 'ସେ କାହିଁକି ଆମ ଘରେ ଆମ ପାଖରେ ରହିବେ ? ତାଙ୍କର ସ୍ୱାମୀ, ପିଲା ଅଛନ୍ତି । ସିଏ ତାଙ୍କ ଘରେ ତାଙ୍କ ତାଙ୍କ ପରିବାର ସହିତ ରୁହନ୍ତୁ। ଅଯଥା କଥାରେ ମୁଣ୍ଡ ନ ପୁରାଇକି ଶୋଇପଡ ।' ଅପର୍ଣ୍ଣା ଦେବୀ କହିଲେ, 'କେଉଁଟା ଅଯଥା କଥା ? ମୁଁ ଯାହା କହୁଛି ତାହା ହିଁ ଯଥା ।' ଏହାପରେ ଅପର୍ଣ୍ଣା ଦେବୀ ମୋତେ ଯାହା ଶୁଣାଇଲେ ମୋତେ ଲାଗୁଥିଲା ମୋ ପାଦତଳୁ ପୃଥିବୀଟା ଖସି ଯାଉଛି । ଆଉ ମୁଁ ମହାଶୂନ୍ୟରୁ ଖସି ପଡୁଛି ତଳକୁ ତଳକୁ । ସତରେ.... ଏହା ଭିତରେ ଏତେ ଘଟଣା ଘଟି ଯାଇଛି, ଅଥଚ ମୁଁ କିଛି ଜାଣିପାରି ନାହିଁ । ଅପର୍ଣ୍ଣା ଦେବୀଙ୍କ ମନରେ ସୁଦେଷ୍ଣାଙ୍କ ପ୍ରତି ଭଲପାଇବା ଏତେ ବଢ଼ି ଯାଇଛି ଯେ, ସେ ଭଲ ପାଇବା ନିକଟରେ ମୁଁ ନିଜକୁ ଖୁବ ଛୋଟ ବୋଲି ମନେ କରୁଛି । ଏବେ ପୁଣି ମୋ ମନରେ ବି ସୁଦେଷ୍ଣା ଦେବୀଙ୍କ ପ୍ରତି ଭଲପାଇବାର ଗଜା ପୁଣି ଅଙ୍କୁରିତ ହୋଇ ଉଠୁଛି । ଆଉ ମୁଁ........।


ଏହି ଦୁଇତିନି ମାସ ଭିତରେ ଦୁଃଖର କଳା ବାଦଲ ସୁଦେଷ୍ଣାଙ୍କ ଜୀବନକୁ ସମ୍ପୂର୍ଣ୍ଣ ଢାଙ୍କି ଦେଇଛି । ଏକ ସଡ଼କ ଦୁର୍ଘଟଣାରେ ସୁଦେଷ୍ଣା ଦେବୀଙ୍କ ସ୍ୱାମୀ ଓ ପୁତ୍ରଙ୍କ ଦେହାନ୍ତ ହୋଇଯିବା ପରେ ଶାଶୁଘର ଲୋକେ ନାନା ନିର୍ଯାତନା ଦେବାରୁ ସୁଦେଷ୍ଣା ଦେବୀ ନିଜ ବାପଘରେ ଗଭୀର ଦୁଃଖରେ ଆଶ୍ରୟ ନେଇଛନ୍ତି । ଭାଇ ଓ ଭାଉଜଙ୍କ ପାଖରେ ରହିବା ମଧ ତାଙ୍କ ପାଇଁ ଖୁବ ବେଦନା ଦାୟକ ହେଉଛି । ଏସବୁ ଖବର ଅପାର୍ଣ୍ଣା ଦେବୀଙ୍କ ପାଖରେ ଥିଲେ ମଧ ମୁଁ ମନଦୁଃଖ କରିବି ବୋଲି ସେ ମୋତେ ନ ଜଣାଇ ଘଟଣାକୁ ଗୋପନ ରଖିଛନ୍ତି ।

ଏବେ ଦ୍ୱନ୍ଦରେ ପଡିଯାଇଛି ମୁଁ । କ'ଣ କରିବି କ'ଣ ନ କରିବି ଏ ନିଷ୍ପତି ମୋତେ ନେବାକୁ ହେବ । ଗୋଟିଏ ପଟେ ମୋର ପ୍ରେମ। ପୁଣି ସେହି ପ୍ରେମିକାକୁ ପାଖରେ ରଖିବାକୁ ମୋ ପତ୍ନୀଙ୍କର ପ୍ରବଳ ଜିଦ । ମୁଁ କେବଳ ଭାବୁଥିଲି ମୋର କର୍ତ୍ତବ୍ୟ କ'ଣ ହେବା ଉଚିତ ? ଏପର୍ଯ୍ୟନ୍ତ ମୁଁ କୌଣସି ନିଷ୍ପତି ନେଇପାରୁନି । ମୁଁ କେବଳ ମୋର ଧର୍ମପତ୍ନୀ ଅପର୍ଣ୍ଣା ଦେବୀଙ୍କ କଥା ଭାବୁଛି। ସତରେ ଇଏ ଦେବୀ ନା ମାନବୀ ? ଜଣେ ପତ୍ନୀ ତା ସ୍ୱାମୀଙ୍କ ପ୍ରେମିକା ପ୍ରତି ସତରେ କ'ଣ ଏତେ ସମ୍ବେଦନଶୀଳ ହୋଇପାରେ ?

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

# ସେଇ ସାତ ଦିନ

## ସତ୍ୟନାରାୟଣ ପ୍ରଧାନ



ଦୁଇ ବନ୍ଧୁଙ୍କ ଭିତରେ ଅତୁଟ ସମ୍ପର୍କ ଯାହାକୁ ନେଇ ଗାଁ ସାରା ଚର୍ଚ୍ଚାର ବିନ୍ଦୁ ପାଲଟି ଯାଇଥିଲା । କେହି କାହାରିକୁ ଦଣ୍ଡେ ନ ଦେଖିଲେ ପାଗଳ ହୋଇ ଯାଅନ୍ତି । ଜୀବନ ଆଉ ମୃତ୍ୟୁ ଯଦି ସେ ଦୁହିଁଙ୍କୁ ଅଲଗା କରି ପାରିବ ନ ହେଲେ କାହାରିକୁ ସେ ସୁଯୋଗ ମିଳିବ ନାହିଁ ବୋଲି ନିଶ୍ଚିନ୍ତ ହୋଇ ଯାଇଥିଲେ। ସେମାନଙ୍କ ଭିତରୁ ଜଣେ ଧନୀ ଅନ୍ୟଟି ଗରିବ ହେଲେ ବି ସେ ତାରତମ୍ୟ ବନ୍ଧୁତା ଉପରେ କୌଣସି ପ୍ରଭାବ ପକାଇ ପାରୁ ନ ଥିଲା ।

ଧନୀ ବନ୍ଧୁର ବାପା ଦୀର୍ଘ ଦିନ ଆଗରୁ ହୃଦରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ସେ ନିଜର ଶେଷ ସମୟ ଆସି ପହଞ୍ଚି ଗଲାଣି ବୋଲି ଜାଣି ପାରିଲେ । ସେଥିପାଇଁ ପାଇଁ ନିଜ ପୁଅକୁ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ପୁଅ କିନ୍ତୁ ଅଚାନକ ବିବାହ କରିବା ପରିସ୍ଥିତିରେ ନ ଥିଲା । କାଳେ କିଛି ହୋଇଯିବ ସେ ଭୟରେ କିଛି ଗୋଟେ ଉପାୟ ବାହାର କରିବା ଲାଗି ତା ବନ୍ଧୁ ନିକଟରେ ଯାଇ ହାଜର ହୋଇଗଲା। ସେ ନିଜ ତରଫରୁ ଗୋଟେ ସ୍ତ୍ରୀ ହେବାର ଅଭିନୟ କିଛି ଦିନ ପାଇଁ ହେଉ ପଛେ ଯଦି କିଏ ରାଜି ହୋଇଯାଏ ସେ ବାବଦକୁ ଯେତେ ଟଙ୍କା ଦରକାର ଦେବାକୁ ପ୍ରସ୍ତୁତ ବୋଲି ଶୁଣାଇ ଦେଇଥିଲେ ।

ବନ୍ଧୁ ଜଣଙ୍କ ଗରିବ ହେଲେ ବି ନିଜ ଦ୍ୱାରା ଯାହା ସମ୍ଭବ ତାହା କରିବାକୁ ମନରେ ଚିନ୍ତା କରି ଗୋଟେ ଉପାୟ ବାହାର କରିଥିଲା । ସେ ଯାହାକୁ ଭଲ ପାଏ ତାର ନିଜ ମାଆ ଆରପାରିକୁ ଚାଲି ଯିବାର ଅନେକ ବର୍ଷ ବିତି ଯାଇଛି । ଘରେ ସାବତ ମାଆ ଦିନ ରାତି ଚାକରାଣୀ ଭଳିଆ ନିଜ ଝିଅ ହୋଇ ନ ଥିବାରୁ ତାକୁ କାମ କରାଇ ମୋଟେ ମନ ବୁଝେନାହିଁ । ଏପରି ପରିସ୍ଥିତିକୁ ଆଖି ଆଗରେ ରଖି କାହାକୁ କିଛି ନ ଜଣାଇ ମିଛରେ ହେଉ ପଛେ କିଛି ମାସ ପାଇଁ ବୋହୂର ଅଭିନୟ କରି ବନ୍ଧୁର ବାପାଙ୍କ ଶେଷ ଇଚ୍ଛା ପୂର୍ଣ୍ଣ କରିବାରେ ପୁଣ୍ୟ ଅଛି ବୋଲି ଭାବି ବସିଥିଲା ।

କିଛି ଦିନ ପରେ ସେ ତ ଆଉ ଏ ଦୁନିଆରେ ନ ଥିବେ ଖାଲି ବଞ୍ଚିଥିବା ଯାଏ ତାଙ୍କର ସେବା କରି ପାରିଲେ ବୃଦ୍ଧ ଲୋକଟିର ଆତ୍ମା ଶାନ୍ତିରେ ମରି ପାରିବ ବୋଲି ଅନେକ ଥର ବୁଝାଇବା ପରେ ବନ୍ଧୁ ଜଣଙ୍କର ପ୍ରେମିକା ବିବାହ କରିବା ପାଇଁ ରାଜି ହୋଇଥିଲା । ବାହାଘର କେବଳ ମନ୍ଦିରରେ ସେଇ ଦୁଇ ବନ୍ଧୁ ଓ ତାଙ୍କ ବାପାଙ୍କ ଛଡା ଅନ୍ୟ କେହି ନ ଥିଲେ । ଝିଅଟି ଆଗରୁ ଯାହା ଭାବି ଆସିଥିଲା ବାସ୍ତବତା ତା ଠାରୁ ଆହୁରି ଭୟଙ୍କର ସାବସ୍ତ୍ୟ ହୋଇ ପଡିଥିଲା ।

ପ୍ରତି ମୁହୂର୍ତ୍ତର ମିଛ ଅଭିନୟ ଗୁଡାକ ଅସହ୍ୟ ହୋଇ ପଡିଥିଲା । ବୋହୂ ହୋଇ ଆସିବାର ସାତ ଦିନ ବିତିଗଲା ପରେ ପୂର୍ବରୁ ରୋଗରେ ପୀଡ଼ିତ ଥିବା ବୃଦ୍ଧ ବାପା ମୃତ୍ୟୁବରଣ କରିଥିଲେ। ଦୁଇ ସାଙ୍ଗ ମନରେ ଭାବିଲେ ଯାହା ହେଉ ତା ଅଭିନୟର ଶେଷ ଦୃଶ୍ୟ ପହଞ୍ଚି ଯାଇଛି । ତାକୁ ଆଉ ମୁଣ୍ଡରେ ଓଢଣୀ ଦେବାକୁ ପଡିବ ନାହିଁ । ବିବାହ ହୋଇଥିଲା ସତ କିନ୍ତୁ ସେମାନଙ୍କ ଭିତରେ ଥିବା ସମ୍ପର୍କ ଗଙ୍ଗାଠାରୁ ଆହୁରି ପବିତ୍ର । ଧନୀ ବନ୍ଧୁ ଜଣଙ୍କ ତାଙ୍କୁ ସମ୍ମାନର ସହିତ ପୁଣି ଗୋଟେ ଝିଅ ବେଶରେ ଘରେ ନେଇ ଛାଡି ଆସିବାକୁ ବାହାରିଲା ବେଳେ ସେ ଯିବାକୁ ଆଦୌ ମନା କରିଥିଲେ । ଶେଷରେ ବାଧ ହୋଇ ସେଇ ପିଲାଦିନ ବନ୍ଧୁକୁ ଡାକିବାକୁ ପଡିଲା ।

ସେ ନିଜ ଭଲ ପାଇବାକୁ ଆଉ କାହାର ସିନ୍ଦୁର ହେବାକୁ ତ୍ୟାଗ ରୂପକ ବଳି ଦେବା ପରେ କହିବା ପାଇଁ ତା ପାଖରେ ଆଉ କିଛି ବାକି ନ ଥିଲା । ସେ ମନରେ ଅନେକ ଦିନ ଆଗରୁ ଭାବି ନେଇଥିଲା ଯେ ସେ ତ ମୁଠେ ଖାଇବାକୁ ଦେବାର ସାମର୍ଥ୍ୟ ହରାଇ ବସିଥିଲା । ସେ ଆଉ କାହାର ହେବା ଆଗରୁ ନିଜ ବନ୍ଧୁ ସହିତ ଛନ୍ଦି ଦେଲେ ଦୁଃଖିନୀର ଜୀବନଟା ସୁଧୁରି ଯିବ ବୋଲି ଏପରି କରିବାକୁ ବାଛି ନେଇଥିଲା । ବନ୍ଧୁ ଜଣଙ୍କର ବାପା ଦୁନିଆ ଛାଡି ଯିବା ପରେ ସେ ଆଉ କାହିଁକି ଜଣେ ଝିଅକୁ ପାଖରେ ରଖିବେ ଯାହାକୁ ସେ କେବେ ସ୍ତ୍ରୀ ବୋଲି ଭାବିନାହିଁ । ସର୍ତ୍ତ ଅନୁସାରେ ତାକୁ ଛାଡି ଦେବାକୁ ଉଚିତ ବୋଲି ମନେ କରିଥିଲେ ।

ଝିଅଟିଏ ଅଗ୍ନିକୁ ସାକ୍ଷୀ ରଖି ବିବାହ ବେଦୀରେ ଗୋଟେ ଧର୍ମପତ୍ନୀର ସ୍ୱୀକୃତି ପାଏ । ସେ ରାତି ପାହିଲେ ସବୁଦିନ ଗାଧୋଇ ସାରି ମଥାରେ ନିଜ ସ୍ୱାମୀ ନାମରେ ସିନ୍ଦୁର ପିନ୍ଧେ । ସେ ବଞ୍ଚିଥିବା ଯାଏ ଆଉ କାହାକୁ ଗ୍ରହଣ କରି ପାରି ପାପର ବୋଝକୁ ମୁଣ୍ଡେଇବା ପାଇଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥାଏ । ସେ ଆଉ କାହାର ହୋଇ ବଞ୍ଚିବା ଆଗରୁ ସାତ ଦିନର ହେଉ ପଛେ ସ୍ତ୍ରୀ ହେବାର ସୌଭାଗ୍ୟ ପାଇ ବାକି ଜୀବନ କାଟି ଦେବାର ନିଷ୍ପତ୍ତି ଗ୍ରହଣ କରିଥିଲା। ରାତିର ଅନ୍ଧାରେ କାହାର ନଜର ପଡିବା ଆଗରୁ ସବୁଦିନ ପାଇଁ ସେ ଗାଁ ଛାଡି ଗୋଟେ ଅଜଣା ରାଇଜରେ ଭିକ ମାଗି ପଛେ ପେଟ ପୋଷି ବଞ୍ଚିଯିବ ଭାବି ସମସ୍ତଙ୍କୁ ପର କରି ଘର ଛାଡି ଚାଲି ଯାଇଥିଲା।

+ଅଣ୍ଡିଆ, ଯାଜପୁର
ମୋ -୯୧୭୮୩୧୩୬୪୪

# ଭଲ ଲାଗେ...

## ସୁବ୍ରତ କୁମାର ଦାସ





ପ୍ରେମରେ ତ୍ୟାଗ ହେଉଛି ସର୍ବୋଚ୍ଚ ସୌନ୍ଦର୍ଯ୍ୟ, ଭୋଗ ନୁହେଁ... । ଅନୁଭବ ହେଉଛି ସତ୍ୟ ସମ୍ପର୍କର ପରିଚୟ। ଆଉ ବାନ୍ଧି ହୋଇଥିବା ହୃଦୟର ପ୍ରେମ ସାରାଦିନ ଅକ୍ଷୁର୍ଣ୍ଣ ରହିଥାଏ। ପ୍ରେମ ଶବ୍ଦଟି ଖୁବ୍ ସହଜରେ ବ୍ୟବହାର ହୁଏ, କିନ୍ତୁ ତାହାର ଗଭୀରତାକୁ ଅନୁଭବ କରିବାର ମଣିଷ ଅତ୍ୟନ୍ତ କମ୍। ଏମିତି ଏକ ନିର୍ମଳ ଓ ମାନସିକ ପବିତ୍ରତାର ଉଦାହରଣ ହେଉଛନ୍ତି ବିବେକ ଓ ଅଙ୍କିତା। ବିବେକର ଥିଲା ବୁଦ୍ଧି, ବିଚାର, ଶକ୍ତି ଓ ସତ୍ୟ-ଅସତ୍ୟର ପରିଚୟ କରିବାର କ୍ଷମତା। ତାଙ୍କ ନାମ ପରି ସେ ଶାନ୍ତ, ସଂଯମୀ ଓ ଦାୟିତ୍ୱବାନ। ସେହିପରି ଅଙ୍କିତା ଯିଏ ସମ୍ପର୍କକୁ ଭଲ ପାଇବାରେ ଗଢ଼ି ତୋଳେ। ମନରେ ଅସୁମାରୀ ସ୍ୱପ୍ନ, କିନ୍ତୁ ଚିନ୍ତାଧାରାରେ ଦୃଢ଼। କଲେଜ ପାଠ ପଢ଼ାର ସେହି ପୁରୁଣା ଦିନ ଲାଇବ୍ରେରୀ ପାଖ ଝଙ୍କାଳିଆ କଦମ୍ବ ଗଛ ତଳେ ଆରମ୍ଭ ହୋଇଥିଲା ସେମାନଙ୍କର ପରିଚୟ। ଦୁଇ ଅଚିହ୍ନା ମୁହଁ, ପରସ୍ପର ସହ ସାକ୍ଷାତ, ଆଉ ସେଇଠୁ ପ୍ରେମର ଅଙ୍କୁରୋଦ୍‌ଗମ। ଛଳ ଛଳ ଦୁଇଟି ନିରୀହ ଆଖି। କୌଣସି ଭାଷା ନଥିଲା କି ଭାବ ନଥିଲା ତାଙ୍କ କଥାବାର୍ତ୍ତାରେ । କୌଣସି ଆଡ଼ମ୍ବର ନଥିଲା କି ନଥିଲା ଅଧିକ ଆଶା।

ଅଙ୍କିତା ପ୍ରଥମେ ଖୁବ ଦୂରେଇ ରହିବାକୁ ଚେଷ୍ଟା କରୁଥିଲା, ମାତ୍ର ବେଶି ଦିନ ଦୂରେଇ ରହିପାରି ନଥିଲା। ବିବେକର ଶାନ୍ତ,ନିରୀହ ଓ ସରଳତା ସ୍ୱଭାବ ତାକୁ ଆକୃଷ୍ଟ କରିଥିଲା। ବିବେକ ମଧ ଅକୁହା ଭାଷାରେ ସମର୍ଥନ କରିଥିଲା। ଦିନେ ଏମିତି ଅଙ୍କିତା କିଛି ନ କହି ହାଲୁକା ସ୍ୱରରେ କହି ଦେଇଥିଲା ବିବେକ,"ଭଲ ଲାଗେ ତୋ ସହ ଗପିବାକୁ..."। ଏହି ଗୋଟିଏ ପଦ କଥା ସେମାନଙ୍କ ପ୍ରେମର ମୂଳମନ୍ତ୍ର ଥିଲା । ବିବେକ ପାଇଁ ଏହା କେବଳ କଥା ନୁହେଁ—ଏହା ଥିଲା ଏକ ଭାବନା, ଯାହା ତା ମନକୁ ଶାନ୍ତି ଦେଉଥିଲା। ସମୟ ସହିତ ସେମାନଙ୍କ ସମ୍ପର୍କ ଆହୁରି ଗଭୀର ହେଲା। କିନ୍ତୁ ଏହି ପ୍ରେମ ଆସକ୍ତିରେ ନୁହେଁ, ମର୍ଯ୍ୟାଦା ଓ ଆତ୍ମ ସମ୍ମାନରେ ଗଢ଼ି ଉଠିଥିଲା। ବିବେକ ସଦା କହୁଥିଲେ—ପ୍ରେମ ମାନେ ଧରି ରଖିବା ନୁହେଁ, ମନରେ ସମ୍ମାନ ରଖିବା। ଅଙ୍କିତା ଏହାକୁ ନିଜ ଜୀବନର ଆଦର୍ଶ ଭାବେ ଗ୍ରହଣ କରିଥିଲେ। କଲେଜ ପାଠ ଶେଷ ହେଲା ପରେ ଦୁହେଁ ଅଲଗା ହୋଇ ଯାଇଥିଲେ। ସମୟ ଆଉ ପରିସ୍ଥିତି ଦୁଇ ଜଣକୁ ଅଲଗା କରିଥିଲା ସତ, ମାତ୍ର ହୃଦୟରେ ବେପଥୁ ସୃଷ୍ଟି କରିଥିଲା। ଦିନେ ବିବେକଙ୍କୁ ଚାକିରି ସୁଯୋଗ ପାଇଁ ସହରକୁ ଯିବାକୁ ପଡ଼ିଲା। ଏହି ସମୟରେ ସେମାନଙ୍କ ଭଲ ପାଇବାର ଗଭୀରତା କୁ ପରୀକ୍ଷା ଦେବାକୁ ପଡ଼ିଲା। ଅଙ୍କିତାର ଆଖିରେ ଲୁହ ଭରି ଯାଇଥିଲା, କିନ୍ତୁ ସେ ନିଜକୁ ଦୃଢ଼ କରି କହିଲା—ତୁ ଯା... ତୋ ସ୍ୱପ୍ନ ପୂରଣ କର। ମୋ ପ୍ରେମ ତୋ ପଥରେ ଅନ୍ତରାୟ ହେବ ନାହିଁ।ଏହି ମୂହୂର୍ତ୍ତରେ ସ୍ପଷ୍ଟ ହେଲା, ତ୍ୟାଗ ହେଉଛି ସତ୍ୟ ପ୍ରେମର ପରିଚୟ। ବିବେକ ସହରରେ ବ୍ୟସ୍ତ ରହିଲା । ଅଙ୍କିତା ନିଜ ଜୀବନକୁ ବିବେକ ପ୍ରତି ସମର୍ପିତ କରି ସ୍ଥିର ରହିଲା। ଦୁହେଁ ଜଣେ ଅନ୍ୟ ଜଣକୁ ଭୁଲି ନଥିଲେ। କିନ୍ତୁ କେବେ ନିଜ ସ୍ୱାର୍ଥ ପାଇଁ ଅନ୍ୟ ଜଣକୁ ବାନ୍ଧି ରଖିଲେ ନାହିଁ। ବିବେକ ଅନେକ ବେଳେ ଭାବୁଥିଲେ, ଯଦି ମୁଁ ଅଙ୍କିତାକୁ ଧରି ରଖିଥାନ୍ତି, ତେବେ ସେ ପ୍ରେମ ନୁହେଁ, ସେ ମୋର ଆସକ୍ତି ହୋଇଥାନ୍ତା। ଅଙ୍କିତା ମଧ ନିଜକୁ ବୁଝାଇଥିଲେ, ଆମ ଭଲ ପାଇବା ଯଦି ସତ୍ୟ, ସ୍ୱଚ୍ଛ ତେବେ ସେ କେବେ ହାରିବ ନାହିଁ। କିଛି ଦିନ ଏମିତି ବିତିଗଲା। ଦୁଇ ଜଣ ବର୍ଷ କେତେକ ପରେ ସେମାନେ ପୁଣି ମୂଳ ସାକ୍ଷୀ ଥିବା ସେହି ପୁରୁଣା ସ୍ମୃତି କଲେଜ ଲାଇବ୍ରେରୀ ପାଖ କଦମ୍ବ ଗଛ ପାଖରେ ସାକ୍ଷାତ ପାଇଁ ସ୍ଥିର କଲେ। ସମୟ ବଦଳିଥିଲା, କିନ୍ତୁ ସେହି ବାକ୍ୟ ଆଜି ମଧ ସଜୀବ ଥିଲା— ଭଲ ଲାଗେ ତୋ ସହ ଗପିବାକୁ...। ଏଥର କଥାରେ ଥିଲା ଅଧିକ ପ୍ରାଞ୍ଜଳତା, ଅଧିକ ଅନୁଭବ ଓ ଅଧିକ ଶାନ୍ତି। ପ୍ରେମ କେବଳ ଭୋଗ ନୁହେଁ, ଏହା ଏକ ଦାୟିତ୍ୱ। ତ୍ୟାଗ ବିନା ପ୍ରେମର ସ୍ୱାଦ ଅଧୂରା ରହିଯାଏ। ସତ୍ୟ ପ୍ରେମ ସେଇଠି, ଯେଉଁଠାରେ ନିଜ ସୁଖ ଠାରୁ ଅନ୍ୟର ସୁଖ ବଡ଼ ବୋଲି ବିବେଚନା କରାଯାଏ। ସେହି କଦମ୍ବ ଗଛ ଅଛି, ଆଜି ମଧ ସୁଲୁସୁଲିଆ ପବନ ବହୁଛି । ଏବଂ ସେହି ପବନ ସାଇଁ ସାଇଁ ବହି ମନେ ପକେଇ ଦେଇ କହୁଛି, ଭଲ ଲାଗେ ତୋ ସହ ଗପିବାକୁ...। ବିବେକ , ଅଙ୍କିତା ହାତ ଧରା ଧରି ହୋଇ ଆଗେଇ ଚାଲିଲେ ଏକ ମୁକ୍ତ ଆକାଶର ବିହଙ୍ଗ ପରି....।

+ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

## ଯୁବମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ମହିଳା ଶୋଭାଯାତ୍ରା

କେନ୍ଦୁଝର, ୨୬/୦୪ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ମହିଳା ସଂରକ୍ଷଣ ବିଲ ବିଫଳ ହେବାକୁ ପ୍ରତିବାଦ କରି କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ 'ଜନ ଆକ୍ରୋଶ' ମହିଳା ଶୋଭାଯାତ୍ରା ଆୟୋଜିତ ହୋଇଛି। ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ ଓ ଯୁବମୋର୍ଚ୍ଚା ସଭାପତି ରୁଦ୍ର ଶଙ୍କର ବେହେରାଙ୍କ ତତ୍ୱାବଧାନରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସାଧ ସାଧାରଣ ସମ୍ପାଦକ ଅଗନୁ ଚରଣ ମହାନ୍ତ, ଜସ୍ୱସିନୀ ବଳ, ଯୁବମୋର୍ଚ୍ଚା ସମ୍ପାଦିକା ଦୀପାରାଣୀ ମହାକୁଡ଼ ସହିତ ଯୋଡ଼ା ଅଂଚଳର ଶତାଧିକ ମହିଳା ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦେଇଥିଲେ। ଏହି ଶୋଭାଯାତ୍ରା ଯୋଗ ଦେଇଥିଲେ ଯୋଡ଼ାସ୍ଥିତ ଫେରୋ ପ୍ଲାଂଟ ନିକଟରୁ ଆରମ୍ଭହୋଇ ଯୋଡ଼ା ବସ୍‌ଷ୍ଟାଣ୍ଡ ଖଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପହଂଚି ପ୍ରତିବାଦ ସଭା ଓ ବିକ୍ଷୋଭପ୍ରଦର୍ଶନ କରାଯାଇଥିଲା। ଏହାସହିତ ରାହୁଲ ଗାନ୍ଧୀ ସମେତ ଇଣ୍ଡିଆ ମେଣ୍ଟର କିଛି ନେତୃବୃନ୍ଦଙ୍କ କୁଶପୁତଳିକା ଦାହ କରାଯାଇଥିବା ଜଣାପଡ଼ିଛି। ଏହି ଅବସରରେ ଆୟୋଜକମାନେ କେନ୍ଦ୍ର ସରକାରଙ୍କ ମହିଳା ସଂରକ୍ଷଣ ସମ୍ବନ୍ଧୀୟ ପଦକ୍ଷେପକୁ ସମର୍ଥନ କରିଥିବା ବେଳେ, ବିଲ୍‌ଟି ପାସ୍ ନହେବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗ : ସ୍ୱାମୀ ଅଟକ

ଭଦ୍ରକ, ୨୬/୦୪ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଭାଟପଡ଼ା ପଂଚାୟତ ଅଧୀନ ମଙ୍ଗରାଜପୁର ଗ୍ରାମର ସୁପର୍ଣ୍ଣା ପୁହାଣ (୨୯) ନାମ୍ନୀ ଜଣେ ମହିଳାଙ୍କୁ ଗୁରୁବାର ତାଙ୍କ ଶାଶୁଘର ଲୋକେ ହତ୍ୟା କରି ଫ୍ୟାନରେ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ମୃତା ସୁପର୍ଣ୍ଣାଙ୍କ ମା ମଞ୍ଜୁଲତା ପୁହାଣ ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୪୧/୨୬ ରେ ଏକ ମକଦ୍ଦମା ରୁଜୁ କରିଛି । ଏଥିସହ ପୋଲିସ ମୃତା ମହିଳାଙ୍କ ସ୍ୱାମୀ କକେଇ ପଣ୍ଡାଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ, ମଙ୍ଗରାଜପୁର ଗ୍ରାମର ରାମଚନ୍ଦ୍ର ପଣ୍ଡାଙ୍କ ପୁଅ କକେଇ ୬ମାସ ପୂର୍ବେ ତିହିଡ଼ି ଥାନା ଗୁଆମାଳ ପଂଚାୟତ ଅଧୀନ ଈଶାଣପୁର ଗ୍ରାମର ଶରତ ପୁହାଣଙ୍କ ଝିଅ ସୁପର୍ଣ୍ଣାଙ୍କୁ ୨ୟ ବିବାହ କରିଥିଲେ । ବିବାହର କିଛିଦିନ ପରେ ସୁପର୍ଣ୍ଣାଙ୍କୁ ତାଙ୍କ ଶାଶୁଘର ଲୋକମାନେ ନିର୍ଯାତନା ଦେଉଥିଲେ । ନିର୍ଯ୍ୟାତନା ସମ୍ପର୍କରେ ସୁପର୍ଣ୍ଣା ଟେଲିଫୋନ ଯୋଗେ ତାଙ୍କ ମାଙ୍କୁ ଜଣାଇଥିଲେ । ମାତ୍ର ଗୁରୁବାର ସନ୍ଧ୍ୟାରେ ସୁପର୍ଣ୍ଣାଙ୍କୁ ତାଙ୍କ ଶାଶୁଘର ଲୋକେ ହତ୍ୟା କରି ଏକ ଶାଢ଼ି ସହାୟତାରେ ଫ୍ୟାନରେ ଝୁଲାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଅପରପକ୍ଷେ ସୁପର୍ଣ୍ଣା ଆତ୍ମହତ୍ୟା କରିଥିବା ସମ୍ପର୍କରେ ତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ । ଖବର ପାଇ ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଂଚିଥିଲେ । ସୁପର୍ଣ୍ଣାଙ୍କ ମୃତଦେହ ଝୁଲୁଥିବା ଘର ଭିତର ପଟୁ ବନ୍ଦ ଥିବାରୁ ପୋଲିସ ଘର କବାଟ ଭାଙ୍ଗି ମୃତଦେହକୁ ଜବତ କରିଥିଲା । ପରେ ପୋଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଥିବା ଜଣାଯାଇଛି । ତେବେ ପୋଷ୍ଟମର୍ଟମ ରିପୋର୍ଟ ମିଳିବା ପରେ ସୁପର୍ଣ୍ଣାଙ୍କୁ ହତ୍ୟା କରାଯାଇଛି କି ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇଯିବ ବୋଲି ଆଲୋଚନା ହେଉଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ : ପ୍ରାଣୀ ସମ୍ପଦର ସୁରକ୍ଷା ହିଁ ଆମ ଅର୍ଥନୀତିର ମୂଳଦୁଆ

ମାଲକାନଗିରି, ୨୬/୦୪ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୁଲ୍ୟରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅତି ଆଡ଼ମ୍ବର ସହକାରେ ଆଜି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ଯେ, ପ୍ରାଣୀ ଚିକିତ୍ସକମାନେ ହେଉଛନ୍ତି ସମାଜର ପ୍ରଚ୍ଛଦ ପଟ୍ଟର ନାୟକ ଏବଂ ଗ୍ରାମାଚଂଳର ଅର୍ଥନୀତି ପ୍ରାଣୀ ସମ୍ପଦ ଉପରେ ନିର୍ଭରଶୀଳ ହୋଇଥିବାରୁ ସେମାନଙ୍କର ସୁରକ୍ଷା ଓ ଚିକିତ୍ସା କ୍ଷେତ୍ରରେ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପଶୁପାଳନ କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଜମି ପ୍ରଦାନ ଏବଂ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ମତ୍ସ୍ୟ ଚାଷ ଓ ପଶୁପାଳନ କିପରି ସମାନ୍ତରାଳ ଭାବେ ଚାଷୀଙ୍କ ଆୟ ବୃଦ୍ଧି କରିପାରିବ, ସେ ବିଷୟରେ ସୂଚନା ଦେଇଥିଲେ। ସେହିପରି ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଜିଲ୍ଲାରେ ଚାଲିଥିବା ଟୀକାକରଣ ଏବଂ ବିଭିନ୍ନ ପ୍ରାଣୀ ସମ୍ପଦ ବିକାଶ ଯୋଜନାର ସଫଳତା ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ପ୍ରାଣୀ ଚିକିତ୍ସକ, ପ୍ରାଣୀ ସ୍ୱାସ୍ଥ୍ୟ କର୍ମୀ, ଦୁଗ୍ଧ ଚାଷୀ ସଂଘର ପ୍ରତିନିଧି, ଅଗ୍ରଣୀ ପଶୁପାଳକ ଏବଂ ବିଭାଗୀୟ କର୍ମଚାରୀ ପ୍ରମୁଖ ଅଂଶୀଦାର ଭାବେ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ସେବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା କିଛି ସଫଳ ଚାଷୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରାଣୀମାନଙ୍କ ପ୍ରତି ଦୟାଭାବ ପୋଷଣ କରିବା ଓ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଉଟସୋର୍ସିଂ ସଂଘ

ବଲାଙ୍ଗୀର, ୨୬/୦୪ (ନି.ପ୍ର): ସ୍ଥାନୀୟ ସରକାରୀ ଅତିଥି ଭବନ(ସର୍କିଟ ହାଉସ) ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସରକାରୀ ଆଉଟସୋରର୍ସିଂ କର୍ମଚାରୀ ମହାସଂଘ, ବଲାଙ୍ଗୀର ଜିଲ୍ଲା ଶାଖା ପକ୍ଷରୁ ଦାବିପତ୍ର ଓ ଫୁଲ ତାରା ପ୍ରଦାନ କରାଯାଇଛି। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ବିଷୟରେ ସୂଚିତ କରି ଖୁବ ଶୀଘ୍ର ଇଣ୍ଟର୍ମିନିଷ୍ଟ୍ରିଆଲ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ଏ ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମଧ୍ୟ ଉପସ୍ଥିତ ଥିଲେ। ଦଶନ୍ଧି ଧରି ବିଭିନ୍ନ ସରକାରୀ ଅଫିସରେ କାର୍ଯ୍ୟରତ ରାଜ୍ୟର ହଜାର ହଜାର ଠିକା କର୍ମଚାରୀ ଆପଣଙ୍କୁ ଅନେଇ ରହିଛନ୍ତି ବୋଲି ଜଣେଇ ଦିଆଯାଇଛି। ପ୍ରକାଶଯୋଗ୍ୟ ଯେ ଗଲା ମାସରେ ରାଜ୍ୟ ସଂଘର ଆହ୍ୱାନରେ ୧୦ ଦିନ ବ୍ୟାପୀ ଆନ୍ଦୋଳନ ପରେ ନେତୃତ୍ୱଙ୍କୁ ଡ଼ାକି ମୁଖ୍ୟମନ୍ତ୍ରୀ ନିଜ ପ୍ରକୋଷ୍ଠରେ ଆଇନ ମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା କରିଥଲେ। ଶୀଘ୍ର ଆନ୍ତଃ ମନ୍ତ୍ରୀମଣ୍ଡଳ କମିଟି ଗଠନ ପୂର୍ବକ ଏ ସମସ୍ୟାକୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ପରେ ରାଜ୍ୟ ସାରା ସମସ୍ତ ଠିକା କର୍ମଚାରୀ ଙ୍କ ଭିତରେ ଆଶା ଓ ଉତ୍କଣ୍ଠା ପରିଲକ୍ଷିତ ହେଉଛି। ଗତକାଲି ରାଜ୍ୟ ସ୍ତରୀୟ ପଂଚାୟତିରାଜ ଦିବସ ପାଳନ ଅବସରରେ ବଲାଙ୍ଗୀର ଆସିଥିବା ମୁଖ୍ୟମନ୍ତ୍ରୀ ରାତିରେ ସ୍ଥାନୀୟ ସର୍କିଟ ହାଉସରେ ରାତ୍ରିଯାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ ନେବା ପାଇଁ ପୂର୍ବରୁ ଅନୁମତି ମିଳିଥିଲା। ଆଜି ବଲାଙ୍ଗୀର ଜିଲ୍ଲା ସଂଗଠନ ତରଫରୁ ଜିଲ୍ଲାର ସଭାପତି ଶ୍ରୀ ରାଜେଶ ଝାଙ୍କର ଓ ସମ୍ପାଦକ ଶ୍ରୀ ଚଂଚଳ ମିଶ୍ର, ଉପସଭାପତି ଶ୍ରୀ ଦିଲ୍ଲୀପ ସାହୁ, ରବୀନ୍ଦ୍ର ନାଏକ ଓ ଅଭିଲାଷ ମିଶ୍ର ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ସହଯୋଗ କରିଥିବାରୁ ଜିଲ୍ଲା ବିଜେପି ସଭାପତି ତଥା ଅନ୍ୟ ନେତୃତ୍ୱଙ୍କୁ ଜିଲ୍ଲା ଆଉଟ୍ ସୋର୍ସିଂ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରଯାଇଛି।

## ରାଜା ଏ.ଟି. ଉଚ୍ଚ ବିଦ୍ୟାଳୟରେ ପୋଷାକ ବଂଟନ ଉତ୍ସବ

ନୂଆପଡ଼ା, ୨୬/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପୋଷାକ ବଂଟନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସମାରୋହରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ନବୀନ କିଶୋର ପାଢୀଙ୍କ ଯୋଗଦେଇ ଅଧ୍ୟୟନ ଓ ଅଧ୍ୟବସାୟ ସଫଳତାର ଚାବିକାଠି ବୋଲି ବକ୍ତବ୍ୟ ରଖିଥିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିୟମିତ ବିଦ୍ୟାଳୟ ଆସିବା ପାଇଁ ଉଦବୋଧନ ଦେଇଥିଲେ। ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରଭୁଦତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସରକାରଙ୍କ ଯୋଜନା ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା ।

## ବିଶ୍ୱଶାନ୍ତି ଶନିଶ୍ଚର ମହାଯଜ୍ଞ: ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଧର୍ମଶାଳା, ୨୬/୦୪ (ନି.ପ୍ର): ଆଜି ହେଉଛି ଗ୍ରହରାଜ ଶନି ଓଷା । ବିଭିନ୍ନ ଶନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ । ଆଜିର ଦିନରେ ବ୍ରତ ସହ ଗ୍ରହରାଜଙ୍କ ଉପରେ ଜଳାଭିଷେକ କଲେ ଶନିଙ୍କ କୋପ ପଡିବ ନାହିଁ । ତେବେ ଆଜି ଶନି ଓଷା ହୋଇ ଥିବାରୁ ଯାଜପୁର ଜିଲାର ସମସ୍ତ ଶନି ମନ୍ଦିରରେ ଭକ୍ତଙ୍କୁ ନାହିଁ ନ ଥିବା ଭିଡ ଦେଖିବକୁ ମିଳିଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକର ୨୦ରୁ ଉର୍ଦ୍ଧ ଶନି ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି । ବିଶେଷ କରି ଏହି ବ୍ଲକ ଦେଓଦା ଓ ମଙ୍ଗଳପୁର ପଂଚାୟତସ୍ଥ ପଂଚାୟତ ବାସୁଦେବପୁର ନିରଘାଟ ଶନି ମନ୍ଦିର ଜିଲାରେ ବେଶ୍ ପରିଚିତ । ଆଜି ଏହି ମନ୍ଦିରରେ ଭୋର ସମୟରେ ପଣ୍ଡିତ ମଦନ ନନ୍ଦଙ୍କ ଦ୍ୱାରା ବିଶେଷ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ପୂଜାକର୍ମରେ ମୁଖ୍ୟକର୍ତ୍ତା ରଂଜନ କୁମାର ପାଣି ସହଯୋଗ କରିଥିଲେ । ସକାଳୁ ସକାଳୁ ସ୍ଥାନୀୟ ୨୦ ଗୋଟି ପଂଚାୟତର ଶହଶହ ଭକ୍ତ ଏଠାକୁ ଆସି ପୂଜାର୍ଚ୍ଚନା କରିଛନ୍ତି । ବ୍ରାହ୍ମଣୀର ଶାଖା କେଲୁଅ ନଦୀରୁ ମାନସିକଧାରୀମାନେ କଳସରେ ପାଣି ଆଣି ଶନିଙ୍କ ପରେ ଜଳାଭିଷେକ କରିଥିଲେ । ଜଳ ଲାଗି କଲେ ଶନି ପ୍ରସନ୍ନ ହୁଅନ୍ତି ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି । ପରେ ଭକ୍ତମାନେ ଦୀପ ଜାଳି ଶନି ଦେବଙ୍କୁ ନିଜର ଗୁହାରୀ ଶୁଣାଇଛନ୍ତି । ସୁରେନ୍ଦ୍ର ପାଣି,ପ୍ରସନ୍ନ ପାଣି,ସୁଜିତ ପାଣି,ବିଜୟ କୁମାର ପାଣି,ନିରଞ୍ଜନ ମହାନ୍ତି,ନବଘନ ପାଣି,ଧର୍ମେନ୍ଦ୍ର ପାଣି,କୁଳମଣୀ ସାହୁ,ନାରଣ ସାହୁ,ଶ୍ୟାମ ସୁନ୍ଦର ବେହେରା,ଶତ୍ରୁଘ୍ନ ସାହୁ,ଶରତ ସାହୁ,ବୀର କିଶୋର ସାହୁ,ବସନ୍ତ ସାହୁ,ତୈଲୋକ୍ୟ ବେହେରା,ରଶ୍ମି ରଂଜନ ସାହୁ,ଜଗତ ସାହୁ,ରବିନ୍ଦ୍ର ସାହୁ,ଅକ୍ଷୟ ମଳିକ,ନିରଞ୍ଜନ ମଳିକ,ସନ୍ତୋଷ ମଳିକ,ପ୍ରଫୁଲ୍ଲ ମଳିକ,ନିତ୍ୟାନନ୍ଦ ମଳିକ,ଦାମ ମଳିକ ଓ ସ୍ୱରାଜ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜନସମାଗମକୁ ଦୃଷ୍ଟିରେ ରଖି ଧର୍ମଶାଳା ଥାନା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ବିଶେଷ କରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି । ସେହିପରିଭାବେ ରସୁଲପୁର ବ୍ଲକ ବ୍ରହ୍ମବରଦା ହାଟଠାରେ ବିଶେଷ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି । ଭକ୍ତମାନେ ଶହଶହ ସଂଖ୍ୟାରେ ଯୋଗ ଦେଇ ବ୍ରାହ୍ମଣୀ ନଦୀରୁ କଳସୀ ଜଳ ସଂଗ୍ରହ କରି ମନ୍ଦିରରେ ଜଳାଭିଷେକ କରିଥିଲେ । ଦିପକ ସାହୁ, ଅତୁଲ୍ୟ ରାଉତ, ସୁଧିର ବେହେରା,ଅଜୟ ବେହେରା,ନକୁଳ ଦାସ,ଅକ୍ଷୟ ଗିରି,ଅଶୋକ ଦାସ,ହାଡିବନ୍ଧୁ ଦାସ ଓ କମଳ ଦାସ ପ୍ରମୁଖ ଯଜ୍ଞ କର୍ମରେ ସହଯୋଗ କରିଥିଲେ । ବ୍ରହ୍ମବରଦା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ନିମେନ୍ତ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ମାଲକାନଗିରିରେ ସନ୍ତରଣ ଓ ଜୀବନ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଲକାନଗିରି, ୨୬/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ସନ୍ତରଣ ଏବଂ ବୁଡ଼ିଯିବା ସମୟରେ ଜୀବନ ରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ୧୦ମ ବ୍ୟାଚ୍ ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ସଫଳତାର ସହ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଜଳ ଦୁର୍ଘଟଣାରୁ ନିଜକୁ ଏବଂ ଅନ୍ୟକୁ ରକ୍ଷା କରିବା ପାଇଁ ପହଁରା ଶିଖିବା ଏକ ଅତ୍ୟନ୍ତ ଜରୁରୀ ଜୀବନ କୌଶଳ। ଅନେକ ସମୟରେ ପହଁରା ଜାଣି ନଥିବାରୁ ଅକାଳରେ ବହୁ ମୂଲ୍ୟବାନ ଜୀବନ ଚାଲିଯାଏ। ଏହି ପ୍ରଶିକ୍ଷଣ ଯୁବପିଢ଼ିଙ୍କୁ କେବଳ ଆତ୍ମବିଶ୍ୱାସ ଦେବ ନାହିଁ, ବରଂ ବିପଦ ସମୟରେ ଜଣେ ଜଣେ ଲାଇଫ୍ ସେଭର୍ ବା ଜୀବନ ରକ୍ଷକ ଭାବେ କାର୍ଯ୍ୟ କରିବାକୁ ସକ୍ଷମ କରିବ। ଜିଲ୍ଲା ପ୍ରଶାସନର ଏହି ପ୍ରୟାସ ଆଗାମୀ ଦିନରେ ଜଳଜନିତ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ। ସେହିପରି ବନଖଣ୍ଡ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି କହିଛନ୍ତି, ମାଲକାନଗିରି ଭଳି ଜଳାଶୟ ଘେରା ଅଂଚଳରେ ଏହି ପ୍ରକାର ପ୍ରଶିକ୍ଷଣର ପ୍ରାସଙ୍ଗିକତା ଅଧିକ। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ବନ୍ୟା ପରିସ୍ଥିତିରେ ଏହି ତାଲିମ ଅମୂଲ୍ୟ ଜୀବନ ବଂଚାଇବାରେ ସହାୟକ ହେବ। କେବଳ ପହଁରା ନୁହେଁ, ବରଂ ବୁଡ଼ି ଯାଉଥିବା ବ୍ୟକ୍ତିଙ୍କୁ କିଭଳି ବୈଜ୍ଞାନିକ ପଦ୍ଧତିରେ ଉଦ୍ଧାର କରାଯାଇପାରିବ, ସେହି କୌଶଳ ପ୍ରତ୍ୟେକ ନାଗରିକ ଜାଣିବା ଉଚିତ୍। ସୂଚନାଯୋଗ୍ୟ ଯେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋଟ ୧୦ଟି ବ୍ୟାଚ୍ ରେ ୩୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ପ୍ରତି ବ୍ୟାଚ୍ ରେ ୩୦ ଜଣ ପ୍ରଶିକ୍ଷାର୍ଥୀ ସାମିଲ ହୋଇ ଜଳରେ ଜୀବନ ରକ୍ଷା କରିବାର ବିଭିନ୍ନ ପ୍ରାୟୋଗିକ କୌଶଳ ଶିକ୍ଷା କରିଛନ୍ତି। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିବାରେ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବାନ୍ଧନଘୋରସ୍ଥିତ ଶ୍ରୀରାମ ମନ୍ଦିରରେ ପବିତ୍ର ସୀତା ନବମୀ ଉତ୍ସବ ଅନୁଷ୍ଠିତ

ବଲାଙ୍ଗୀର, ୨୬/୦୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ସ୍ଥିତ ଶ୍ରୀରାମ ମନ୍ଦିରରେ ପବିତ୍ର ସୀତା ନବମୀ ଅବସରରେ ମାତା ସୀତାଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟ ଦ୍ୱାରା ଅନୁଷ୍ଠିତ ଏହି ଉତ୍ସବରେ ରାମାୟଣ ପଠନ ଓ ବୈଠକୀ କୀର୍ତନ ଅନୁଷ୍ଠିତ ହୋଇଥିଲା। ସୀତା ନବମୀ, ଯାହାକୁ ଜାନକୀ ନବମୀ ବୋଲି ମଧ୍ୟ କୁହାଯାଏ। ମାତା ସୀତାଙ୍କର ଜନ୍ମ ଦିବସ ଭାବେ ପାଳନ କରାଯାଏ। ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଙ୍କ ସହଧର୍ମିଣୀ ମାତା ସୀତା ଏହି ଦିନ ଆବିର୍ଭାବ ହୋଇଥିଲେ। ଏହା ବୈଶାଖ ମାସର ଶୁକ୍ଳ ପକ୍ଷର ନବମୀ ତିଥିରେ ପାଳନ କରାଯାଏ। ମିଥିଳା ସହିତ ଭାରତ ଓ ନେପାଳର ବିଭିନ୍ନ ସ୍ଥାନରେ ଏହାର ବିଶେଷ ମହତ୍ୱ ରହିଛି। ଏହି ଦିନଟିର ଆଧାତ୍ମିକ ଗୁରୁତ୍ୱ ବହୁତ, କାରଣ ସୀତା ଶୁଦ୍ଧତା, ଭକ୍ତି, ସହନଶୀଳତା ଓ ଧୈର୍ଯ୍ୟର ପ୍ରତୀକ। ଭକ୍ତମାନେ ବିଶେଷକରି ନାରୀମାନେ, ଉପବାସ କରି ପୂଜା କରନ୍ତି ଏବଂ ରାମାୟଣ ପାଠ କରି ପରିବାରର ସୁଖ-ଶାନ୍ତି, ଦାମ୍ପତ୍ୟ ଜୀବନ ଓ ଆତ୍ମିକ ଶକ୍ତି ପାଇଁ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ସୀତା ନବମୀ ଆମକୁ ଧର୍ମ, ତ୍ୟାଗ ଓ ଅତୁଟ ବିଶ୍ୱାସର ମୂଲ୍ୟ ବୁଝାଇଥାଏ। ଆଜିର ଉତ୍ସବରେ ଅଚ୍ୟୁତାନନ୍ଦ ମିଶ୍ର ଓ ତାଙ୍କର ଧର୍ମ ପତ୍ନୀ ରଶ୍ମି ରାଣୀ ମାତା ସୀତାଙ୍କର ପିତା ମାତା ଭୂମିକା ନିର୍ବାହ କରିଥିଲେ। ମନ୍ଦିରର ପୂଜକ ହିମାଂଶୁ ତ୍ରିପାଠୀଙ୍କ ଦ୍ୱାରା ପୂଜା ଓ ହୋମ ସମାପ୍ତ ହେବା ପରେ ପ୍ରସାଦ ସେବନ କରାଯାଇଥିଲା। ୨୦୧୯ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମନ୍ଦିରରେ ପ୍ରତ୍ୟେକ ବର୍ଷ ସୀତା ନବମୀ ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଉଅଛି। ପ୍ରତ୍ୟେକ ବର୍ଷ ପରି ବାନ୍ଧନଘୋର ତଥା ଆଖପାଖ ଗ୍ରାମର ଭକ୍ତମାନେ ଏହି ଉତ୍ସବରେ ଉପସ୍ଥିତ ରହିଥିଲେ। ସମସ୍ତ କାର୍ଯ୍ୟକ୍ରମ ଟ୍ରଷ୍ଟର ମୁଖ୍ୟ ପରିଚାଳନା ଟ୍ରଷ୍ଟି ମନ୍ମୟ ଆନନ୍ଦ କୁମାର ତ୍ରିପାଠୀଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରେକୃଷ୍ଣ ବୁଡେକ, ଗଣ୍ଡରାମ ଗହୀର, ସୁରେଶ ବୁଢ଼େକ, ସତ୍ୟ ଗହୀର, ଚିଙ୍କୁ ପ୍ରଧାନ, ଶ୍ରୀମୟ ତ୍ରିପାଠୀ, ସର୍ବଜିତ ତ୍ରିପାଠୀ, ମୁଖୀ ମାଝୀ, ସବିତା ସାହୁ,ସବିତା ବୁଡେକ ଓ ଭୂମିସୁତା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜରି ପାଲ ତଳେ ଜିଏନ୍ ହାଇସ୍କୁଲ

କେନ୍ଦୁଝର, ୨୬/୦୪ (ନି.ପ୍ର): ପାଟଣା ମୁଖ୍ୟାଳୟର ସବୁଠାରୁ ପୁରୁଣା ଜି.ଏନ୍. ଉଚ୍ଚ ବିଦ୍ୟାଳୟର ଅବସ୍ଥା ଦୟନୀୟ ହୋଇପଡ଼ିଛି। ୧୯୪୯ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ୭୭ ବର୍ଷ ପୂରଣ କରିଥିବା ସତ୍ୱେ ଶ୍ରେଣୀଗୃହର ଅଭାବ ଦୂର ହୋଇନାହିଁ। ଏ ପର୍ଯ୍ୟନ୍ତ ପକ୍କା ଶ୍ରେଣୀ ବର୍ତ୍ତମାନ ଛାତ୍ରଛାତ୍ର ଛାତ୍ରୀମାନେ ଟାଇଲ ଓ ଆଜବେଷ୍ଟ ଘରରେ ପାଠ ପଢୁଛନ୍ତି। ଗତ କିଛି ଦିନ ତଳେ ହୋଇଥିବା ଝଡ଼, ବର୍ଷା ଓ କୁଆପଥର ମାଡ଼ରେ ବିଦ୍ୟାଳୟର ଟାଇଲ ଓ ଆଜବେଷ୍ଟ ଛାତ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ କେବଳ ଜରିପାଲ ଟାଣି ଦେଇ ତାତ୍କାଳିକ ବ୍ୟବସ୍ଥା କରାଯାଇଥିବାବେଳେ, କାଳବୈଶାଖୀ ପବନରେ ସେହି ପାଲ ମଧ୍ୟ ଉଡ଼ିଯାଉଛି। ଫଳରେ ଶ୍ରେଣୀକକ୍ଷରେ ପାଣି ପ୍ରବେଶ କରି ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହି ପରିସ୍ଥିତିକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ପୁରାତନ ଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁରାତନ ଛାତ୍ର ବିଜୟ ରତ୍ନ ପତି ଓ ପ୍ରଶାନ୍ତ କୁମାର ଭଞ୍ଜଙ୍କ ଆହ୍ୱାନକ୍ରମେ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ଦାଶଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ପ୍ରଧାନ ଶିକ୍ଷୟତ୍ରୀ ନିରୂପମା ନାଏକ କହିଥିଲେ ଯେ, ଜରୁରୀ ମରାମତି କାମ ନ ହେଲେ ପିଲାମାନଙ୍କର ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେବ। ଦୀର୍ଘ ସମୟ ଧରି ବିଦ୍ୟାଳୟର ଏପରି ଅବସ୍ଥା ପ୍ରଶାସନର ଅବହେଳାକୁ ପ୍ରକାଶ କରୁଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ବୈଠକରେ ନିଷ୍ପତି ହୋଇଛି ଯେ, ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ଓ ସମଗ୍ର ଉନ୍ନତି ପାଇଁ ଶିକ୍ଷା ମନ୍ତ୍ରୀ, ଶିକ୍ଷା ବିଭାଗ ସଚିବ, ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।


## ଜାତୀୟ ପଂଚାୟତରାଜ ଦିବସ -୨୦୨୬ ପାଳିତ

କେନ୍ଦ୍ରାପଡ଼ା, ୨୬/୦୪ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଜାତୀୟ ପଂଚାୟତରାଜ ଦିବସ-୨୦୨୬ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ପଂଚାୟତରାଜ ଏବଂ ପାନୀୟଜଳ ବିଭାଗର ମିଳିତ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ପଂଚାୟତରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମୀଣ ଅଂଚଳର ବିକାଶ ସହିତ କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟମାନଙ୍କରେ ହୋଇଥିବା ଉଲ୍ଲେଖନୀୟ ଉନ୍ନତି ବିଷୟରେ ମତ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ ପଂଚାୟତରାଜ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ଏହି ଅବସରରେ ଜିଲ୍ଲାପାଳ ୯ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଂଟନ କରାଯାଇଥିଲା। ସେହିପରି, ୫ ଜଣ ହିତାଧିକାରୀଙ୍କୁ ମୋଟ ୭୦,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ଓ ୬ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ କେନ୍ଦ୍ରାପଡ଼ା ଅଭିଷେକ ସ୍ୱାଇଁ, ଏବିଡିଓ ଅନିରୁଦ୍ଧ ବେହେରା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ଜନପ୍ରତିନିଧି, ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀ, ବିଭିନ୍ନ ପଂଚାୟତର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।ଏହା ସହିତ, ଜିଲ୍ଲାର ଅନ୍ୟ ୮ଟି ବ୍ଲକରେ ମଧ୍ୟ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଥିଲା।

## ଦେବଗଡ଼ରେ ୨୮୦ କୋଟି ଟଙ୍କାର ୧୨୪ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

ଦେବଗଡ଼, ୨୬/୦୪ (ନି.ପ୍ର): 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସମଗ୍ର ଭାରତବର୍ଷର ମାତୃଶକ୍ତିମାନେ ସମର୍ଥନ ଦେଉଥିବା ବେଳେ ବିରୋଧୀମାନେ ମହିଳାମାନଙ୍କ ପାଇଁ ଆସନ ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି । ବିରୋଧୀମାନଙ୍କର ଏଭଳି ମନୋଭାବ ନାରୀ ଶକ୍ତିର ବିକାଶ ପଥରେ ବାଧା ସୃଷ୍ଟି କରୁଛି ବୋଲି ଆଜି ଦେବଗଡ଼ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଏହି ଜିଲ୍ଲା ଗସ୍ତ କରି ପ୍ରାୟ ୨୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହା ସହିତ ସେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତରଣ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଐତିହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମହିଳା ସଂରକ୍ଷଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହାଦ୍ୱାରା ଲୋକସଭା ଓ ବିଧାନସଭାରେ ମାଆମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ପାଇବ, ଯାହା ଓଡ଼ିଶାରେ ଅଧିକରୁ ଅଧିକ ମହିଳା ଜନପ୍ରତିନିଧି ସୃଷ୍ଟି କରିବା ସହ ସେମାନଙ୍କୁ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସଶକ୍ତ କରିବ । ଏହି ଯୋଜନାକୁ ଲାଗୁ କରିବା ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ଥିବା ଉତ୍ସାହ ପ୍ରଶଂସନୀୟ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଅନେକ ବିରୋଧୀ ଓ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ବାବୁ ମହିଳାମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି। ମୋଦୀ ଜୀ ମହିଳାଙ୍କ ସିଟ୍ ବଢ଼ାଇବାକୁ ପଣ କରିଥିବା ବେଳେ ଏଥିରେ ଦେବଗଡ଼ବାସୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି ବୋଲି ସେ କହିଛନ୍ତି। ପ୍ରକଳ୍ପ ବିଷୟରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଜି ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପଣ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କା ମୂଲ୍ୟର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ସ୍ଥାୟୀ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ କରାଯାଇଛି। ଜାନୁଆରୀ ୧୩, ୨୦୨୪ରେ ଏହାର ଭୂମିପୂଜନ ହୋଇଥିବା ବେଳେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଭବ୍ୟ ଭବନ ସ୍ଥାପିତ ହେବା ଏକ ବଡ ଉପଲବ୍ଧି । ୯.୨୨ ଏକର ପରିମିତ ଜମିରେ ନିର୍ମିତ ଏହି ବିଦ୍ୟାଳୟରେ ୪୫ଟି କୋଠରୀ ରହିଛି, ଯେଉଁଥିରେ ୨୪ଟି ସ୍ମାର୍ଟ କ୍ଲାସରୁମ୍, ୩ଟି ଅତ୍ୟାଧୁନିକ ବିଜ୍ଞାନାଗାର ଏବଂ ୨ଟି କମ୍ପ୍ୟୁଟର ଲ୍ୟାବ୍ ରହିଛି । ଏହି ବିଦ୍ୟାଳୟ ଦ୍ୱାରା ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷା ପାଇପାରିବେ । ଚଳିତ ଶିକ୍ଷା ବର୍ଷରୁ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ 'ଡବଲ ସେକ୍ସନ' ଆରମ୍ଭ ହେବାକୁ ଯାଉଛି ଏବଂ ଆଗାମୀ ଦିନରେ ଏହା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାର ଯୋଜନା ରହିଛି । ଏଥିସହ ଦେବଗଡ଼ ମହାବିଦ୍ୟାଳୟ ପରିସରରେ 'ସମ୍ମିଶ୍ରିତ ସହରାଂଚଳ ଛାତ୍ରାବାସ'ର ଉଦଘାଟନ ହୋଇଛି । ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରମାନେ ବିଶେଷ ଭାବରେ ଉପକୃତ ହେବେ । ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ଦେବଗଡ଼ର ସାମାଜିକ ଓ ଅର୍ଥନୈତିକ ଭିତିଭୂମିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ଆମ ସମସ୍ତଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି, ଭାରତ ସରକାରଙ୍କ 'ସହକାରରୁ ସମୃଦ୍ଧି' ଯୋଜନା ମାଧ୍ୟମରେ ଦେବଗଡ଼କୁ ଏକ ଅର୍ଥନୈତିକ ସମୃଦ୍ଧଶାଳୀ ଅଂଚଳ ଭାବେ ଗଢ଼ିତୋଳିବା ଏବଂ ଏଠାରେ ବସବାସ କରୁଥିବା ପ୍ରାୟ ଏକ ଲକ୍ଷ ପରିବାରର ଜୀବନଧାରଣର ମାନ ବୃଦ୍ଧି କରିବା । ଏହି ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟ ଚାଷ ଓ ଜଙ୍ଗଲଜାତ ଦ୍ରବ୍ୟର ସଦୁପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହା ସହିତ ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ କ୍ଷେତ୍ରଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ପ୍ରଦାନ କରାଯାଉଛି । ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା ଏବଂ ସେମାନଙ୍କ ବହୁମୂଲ୍ୟ ପରାମର୍ଶକୁ ଭିତି କରି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଲୋକଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ଦେବଗଡ଼ ଜିଲ୍ଲାର ପ୍ରଗତି ଓ ନାଗରିକମାନଙ୍କ କଲ୍ୟାଣ ପାଇଁ ସାମୂହିକ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପଂଚାୟତିରାଜ, ଗ୍ରାମୀଣ ଉନ୍ନୟନ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ଦେବଗଡ଼ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଦଳାରେ ଜାତୀୟ ପଂଚାୟତିରାଜ ଦିବସ ପାଳିତ



ଉଦଳା, ୨୬/୪ (ନି.ପ୍ର): ଉଦଳା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଚଳିତ ଏପ୍ରିଲ ୨୪ ତାରିଖ ଶୁକ୍ରବାର ଦିନ ଜାତୀୟ ପଂଚାୟତିରାଜ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ସମିତି କାର୍ଯ୍ୟାଳୟ ପରିସରରେ ସନ୍ଧ୍ୟାରେ ସାଧାରଣସଭା ଓ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସରକାରଙ୍କର ପଂଚାୟତିରାଜ ଓ ପାନୀୟଜଳ ବିଭାଗ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ପଂଚାୟତିରାଜ ଦିବସ ଓ ମହାତ୍ମାଗାନ୍ଧିଙ୍କ ଦର୍ଶନ ସମ୍ପର୍କରେ ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଂଚାୟତ ସମିତି ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ, ଉପାଧ୍ୟକ୍ଷ ରଜନୀ ଦାସ ଓ ଲୋକସଭା ସାଂସଦଙ୍କ ପ୍ରତିନିଧି ଜିତେନ ଦତ ପ୍ରମୁଖ ମଂଚାସିନ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ସଫଳ କରିବା ପାଇଁ ଉଲେଖନୀୟ କାମ କରିଥିବା ଯୋଗୁଁ 'ଖଲାଡ଼ି ପଂଚାୟତ', ମହାତ୍ମାଗାନ୍ଧି କର୍ମନିଯୁକ୍ତି ଯୋଜନା ପାଇଁ 'ବହୁବନ୍ଧ ପଂଚାୟତ' ଓ ସ୍ୱଚ୍ଛଭାରତ ମିଶନ ପାଇଁ 'ବଡ଼ସିଙ୍ଗାରିଆ ପଂଚାୟତ'କୁ ପୁରସ୍କୃତ କରାଯାଇଥିଲା । ଏହାପରେ ଆବାସ ଯୋଜନାରେ ଘର ପାଇବା ପାଇଁ ଚିହ୍ନଟ ହୋଇଥିବା ନୂତନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଂଟନ ସହ ଖାଦ୍ୟ ଯୋଜନାରେ ନୂଆ ରାସନକାର୍ଡ଼ ଓ ସାମାଜିକ ସୁରକ୍ଷା ଯୋଜନାରେ ଚିହ୍ନଟ ହୋଇଥିବା ନୂତନ ହିତାଧିକାରୀଙ୍କୁ ଭତା ପ୍ରଦାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପଂଚାୟତ ସମିତିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଉଦ୍‌ଘାଟିତ ହେଲା 'ବାରିପଦା ଏକ୍ସପୋ-୨୦୨୬'

ବାରିପଦା, ୨୬/୪ (ନି.ପ୍ର): ସଂସ୍କୃତି, ବାଣିଜ୍ୟ ଓ ସମୁଦାୟକୁ ଏକତ୍ର କରିବା ଉଦ୍ଦେଶ୍ୟରେ ବାରିପଦା କଲେଜ ପଡିଆରେ 'ବାରିପଦା ଏକ୍ସପୋ-୨୦୨୬' ଉଦଘାଟିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ତଥା ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ବାର ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ୧ ନମ୍ବର ୱାର୍ଡ କାଉନସିଲର ସୁକେଶିନୀ ସେଠୀ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଥିଲେ ଓ ସମାଜସେବୀ ସୋମନାଥ ସିଂହ ଏବଂ ଶିକ୍ଷକ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ ଓ ଏହି ମେଗା ଏକ୍ସପୋ ମାଧ୍ୟମରେ ବାରିପଦା ସହିତ ଜିଲ୍ଲା ତଥା ଜିଲ୍ଲା ବାହାରର କଳା, ସଂସ୍କୃତି, କ୍ଷୁଦ୍ର ଶିଳ୍ପ ଓ ବ୍ୟବସାୟକୁ ଏକ ନୂଆ ପରିଚୟ ପ୍ରଦାନ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜନ କମିଟି ମୁଖ୍ୟ ସଞ୍ଜୟ ସାହୁ ପ୍ରକାଶ କରିଛନ୍ତି ଓ ଆଗାମି ମେ ମାସ ୫ ତାରିଖ ପର୍ଯ୍ୟନ୍ତ ମୋଟ ୧୦ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ପ୍ରକାରର ପ୍ରାୟ ୬୦ ଟି ଷ୍ଟଲ ପ୍ରଦର୍ଶିତ ହୋଇଥିବା ବେଳେ ମିନା ବଜାର ଓ କୁନିକୁନି ପିଲାଙ୍କ ପାଇଁ ଦୋଳିଝୁଲା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଅନ୍ୟତମ ଆୟୋଜକ ଗୌତମ ରାୟ ଜଣାଇଛନ୍ତି ।

# 'ଗୋ-ସମ୍ମାନ ଆହ୍ୱାନ ଅଭିଯାନ' ପ୍ରସ୍ତୁତି ବୈଠକ

ବାରିପଦା , ୨୬/୪ (ନି.ପ୍ର): ଆସନ୍ତା ୨୭ ଏପ୍ରିଲ ୨୦୨୬ ରେ ଅନୁଷ୍ଠିତ ହେବାକୁ ଯାଉଥିବା ଐତିହାସିକ 'ଗୋ-ସମ୍ମାନ ଆହ୍ୱାନ ଅଭିଯାନ'ର ସଫଳତା ଏବଂ ପ୍ରତ୍ୟେକ ତହସିଲ୍ ସ୍ତରରେ ସଙ୍କୀର୍ତ୍ତନ ଯାତ୍ରା ଆୟୋଜନ ନିମନ୍ତେ ଏକ ଜରୁରୀ ପ୍ରସ୍ତୁତି ବୈଠକ ଲକ୍ଷ୍ମୀନାରାୟଣ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି ! ବୈଠକରେ ଉପସ୍ଥିତ ଥିବା ଗୋ ସୁରକ୍ଷା ଅଭିଯାନ କର୍ମକର୍ତ୍ତା ସୌରଜ କୁମାର ବେତାଳ, ସାନୁ ରଣା, ଦେବାଶିଷ ଦତ୍ତ, ଅମିତ୍ ନାୟକ,ନନିଗୋପାଲ୍ ଦାସ,ଶୁଭମ୍ ତ୍ରିପାଠୀ,ଦେବାଶିଷ୍ ପାଇକରାୟ,ପ୍ରଦୀପ ଭଞ୍ଜଦେଓ,ବିକାଶ୍ ଶର୍ମା, ଯୋଗେଶ ଦଣ୍ଡପାଟ,ଦିବାକର ତ୍ରିପାଠୀ, ମାନସ ପାତ୍ର,ଯତୀନ୍ଦ୍ର ମହାପାତ୍ର, ଚନ୍ଦନ ନାୟକ ବୈଠକରେ ଉପସ୍ଥିତ ରହି ଆଲୋଚ୍ୟ ବିଷୟ ଉପରେ ଆଲୋଚନା କରିଥିଲେ । ତହସିଲ୍ ସ୍ତରରେ ସଙ୍କୀର୍ତ୍ତନ, ଯାତ୍ରାର ରୂପରେଖ।ଅଭିଯାନର ପ୍ରଚାର ଓ ପ୍ରସାର।କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ। ଗୋ-ମାତାଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ଏକ ବିଶାଳ ଶୋଭାଯାତ୍ରା ବାରିପଦା ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇ ବାରିପଦା ତହସିଲଦାର କାର୍ଯ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ସାଧାରଣର ଗୋପ୍ରେମୀ, ଗୋରକ୍ଷକମାନଙ୍କ ବହୁମୂଲ୍ୟ ସମୟ ଓ ଉପସ୍ଥିତି ଏକାନ୍ତ କାମ୍ୟ ପାଇଁ ଗୋ ସୁରକ୍ଷା ଅଭିଯାନ କର୍ମୀମାନଙ୍କ ବୈଠକରେ ଆଲୋଚନା ହୋଇଥିଲା।

# ନୀଳଗିରିରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ନୀଳଗିରି , ୨୬/୪ (ନି.ପ୍ର): ରବିବାର ପୂର୍ବାହ୍ନ ୧୧ଘଟିକା ସମୟରେ ନୀଳଗିରି ଡାକବଙ୍ଗଳା ପରିସରରେ ଉତ୍କଳ ସାମ୍ବାଦିକସଂଘ ବାଲେଶ୍ୱର ଜିଲ୍ଲାଶାଖାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଲୋକନାଥ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବ୍ଲକ୍ ସଭାପତି ବ୍ରଜକିଶୋର ପାଣିଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ୧୨ଟି ବ୍ଲକର ସମସ୍ତ କର୍ମକର୍ତ୍ତାଙ୍କ ସମେତ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବାରିକ, ଜିଲ୍ଲା ଉପସଭାପତି ଜୀବନକୃଷ୍ଣ ବାରିକ, ସଂଗଠନ ସମ୍ପାଦକ ଭଗବାନ ଦାସ, ସାଧାରଣ ସମ୍ପାଦକ ସୁଧାଂଶୁଶେଖର ବାରିକ,ସମ୍ପାଦକ ବିଜୟ କୁମାର ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଲୋକନାଥ ପରିଡା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ବେହେରା,କାର୍ଯ୍ୟ କାରୀ ସଭାପତି ସଞ୍ଜୟ ସାମନ୍ତ,ଜିଲ୍ଲା ସମ୍ପାଦକ ପ୍ରକାଶ ପ୍ରଧାନ, ଅନାଦି ନାୟକ, ଜିଲ୍ଲା ସମ୍ପାଦକ ସରିତ୍ ସପନପଣ୍ଡା,ଉପସଭାପତି ଆତ୍ମାନନ୍ଦ ଦାସ, ଜଳେଶ୍ୱରବ୍ଲକ ସଭାପତି ସଭାପତି ମନୋଜ ଭୂୟାଁ, ରେମୁଣା ବ୍ଲକ ସଭାପତିଦୀପକ ପ୍ରଧାନ, ନୀଳଗିରି ବ୍ରଜକିଶୋର ପାଣି,ଔପଦା ବ୍ଲକ ସଭାପତି ଶଙ୍କର୍ଷଣ ମହାନ୍ତି,ବସ୍ତା ବ୍ଲକ ସଭାପତି ପ୍ରସନ୍ନ ପାତ୍ର,ବାହାନଗା ବ୍ଲକ ସଭାପତିସନ୍ଦୀପ ପଣ୍ଡା, ସୋର ବ୍ଲକ ସଭାପତିଶେଖ୍ ତାଜିବୁଦ୍ଦିନ, ସିମୁଳିଆ ବ୍ଲକ କାର୍ଯ୍ୟ କାରୀ ସଭାପତିପର୍ଶୁରାମ ନାୟକ, ବାଲିଆପାଳ ବ୍ଲକ ସଭାପତି ଗୋପାଳ ବିଶ୍ୱାଳ, ମିଡ଼ିଆ କୋଡିନେଟର ପ୍ରମୋଦ କୁମାର ଶିଆଳ,ଅଜିତି ସାହୁ,ବିଭୂତି ଭୂଷଣ ବେହେରା,ମାନସ ବେଜ,ଅମିତ ବଲିଆୟାର ସିଂ, କପିଳ ସାମଲଙ୍କ ସମେତ ଶତାଧିକ ସଦସ୍ୟ/ସଦସ୍ୟା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୂତନ ସଭ୍ୟଭାବେ ଖଇରା ବ୍ଲକର ମହେନ୍ଦ୍ର ଶିଅଳ, ହେମନ୍ତ ସାହୁ, ନୀଳଗିରି ବ୍ଲକରୁ ଜଗନ୍ନାଥ ଦାସ, ସତ୍ୟବ୍ରତ ମଲ୍ଲିକ, ଧର୍ମେନ୍ଦ୍ର ମହାକୁଡ ପ୍ରମୁଖ ନୂତନ ସଭ୍ୟଭାବେ ଯୋଗଦେଇଥିଲେ। ସେମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଏଥିରେ ରାଜ୍ୟସଂଘର ପ୍ରମୁଖ ୬ଗୋଟି ଦାବୀର ଯଥାର୍ଥତାକୁ ସମର୍ଥନ ଜଣାଇ ଆସନ୍ତା ୨୯ତାରିଖ ଦିନ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ୨ଘଣ୍ଟିଆ ପ୍ରତୀକ ଧର୍ମଘଟ କରାଯିବାର ନିଷ୍ପତ୍ତି ନିଆଗଲା। ଏପ୍ରିଲ ୨୯ତାରିଖ ଦିନ ୬ଦଫାଦାବୀ ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବାର ସର୍ବସମ୍ମତି ନିଆଗଲା। ଏତଦ୍ଭିନ୍ନ ୧ତାରିଖ ଶ୍ରମିକ ଦିବସରେ ପ୍ରତ୍ୟେକ ସାମ୍ବାଦିକ କଳାବ୍ୟାଚ ପରିଧାନ ପୂର୍ବକ ପ୍ରତିବାଦ ଜଣାଇବା ପାଇଁ ନିଷ୍ପତି ନିଆଗଲା। ଏହି ସଭାରେ ବାଲେଶ୍ୱର ସଦରବ୍ଲକର ସଭାପତି ଭାବେ ଜୀବନକୃଷ୍ଣ ବାରିକ ଏବଂ ରେମୁଣା ବ୍ଲକର ଦୀପକ କୁମାର ପରିଡାଙ୍କୁ ସଭାପତି ଭାବରେ ନିଷ୍ପତ୍ତି ନିଆଗଲା। ସର୍ବଶେଷରେ ଆଗାମୀ ୨୯ତାରିଖ ସଂଘର ପ୍ରତ୍ୟେକ ସଦସ୍ୟଙ୍କୁ ସକାଳ୯ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବାକୁ ଅନୁରୋଧ କରାଯାଇ ସଭାସଂଗ କରାଯାଇଥିଲା।

# ଫକୀର ମୋହନ ମହାବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦର ୩୨ତମ ବାର୍ଷିକ ସମାରୋହ

## ପୁରାତନ ଛାତ୍ରମାନେ ହିଁ ଆଗାମୀ ପିଢ଼ିର ଛାତ୍ରମାନଙ୍କ ପାଇଁ ପଥ ପ୍ରଦର୍ଶକ ଏବଂ ସର୍ବାଙ୍ଗୀନ ବିକାଶର ସେତୁ




ବାଲେଶ୍ୱର, ୨୬/୪ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦର ୩୨ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ସଭାଗୃହରେ ଆୟୋଜିତ ଏହି ଉତ୍ସବରେ ସମୟର ସ୍ରୋତରେ ହଜିଯାଇଥିବା ଅତୀତର ସ୍ମୃତି ପୁଣି ଥରେ ଜୀବନ୍ତ ହୋଇଉଠିଥିଲା। ସଂସଦର ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଗାରିମାମୟ ସଭାକୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସଭା ଆରମ୍ଭରେ ସଭାପତି ଡାକ୍ତର ଚୌଧୁରୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସଂସଦର ଆଦର୍ଶ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ଏହା ପରେ ପରେ ସଂସଦର ସଂଗଠକ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଘୋଷ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରି ବର୍ଷସାରା ଅନୁଷ୍ଠାନ ପକ୍ଷରୁ ସମ୍ପାଦିତ ବିଭିନ୍ନ ସମାଜସେବାମୂଳକ ଓ ଶୈକ୍ଷିକ କାର୍ଯ୍ୟକ୍ରମର ଏକ ସବିଶେଷ ଚିତ୍ର ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ତ୍ରିପାଠୀ ନିଜ ଅଭିଭାଷଣରେ ଶିକ୍ଷାୟତନର ସର୍ବାଙ୍ଗୀନ ବିକାଶରେ ପୁରାତନ ଛାତ୍ରମାନଙ୍କ ଭୂମିକା ଅତ୍ୟନ୍ତ ଗୌରବଜନକ ବୋଲି ପ୍ରକାଶ କରିଥିଲେ । କେବଳ ସେତିକି ନୁହେଁ ,ମହାବିଦ୍ୟାଳୟକୁ ଚତୁର୍ବେଣୀ ବୋଲି କହିବା ସହ ସଭିଙ୍କ ସହ ଯୋଗ ରେ ଏହା ସମୃଦ୍ଧ ହୋଇ ପାରିବ ବୋଲି ମତ ଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ନୀଳଗିରି ବିଧାୟକ ମାନ୍ୟବର ସଂନ୍ତୋଷ କୁମାର ଖଟୁଆ ଯୋଗଦେଇ ପୁରାତନ ଛାତ୍ରମାନଙ୍କୁ ଆଗାମୀ ପିଢ଼ିର ପଥପ୍ରଦର୍ଶକ ଭାବେ ଅଭିହିତ କରିବା ସହ ସମୁଦ୍ର ମନ୍ଥନ ର ଉଦାହରଣ ଦେଇ ପଜେଟିଭ ଏବଂ ନେଗେଟିଭି ସତ୍ତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଅନ୍ୟତମ ବରଣ୍ୟ ଅତିଥି ଭାବେ ଫକୀର ମୋହନ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ଡ.ଦିନେଶ କୁମାର ଦାସ ସଂସଦର ଗଠନାତ୍ମକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟ ସମ୍ପାଦକ ଭାବେ ପୁରାତନ ଛାତ୍ର ତଥା ବିଶିଷ୍ଟ ସାହିତ୍ୟିକ ଡ.ରାଧାରଞ୍ଜନ ପଟ୍ଟନାୟକ ଏବଂ ସମ୍ପାଦକ ମଣ୍ଡଳୀ ର ସର୍ବଶ୍ରୀ ନାଟ୍ୟକାର ତଥା ଶିଶୁ ସାହିତ୍ୟିକ ପୀତାମ୍ବର ଦାସ ,ଅନୀଲ ପଟ୍ଟନାୟକ ,ଲକ୍ଷ୍ମୀ ନାରାୟଣ ଘୋଷ ,ରମାକାନ୍ତ ମହାନ୍ତି ,ଦେବାଶିଷ ପାଣି ଓ ବିନୟ ମହାପାତ୍ର ମାନଙ୍କ ମିଳିତ ସମ୍ପାଦନା ରେ ପ୍ରକାଶ ପାଇଥିବା ସଂସଦର ବାର୍ଷିକ ମୁଖପତ୍ର 'ପ୍ରାକ୍ତନିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ସମାରୋହରେ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକଙ୍କୁ 'ଶିକ୍ଷକ ଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୁରାତନ ଛାତ୍ର ବୈଜ୍ଞାନିକ ପ୍ରଫେସର ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଯୋଜକ ବିଷ୍ଣୁ ଦେବ ହାଲଦାର, ହୃଦରୋଗ ବିଶେଷଜ୍ଞ ଡାକ୍ତର ଯଯାତି କେଶରୀ ପାଢ଼ୀ, ବିଧାୟକ ସନ୍ତୋଷ ଖଟୁଆ ଏବଂ ସ୍ତମ୍ଭକାର ତଥା ସାମ୍ବାଦିକ ଡ. କୁଳମଣି ବାରିକଙ୍କୁ 'ଛାତ୍ର ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାୟ ୭୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ପ୍ରାରମ୍ଭ ରେ ଅମୃତାଂଶୁ ପଟ୍ଟନାୟକ ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭ ରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ତଥା ପୁରାତନ ଛାତ୍ର ଅମୃତାଂଶୁ ପଟ୍ଟନାୟକଙ୍କ ନିର୍ଦ୍ଦେଶନା ରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା ।ଏଇ ଭବ୍ୟ ସଭାରେ ସମ୍ବର୍ଦ୍ଧିତ ହୋଇଥିବା ମହାନୁଭବ ମାନଙ୍କର ମାନପାତ୍ର କଲ୍ୟାଣୀ ନନ୍ଦ ,ଚିତ୍ରା ରାଣୀ ପାତ୍ର ପାଠ କରିଥିବା ବେଳେ ଶ୍ରୀତମ ପାଣିଗ୍ରାହୀ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ ।ସମ୍ବର୍ଦ୍ଧିତ ପ୍ରତିଭା ମାନେ ମହାବିଦ୍ୟାଳୟ ର ଛାତ୍ରଥିବା ସମୟରେ ତାଙ୍କ ଅନୁଭୂତି ବାଣ୍ଟି ଥିଲେ । ଉତ୍ସବ ପୂର୍ବରୁ ପ୍ରାତଃକାଳରେ ପତାକା ଉତ୍ତୋଳନ ଓ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଉପସଭାପତି ଅନସୂୟା ନାୟକ, ଅନୀଲ କୁମାର ପଟ୍ଟନାୟକ, ଡାକ୍ତର ସୁଧାଂଶୁ ପରିଡ଼ାଙ୍କ ସମେତ ଅମୃତାଂଶୁ ପଟ୍ଟନାୟକ, ପୀତାମ୍ବର ଦାସ, ପ୍ରାର୍ଥ ସାରଥୀ ଆଶ, ଦେବାଶିଷ ପାଣି ,ଯଶୋଦା ନନ୍ଦନ ଆଶ ,ଶ୍ୟାମ ସୁନ୍ଦର ଜେନା,ପ୍ରଶାନ୍ତ କୁମାର ପାଢ଼ୀ,କଲ୍ୟାଣୀ ନନ୍ଦ ,ଚିତ୍ରା ରାଣୀ ପାତ୍ର, ଶରତ ଚନ୍ଦ୍ର ମିଶ୍ର ଓ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଅନସୂୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ ପୁରାତନ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏହି ଦିବସଟି ଏକ ସ୍ମରଣୀୟ ପୁନର୍ମିଳନ ଉତ୍ସବରେ ପରିଣତ ହୋଇଥିଲା। ଉତ୍ସବର ଆନୁଷ୍ଠାନିକ କାର୍ଯ୍ୟକ୍ରମ ପୂର୍ବରୁ ପ୍ରାତଃକାଳରେ ପତାକା ଉତ୍ତୋଳନ କରାଯାଇ ମାତୃ ଅନୁଷ୍ଠାନ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସାମାଜିକ ଦାୟିତ୍ୱବୋଧର ପରିଚୟ ସ୍ୱରୂପ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଠାରେ ସଦସ୍ୟମାନଙ୍କର ହେମୋଗ୍ଲୋବିନ ଓ ହାଡ଼ର ସାନ୍ଦ୍ରତା ପରୀକ୍ଷା କରାଯାଇ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଶତାଧିକ ପୁରାତନ ଛାତ୍ରଛାତ୍ରୀଙ୍କ ଗହଣରେ ଏହି ଦିବସ କେବଳ ଏକ ବାର୍ଷିକ ଉତ୍ସବ ହୋଇ ରହି ନଥିଲା, ବରଂ ବାଲେଶ୍ୱରର ମାଟି ଓ ପାଣିରେ ଗଢ଼ିଉଠିଥିବା ଏକ ବିଶାଳ ପରିବାରର ସ୍ମରଣୀୟ ପୁନର୍ମିଳନରେ ପରିଣତ ହୋଇଥିଲା। ବିଦାୟ ବେଳେ ପ୍ରତ୍ୟେକ ପୁରାତନ ଛାତ୍ରଙ୍କ ଆଖିରେ ଥିଲା ସୁବର୍ଣ୍ଣ ଅତୀତର ସ୍ମୃତି ଓ ମନରେ ଥିଲା ପ୍ରିୟ ମହାବିଦ୍ୟାଳୟ ପାଇଁ କିଛି କରିବାର ଦୃଢ଼ ସଙ୍କଳ୍ପ। ୩୨ତମ ସ୍ୱ-ନକ୍ଷତ୍ର ଦିବସ ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଉପସ୍ଥିତମାନେ ମତ ପ୍ରକାଶ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆମେରିକା ହ୍ୟୁଷ୍ଟନରେ...

ରାଜ୍ୟର ବିଭିନ୍ନ ଜଗନ୍ନାଥ ମନ୍ଦିରର ସେବାୟତମାନେ ଏଭଳି କାର୍ଯ୍ୟ ବିରୋଧରେ ଆନ୍ଦୋଳନର ଚେତାବନୀ ଦେଇଥିଲେ । କେନ୍ଦ୍ରପଡାରେ ବଳଦେବଜୀଉ ସେନା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା । ଏବେ ହ୍ୟୁଷ୍ଟନର ଦୃଶ୍ୟ ସାମନାକୁ ଆସିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଦାବି ହୋଇଛି । ଶ୍ରୀମନ୍ଦିର ପ୍ରଶାସନର ଉଦବେଗ ପ୍ରକାଶ ପରେ, ଅକ୍ଟୋବର ୨୦୨୫ରେ ଇସ୍କନ ଲେଖିଥିବା ଚିଠି ଅନୁସାରେ ଭାରତରେ ସବୁ ସ୍ଥାନରେ ତିଥିରେ ହିଁ ହେଉଛି ସ୍ନାନଯାତ୍ରା ଓ ରଥଯାତ୍ରା । ଗତବର୍ଷ ବିଦେଶରେ ଇସ୍କନ ପକ୍ଷରୁ ୮୦ରୁ ଅଧିକ ଥର ଅଦିନିଆ ରଥଯାତ୍ରା କରାଯାଇଛି । ୧୦ରୁ ଅଧିକ ସ୍ଥାନରେ ଅତିଥିରେ ସ୍ନାନଯାତ୍ରା ହୋଇଛି । ହେଲେ, ବିଦେଶରେ ଅଦିନରେ ରଥଯାତ୍ରା ଓ ସ୍ନାନଯାତ୍ରା କରାଯାଉଥିବା ମାନିଥିଲେ । ଗତ ଐକ୍ୟ ମଣ୍ଡଳୀ ବୈଠକରେ ଗଜପତି ଏନେଇ ଇସ୍କନ ଉପରେ ବର୍ଷିଥିଲେ । କିନ୍ତୁ ଅମାନିଆ ଇସ୍କନକୁ କିଛି ଫରକ୍ ପଡ଼ିନି ।

## ପ୍ରଚଣ୍ଡ ତାତିରୁ ମିଳିପାରେ ...

ସର୍ବାଧିକ ୬୬ କିମି ବେଗରେ ପବନ ବହିବା ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ୨୪ ଘଣ୍ଟା ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ କରିଛି ବିଭାଗ। ୨୯ ଓ ୩୦ ଦୁଇଦିନ ପାଇଁ ମଧ୍ୟ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା ହୋଇଛି। ବର୍ଷା ପ୍ରଭାବରେ ୨ରୁ ୩ ଭିତରେ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି ବିଭାଗ ଆକଳନ କରିଛି। ତେବେ ୨ ଦିନ ପର୍ଯ୍ୟନ୍ତ ଗରମ ଗୁଳୁଗୁଳି ଲାଗି ରହିବ। ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ଗରମ ଗୁଳୁଗୁଳି ଅନୁଭୂତ ହେବ। ଏନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦେଇଛି ପାଣିପାଗ କେନ୍ଦ୍ର। ଗତ ୨୪ ଘଣ୍ଟାରେ ୧୭ ଜିଲ୍ଲାରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ସର୍ବାଧିକ ତାପମାତ୍ରା ଝାରସୁଗୁଡାରେ ୪୪.୧ ଡିଗ୍ରୀ ରେକର୍ଡ ହୋଇଛି ।

## କେମିତି ହୋଇଥିଲା...

ବୋଲେରୋରେ ତାଙ୍କୁ କିଡନାପ୍ କରିଥିଲେ କାଲୁ ଓ ସହଯୋଗୀ। ବ୍ରହ୍ମପୁର ତା ପରେ ହିଞ୍ଜିଳିକାଟୁ ପରେ ଆସିକା...ପ୍ଲାନିଂ ଅନୁସାରେ ବଦଳୁଥିଲା ସହର, ବଦଳୁଥିଲା ଠିକଣା। ଆସିକା ପାଖରେ ସୁଧୀରଙ୍କୁ ଅପହରଣ କରି ନିଆ ଯାଇଥିବା ବୋଲେରୋ ଖରାପ ହୋଇଥିଲା। ଅପରାଧି ରଖିଥିଲେ ପ୍ଲାନ୍-ଇ। ପ୍ରସ୍ତୁତ ରହିଥିଲା ଭେନ୍ୟୁ କାର୍। ଭେନ୍ୟୁ କାରରେ ବୁଗୁଡ଼ା କିରିଅମ୍ଭା ଜଙ୍ଗଲକୁ ସୁଧୀରଙ୍କୁ ନେଇଥିଲେ। ରାତି ସାରା ପିଟିଥିଲେ, ଅକଥନୀୟ ଅତ୍ୟାଚାର କରିଥିଲେ। ଏଥିରେ ସହାୟତା କରିଥିଲେ ପାଖ ଅଞ୍ଚଳର ଆଶିଷ ମହାପାତ୍ର ଓ ନାରାୟଣ ପ୍ରଧାନ। ସୁରତରୁ ସୁପାରୀ ନେଇଥିବା ତେଜପ୍ରତାପ ଓରଫ୍ ଗୁଲୁ ସିଂ ସମେତ ଆଶିଷ ଓ ନାରାୟଣଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଛି ପୋଲିସ। ଗୋଟିଏ ଅପରାଧ, ୯ ଅପରାଧୀ। ମାଷ୍ଟରମାଇଣ୍ଡ ସୁଧୀରଙ୍କ ଝିଆରୀ ନିବେଦିତା, ପ୍ରେମିକ କାଲୁ ପ୍ରଧାନ ମୁଖ୍ୟ ଅଭିଯୁକ୍ତ। ରିମାଣ୍ଡରେ ଥିବା ୫ ଅଭିଯୁକ୍ତଙ୍କୁ ଆମନା ସାମନି ଜେରା ହୋଇଛି। ପୋଲିସ ରିମାଣ୍ଡରେ ତଥ୍ୟ ପ୍ରମାଣ ସାଉଁଟୁଥିଲେ ବି ମର୍ଡର ମୋଟିଭକୁ ନେଇ ସସପେନ୍ସ ସରୁନି। ସୁଧୀରଙ୍କୁ ହତ୍ୟା ଟଙ୍କା ପାଇଁ, ପ୍ରେମ ପାଇଁ ନା ଆଉ କିଛି ରହସ୍ୟ ଲୁଚି ରହିଛି ? କାରଣ ଏଭଳି ପ୍ରି-ପ୍ଲାନଡ ମର୍ଡର କାଲୁ କେମିତି ଏକୁଟିଆ କଲା ? ସୁଧୀରଙ୍କୁ ଅପହରଣ କରିବାକୁ ସୁରତରୁ ହିଟ୍ ଲିଷ୍ଟ ପ୍ରସ୍ତୁତ କରିବା, ମାଡ଼ ମାରିବା, ଟଙ୍କା ମଗାଇବା ଭଳି ଏତେ ଯୋଜନା ପରେ ବି ପୋଲିସ୍ କାହିଁକି ଧରିପାରୁନଥିଲା ?

## ଆନ୍ଧ୍ରରେ ପେଟ୍ରୋଲ-ଡିଜେଲ...

ମାଧ୍ୟମରେ ସ୍ଥିତିର ସମୀକ୍ଷା କରିଥିଲେ। ରାଜ୍ୟର ମୋଟ ୪,୫୧୦ଟି ଇନ୍ଧନ ଆଉଟଲେଟ୍ ମଧ୍ୟରୁ ପ୍ରାୟ ୪୨୧ଟି ପେଟ୍ରୋଲ ପମ୍ପ ଯୋଗାଣ ଜନିତ ସମସ୍ୟା କାରଣରୁ ବନ୍ଦ ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି। ସମୀକ୍ଷା ବୈଠକରେ ଅଧିକାରୀମାନେ ଜଣାଇଛନ୍ତି ଯେ, ଇନ୍ଧନ ଯୋଗାଣ ପୂର୍ବାପେକ୍ଷା ୧୦ ପ୍ରତିଶତ ବୃଦ୍ଧି ପାଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ବା ''ପାନିକ୍ ବାଇଙ୍ଗ'' ଯୋଗୁଁ ଚାହିଦା ଅହେତୁକ ଭାବେ ବଢ଼ିଯାଇଛି। ସାଧାରଣ ଦିନରେ ରାଜ୍ୟରେ ହାରାହାରି ୬,୩୩୦ କିଲୋଲିଟର ପେଟ୍ରୋଲ ଏବଂ ୯,୦୪୮ କିଲୋଲିଟର ଡିଜେଲ ବିକ୍ରି ହେଉଥିବା ବେଳେ, କେବଳ ଶନିବାର ଦିନ ଏହା ଯଥାକ୍ରମେ ୧୦,୩୪୫ ଏବଂ ୧୪,୧୫୬ କିଲୋଲିଟରକୁ ଛୁଇଁଛି। ଷ୍ଟକ୍ ସରିଯିବା ଭୟରେ ଲୋକମାନେ ଆବଶ୍ୟକତାଠାରୁ ଅଧିକ ତେଲ କିଣୁଥିବାରୁ ପେଟ୍ରୋଲ ପମ୍ପଗୁଡ଼ିକରେ ପ୍ରବଳ ଭିଡ଼ ଏବଂ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ଏହାସହ ଆକ୍ୱାକଲଚର ବା ମତ୍ସ୍ୟ ଚାଷ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଡ୍ରମଗୁଡ଼ିକରେ ବହୁ ପରିମାଣର ଇନ୍ଧନ ଗଚ୍ଛିତ ରଖିବା ମଧ୍ୟ ଏହି ସଙ୍କଟକୁ ଅଧିକ ଜଟିଳ କରିଛି। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଏବଂ ମତ୍ସ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବଶୀଘ୍ର ଯୋଗାଣ ସ୍ୱାଭାବିକ କରିବା ଏବଂ ଗ୍ରାମାଞ୍ଚଳରେ ଇନ୍ଧନର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ନିଆଯାଇଥିବା ପଦକ୍ଷେପ ଏବଂ ସଫଳତା ସମ୍ପର୍କରେ ଏକ ସବିଶେଷ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ସେ ଅଧିକାରୀଙ୍କୁ କୁହାଯାଇଛି।

## ପଶ୍ଚିମବଙ୍ଗରେ ମମତାଙ୍କୁ ...

ହୁଗଲି ଜିଲ୍ଲାର ଆରମବାଗ୍‌ରେ ମୋଦୀ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ପ୍ରଥମ ପର୍ଯ୍ୟାୟର ବିପୁଳ ମତଦାନକୁ ଟିଏମ୍‌ସି ବିରୋଧରେ ଲୋକଙ୍କ ଆକ୍ରୋଶ ଓ କ୍ରୋଧର ପ୍ରତିଫଳନ ବୋଲି କହିଛନ୍ତି। ମୋଦୀ କହିଛନ୍ତି, ଯେତେବେଳେ ନିର୍ଯାତନା ଓ ଅତ୍ୟାଚାର ସୀମା ପାର କରେ ସେତେବେଳେ ଜନସାଧାରଣ ମା' ଦୁର୍ଗାଙ୍କ ରୂପ ଧାରଣ କରନ୍ତି। ବିଜେପି କ୍ଷମତାକୁ ଆସିଲେ ଟିଏମ୍‌ସିର ଗୁଣ୍ଡା ଓ ଧର୍ଷଣକାରୀଙ୍କୁ ଧରି ଦଣ୍ଡିତ କରିବ ବୋଲି ମୋଦୀ କହିଛନ୍ତି। ପଶ୍ଚିମବଙ୍ଗରେ ବିଜେପି ସରକାର ଗଢ଼ିଲେ ପ୍ରତିବର୍ଷ ମହିଳାଙ୍କ ଆକାଉଣ୍ଟକୁ ୩୬,୦୦୦ ଟଙ୍କା ଯିବ ବୋଲି ମୋଦୀ କହିଥିଲେ। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୨୩ରେ ୧୫୨ ଆସନ ପାଇଁ ମତଦାନ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୪୨ ଆସନ ପାଇଁ ବୁଧବାର ଭୋଟ ପଡ଼ିବ।

# ଜିରାଙ୍ଗସ୍ଥିତ ପଦ୍ମସମ୍ଭବ ମହାବିହାର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬/୪ (ନି.ପ୍ର): ଆଜି ଗଜପତି ଜିଲ୍ଲା ଗସ୍ତରେ ଥିବାବେଳେ ଜିରାଙ୍ଗସ୍ଥିତ ପଦ୍ମସମ୍ଭବ ମହାବିହାର ପରିଦର୍ଶନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏହି ଅବସରରେ ପ୍ରଭାତି ପରିଡା କହିଛନ୍ତି ଯେ, ପୂର୍ବ ଭାରତର ବୃହତ ବୌଦ୍ଧ ବିହାର ମଧ୍ୟରେ ଅନ୍ୟତମ ଏହି ସ୍ଥାନ ମହାନ ବୌଦ୍ଧ ଧର୍ମଗୁରୁ ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ନାମରେ ନାମିତ । ଆଜି ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀର ପାରିପାର୍ଶ୍ୱିକ ବିକାଶ ପାଇଁ ରହିଥିବା ସମ୍ଭାବନା ବାବଦରେ ଆଲୋଚନା କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି ପ୍ରଭାତି ପରିଡା । ଏହି ଅବସରରେ ପାରଳାଖେମୁଣ୍ଡିର ବିଧାୟକ ଶ୍ରୀ ରୂପେଶ ପାଣିଗ୍ରାହୀ, ମୋହନାର ବିଧାୟକ ଶ୍ରୀ ଦାଶରଥୀ ଗମାଙ୍ଗ, ଗଜପତି ଜିଲ୍ଲା ଏସ୍‌ଡିସି ଅଧ୍ୟକ୍ଷ ଶ୍ରୀ କାମଦେବ ବଡ଼ନାୟକ, ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ଶ୍ରୀ ବଲୱନ୍ତ ସିଂହ ଏବଂ ମହାବିହାରର ଧର୍ମଗୁରୁମାନେ ଉପସ୍ଥିତ ଥିଲେ ।

# ମାସ୍ ଏକାଡେମୀ ଅଫ୍ ସାଇନ୍ସରେ ରକ୍ତଦାନ ଶିବିର



ଜଳେଶ୍ୱର, ୨୬/୪ (ନି.ପ୍ର): ଅର୍ଣ୍ଣବ ଚ୍ୟାରିଟେବୁଲ୍ ଫାଉଣ୍ଡେସନ୍ ଓ ମାସ୍ ଏକାଡେମୀ ଅଫ୍ ସାଇନ୍ସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ମାସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ଓ ଜିଲ୍ଲା ରକ୍ତଦାତା ସଂଘ ସହଯୋଗରେ ଆୟୋଜିତ ଶିବିରକୁ ମାସର ପ୍ରତିଷ୍ଠାତା ଓ ଅବସର ପ୍ରାପ୍ତ ଗୋଷ୍ଠୀ ଅଧିକାରୀ ତ୍ରିଲୋଚନ ଦାସ ଅଧିକାରୀ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତ ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସମ୍ମାନୀତ ଅତିଥି ଭାବେ ଡାକ୍ତର ଆଶୁତୋଷ ପ୍ରଧାନ, ରକ୍ତଦାତା ସଂଘର ଉପ ସଭାପତି ସୁବ୍ରତ କୁମାର ରଣା, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମାସ ଅଧ୍ୟକ୍ଷ ଅଦିକନ୍ଦ ଦାସ ଅଧିକାରୀ, ଅର୍ଣ୍ଣବ ଚ୍ୟାରିଟେବୁଲ ଫାଉଣ୍ଡେସନର ସଭାନେତ୍ରୀ ଦୀପ୍ତୀରାଣୀ ନନ୍ଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୩୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ନର୍ଥ ଓଡ଼ିଶା ମହାବିଦ୍ୟାଳୟର ରକ୍ତଦାନ ଶିବିର: ୨୭ ୟୁନିଟ ରକ୍ତ ସଂଗ୍ରହ

ବସ୍ତା ୨୬/୪(ନିପ୍ର) ବସ୍ତା ବ୍ଲକ ଅନ୍ତର୍ଗତ ଦରଡ଼ାସ୍ଥିତ ନର୍ଥ ଓଡ଼ିଶା ମହାବିଦ୍ୟାଳୟ, ହେଲଥ କେୟାର ପଲ୍ଲୀ କ୍ଲିନିକ୍, ଓଡ଼ିଶା ରକ୍ତଦାତା ସଂଘ ଓ ଓଡ଼ିଶା ସ୍ୱାଭିମାନ ପରିଷଦର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପରିଚାଳକ ପଞ୍ଚାନନ ବେହେରା, ହରିଶଙ୍କର ପାଢ଼ୀ ଓ ବ୍ଲଡ ବ୍ୟାଙ୍କ ଅଫିସର ଡ଼ା. ଖଗେଶ୍ୱର ସିଂହ ପ୍ରମୁଖ ଉଦଘାଟନ କରିଥିଲେ । ଏହି ଶିବିରରେ ଉଦଳା ଉପଖଣ୍ଡସ୍ତରୀୟ ଓଡ଼ିଶା ରକ୍ତକେନ୍ଦ୍ରର ବ୍ଲଡ ବ୍ୟାଙ୍କ ଅଫିସର ଡ଼ା. ଖଗେଶ୍ୱର ସିଂହ, ଲାବୋରେଟୋରୀ ଟେକନିସିଆନ ପ୍ରଦୀପ କୁମାର ଦଳାଇ, ବିଷ୍ଣୁୟସେନ ନାୟକ, ଶ୍ରବଣ କୁମାର ବେହେରା ଓ ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ୨୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ ।ପ୍ରାକ୍ତନ ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ପ୍ରେମାନନ୍ଦ ସେଠୀ ଓ ଓଡ଼ିଶା ବନ ଉନ୍ନୟନ ନିଗମର ସୁପର ଭାଇଜର ରବି ରତନ ପରିଡା, ଅଧ୍ୟାପକ ଅନନ୍ତ କୁମାର ପ୍ରଧାନ, ସତ୍ୟବ୍ରତ ପାତ୍ର, ଅଧ୍ୟାପିକା ମୌଲି




ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଇଂ. ରଘୁନାଥ ପାତ୍ର, ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ, ସରୋଜ ମହାପାତ୍ର, ସତ୍ୟ ରଞ୍ଜନ ସାମଲ , ବୃନ୍ଦାବନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

ଖୋରଧା, ୨୬/୪ (ନି.ପ୍ର): ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଉଦଘାଟିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦ ର ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିବା ବ୍ୟକ୍ତି ବିଶେଷ ଙ୍କୁ ନୂତନ ଚଷମା ପ୍ରଦାନ କରିଥିଲେ। ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ଡାକ୍ତର ଦେବୀ ପ୍ରସାଦ ଶ୍ରୀଚନ୍ଦନଙ୍କ ଦ୍ୱାରା ୮୪ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯିବା




ସହ ୨୪ ଙ୍କୁ ଜଣ ଚଷମା ପ୍ରଦାନ କରଯାଇଥିଲା ଅନ୍ୟ ମାନଙ୍କ ମଧ୍ୟରେ ପୌର ପରିଷଦ ର ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ରୋଟାରିଆନ ଦେବ ପ୍ରସାଦ ମଜୁମଦାର, ସୂଚସ୍ମିତା ପରିଜା, ରୋଟାରୀ ସଭାପତି ସୁକାନ୍ତ ନାୟକ, ଆଲୋକ ପଟ୍ଟନାୟକ, ଶାଶ୍ୱତ କୁମାର ମହାନ୍ତି, ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଟି. ଅକ୍ଷୟ କୁମାର ଓ ସ ଛାତ୍ରୀ, ଛାତ୍ର ମାନଙ୍କ ମିଳିତ ଉଦ୍ୟମରେ ଏହି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ

ବାରିପଦା, ୨୬/୦୪ (ନିଜସ୍ୱ ପ୍ରତିନିଧି): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟତ୍ରୀ ଓ ସଂଘୀୟ କର୍ମକର୍ତ୍ତାମାନଙ୍କୁ ନେଇ ଏକ ମିଳିତ ବୈଠକ ସ୍ଥାନୀୟ ବାରିପଦା ଆଥଲେଟିକ୍ ଆସୋସିଏସନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ସଭାପତି ଶ୍ରୀଯୁକ୍ତ ଡିମ୍ବଲ ଦାସ ଅଧ୍ୟକ୍ଷତା କରିଥିଲେ। ନିକଟ ଅତୀତରେ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ସଂଘଟିତ ଦୁର୍ଘଟଣାରେ ଛାତ୍ରୀମୃତ ଘଟଣାର ପରବର୍ତ୍ତୀ ସମୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମାନସିକ ଅବସ୍ଥା, ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଡାକ୍ତରଖାନାରେ ବିଭିନ୍ନ ରାଜନୈତିକ ଦଳର ଜନପ୍ରତିନିଧିଙ୍କ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରତି ଦାୟିତ୍ୱ ହୀନ ନିନ୍ଦନୀୟ ମନ୍ତବ୍ୟ, ହେଡକ୍ୱାଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଅଜୟ କୁମାର ଜେନାଙ୍କଦ୍ୱାରା ଆହୂତ ଭର୍ଚୁଆଲ ବୈଠକରେ ଅବସର ଗ୍ରହଣ କରିବାକୁ ଯାଉଥିବା ପ୍ରଧାନଶିକ୍ଷକମାନଙ୍କୁ ଶଳା, ଚୋର, ଜାତିଆଣ ମନ୍ତବ୍ୟକୁ ସମୂହ ଭାବେ ଦୃଢ ନିନ୍ଦା କରାଯାଇଥିଲା। ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟତ୍ରୀମାନେ ବିଦ୍ୟାଳୟରେ ଦୁର୍ବଳ ଭିତ୍ତିଭୂମି, ଅଧିକାଂଶ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପାନୀୟ ଜଳର ଅଭାବ,ବିଶୃଙ୍ଖଳା ସୃଷ୍ଟିକାରୀ SHG କୁ ବିଦ୍ୟାଳୟରେ ଯୋଡିବା, ଶିକ୍ଷାଦାନ ବ୍ୟତୀତ ଶିକ୍ଷକମାନଙ୍କୁ ଅନ୍ୟାନ୍ୟ ଅଣ-ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରିବା ଯୋଗୁଁ ମାନସିକ ଚାପର ବଶବର୍ତ୍ତୀ ହେଉଥିବାରୁ ସମସ୍ତ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟତ୍ରୀ ସାମୂହିକ ଭାବେ ମେସ୍ ପରିଚାଳନା ଦାୟିତ୍ୱରୁ ଓହରିବା ଯିବାପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କଲେ । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ କୌଣସି ସହଯୋଗ କରୁ ନ ଥିବା ନେଇ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି। ଖୁବ୍ ଶୀଘ୍ର ଏହାର ଦୃଢ ପ୍ରତିବାଦପୂର୍ବକ ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ ତଥା ବିଭାଗୀୟ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମେସ୍ ପରିଚାଳନା ଦାୟିତ୍ୱରୁ ଅବ୍ୟାହତିପାଇଁ ସମୂହ ଇସ୍ତଫାପତ୍ର ପ୍ରଦାନ କରାଯିବା ସହ ହେଡକ୍ୱାଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଅଜୟ କୁମାର ଜେନାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂଘ ଦାବି ଉପସ୍ଥାପନ କରିବ ବୋଲି ସିଦ୍ଧାନ୍ତ ଗ୍ରହଣ କରିଛି । ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବଳରାମ ସ୍ୱାଇଁ, ଶ୍ରୀଯୁକ୍ତ ଦୀପକ କୁମାର ଦଣ୍ଡପାଟ, ଶ୍ରୀଯୁକ୍ତ ଦୀପ୍ତିକାନ୍ତ ଜେନା, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ସାହୁ, ଶ୍ରୀଯୁକ୍ତ ଭବାନୀଶଙ୍କର ବେହେରା, ଶ୍ରୀଯୁକ୍ତ ମନୋଜ କୁମାର ପତି, ଶ୍ରୀଯୁକ୍ତ ରବିକାନ୍ତ ମିଶ୍ର, ଶ୍ରୀଯୁକ୍ତ ସୁକେଶ କୁମାର ବେହେରା ଓ ସଂଘର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇ ଆଗାମୀ ଦିନରେ ସଂଘର କାର୍ଯ୍ୟପନ୍ଥା କିଭଳି ରହିବ, ସେ ନେଇ ନିଜ ନିଜର ମତ ରଖିଥିଲେ। ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଦୀପକ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମୀଳନୀରେ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଏହାକୁ ସଫଳ କରିଥିଲେ । ବୈଠକର ଆରମ୍ଭରେ ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟତ୍ରୀମାନେ କାକବନ୍ଧ ଆଶ୍ରମ ବିଦ୍ୟାଳୟର ମୃତା ଛାତ୍ରୀ ସ୍ୱର୍ଗତା ରୂପାଲୀର ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ଏବଂ ଶେଷରେ ଉପ-ସଭାପତି ସୂର୍ଯ୍ୟକୁମାର ଦେବପାତ୍ର ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ହେଲେ ବାଲିଆପାଳର ପୁଅ ସ୍ନେହାଶିଷ



ବାଲିଆପାଳ, ୨୬/୪ (ନି.ପ୍ର): ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବରେ ନିଯୁକ୍ତି ପାଇଛନ୍ତି ବାଲିଆପାଳ ବ୍ଲକ ନାଭଡା ଗ୍ରାମର ସ୍ନେହାଶିଷ ପଣ୍ଡା । ସ୍ନେହାଶିଷ ଓଡିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରିଚାଳିତ ଗ୍ରୁପ ଏ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପରୀକ୍ଷାରେ ରାଜ୍ୟସ୍ତରରେ ୧୬ ନମ୍ବର ର୍ୟାଙ୍କରେ ରହିଥିବା ବେଳେ ଗତ ୨୩ ତାରିଖରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ନିଯୁକ୍ତି ମେଳାରେ ଶ୍ରୀ ପଣ୍ଡାଙ୍କୁ ଏହି ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ସ୍ନେହାଶିଷ ନାଭଡା ଗ୍ରାମର ଶିକ୍ଷାବିତ ଉପେନ୍ଦ୍ର ନାଥ ପଣ୍ଡା ଏବଂ ମାତା ସୁମତି ତ୍ରିପାଠୀ ଙ୍କର ପୁତ୍ର ।ଶ୍ରୀ ପଣ୍ଡା ଙ୍କ ଏହି ସଫଳତା ପରେ ପରିବାର ସମେତ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ତାଙ୍କୁ ଏବେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଖୋର୍ଦ୍ଧା , ୨୬/୪ (ନି.ପ୍ର): ମହିଳା ସଶକ୍ତି କରଣ ରେ ସମାଜର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୋଇ ଚାଲିଛି,ପ୍ରତ୍ୟେକ ନାରୀ ପଞ୍ଚାୟତର ଉନ୍ନତି ପାଇଁ ନିଜର ଘର ଭଳି ସେବା ଯୋଗାଇ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱରେ ଏକାଗ୍ରତା ଏବଂ ପ୍ରତ୍ୟେକ କାର୍ଯ୍ୟରେ ଉଭୟ ପୁରୁଷ ଓ ନାରୀ ସଭାଗିତାରେ ସଚେତନ ହୋଇ ସଠିକ୍ ଭାବେ କାର୍ଯ୍ୟ ନିର୍ବାହ କଲେ ପଞ୍ଚାୟତ ରାଜ ବ୍ୟବସ୍ଥା ଆହୁରି ସୁଦୃଢ ହୋଇ ରାଜ୍ୟ ଓ ରାଷ୍ଟ୍ରର ଦୃତ ବିକାଶ ଅଧିକରୁ ଅଧିକ ଆଗକୁ ବଢ଼ି ସୁଦୃଢ଼ ହେବ ବୋଲି ଆଜି ପୌର ପରିଷଦ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ଜାତୀୟ ପଞ୍ଚାୟତି ରାଜ ଦିବସ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ ଯୋଗ ଦେଇ ଉଦବୋଧନ ଦେଇଛନ୍ତି । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀ ଗୋପୀନାଥ ମହାରଣା ଯୋଗଦେଇ କହିଲେ ପଂଚାୟତ ପ୍ରତିନିଧି ମାନେ ତ୍ୟାଗର ସହ କାର୍ଯ୍ୟ କରିବା ଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହେଉଅଛି । ସେ ଆହୁରି କହିଥିଲେ




ସରକାରୀ କର୍ମଚାରୀ ମାନେ ମଧ ଲୋକଙ୍କୁ ଓ ଜନପ୍ରତିନିଧି ଙ୍କୁ ବୁଝାଇ ଯୋଜନା ପ୍ରଣୟନରେ କର୍ତ୍ତବ୍ୟ ନିର୍ବାହ କଲେ ପଂଚାୟତ ରାଜ ବ୍ୟବସ୍ଥା ଆଗକୁ ଯିବ ଏବଂ ପଲ୍ଲୀ ରୁ ଦିଲ୍ଲୀ ବିକାଶ ହେବ ବୋଲି ଉଦବୋଧନ ରଖିଥିଲେ । ସଭାପତି ଅଭିଭାଷଣରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ କହିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ପଞ୍ଚାୟତିରାଜ ବ୍ୟବସ୍ଥା ବିଶେଷ ଭାବେ ପ୍ରତିଫଳନ ହୋଇଥିଲା । ୭୩ ତମ ସାମ୍ବିଧାନିକ ବ୍ୟବସ୍ଥା ତ୍ରୀ ସ୍ତରୀୟ ଶାସନ ବ୍ୟବସ୍ଥାରେ ମହିଳା ମାନେ ନେତୃତ୍ୱ ନେଉଛନ୍ତି । ଅଙ୍ଗନୱାଡ଼ି କେନ୍ଦ୍ର ଠାରୁ ଆରମ୍ଭ କରି, ଧାନ ସଂଗ୍ରହଣ କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଆୟ ବର୍ଦ୍ଧିତ, ମୌଳିକ ସେବା ସୁନିଶ୍ଚିତ,କ୍ଷମତାର ବିକେନ୍ଦ୍ରୀକରଣ ଏବଂ ଉଭୟ ଜନ ପ୍ରତିନିଧି ଏବଂ ସରକାରୀ କର୍ମଚାରୀ କାନ୍ଧକୁ କାନ୍ଧ ମିଳାଇ ସେବା କରି ପଂଚାୟତ କୁ ବିକାଶ ଦିଗରେ କାର୍ଯ୍ୟ କରି ପଂଚାୟତ ବ୍ୟବସ୍ଥାକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ ରିକ ବେଦରୁ ଆୟକୁ ତିନି ହଜାର ରୁ ତିନିହଜାର ପାଞ୍ଚଶହ ବର୍ଷ ତଳେ ଗ୍ରାମ ଶାସନ ମୁଖିଆଙ୍କ ପରାମର୍ଶ କ୍ରମେ ଲୋକମାନେ ଏକାଠି ହୋଇ କାର୍ଯ୍ୟ କରୁଥିଲେ ଯାହା ଆଜି ପଂଚାୟତ ରାଜ ବ୍ୟବସ୍ଥାରେ ପରିଣତ ହେବାସହ ୭୩ ସମ୍ବିଧାନ ସଂଶୋଧନରେ ଏହାର କାର୍ଯ୍ୟକାରିତା ମଜବୁତ୍ ହୋଇଛି । ପ୍ରତ୍ୟେକ ନାଗରିକ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱରେ ସଚେତନ ରହିଲେ ପଂଚାୟତ ରାଜ୍ ଅନୁଷ୍ଠାନ ବିକାଶରେ ମାଇଲ ଖୁଣ୍ଟ ସାଜିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ଭାରତର ଆତ୍ମା ଗ୍ରାମରେ ଅଛି ଏଣୁ ଆମେ ସମସ୍ତେ ଏହି ପବିତ୍ର ଅନୁଷ୍ଠାନର ସମସ୍ତେ ସହଭାଗିତା ହୋଇ ରାଷ୍ଟ୍ର ବିକାଶରେ କାର୍ଯ୍ୟ କରିବାକୁ ବାର୍ତ୍ତା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପଂଚାୟତ ସମିତି ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଯୋଗଦେଇ କହିଲେ ପଞ୍ଚାୟତର ବିକାଶରେ ଦେଶର ବିକାଶ,ଏଣୁ ତ୍ରି ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରେ ୱାର୍ଡ ସଭ୍ୟ, ସରପଞ୍ଚ ମାନଙ୍କର ଯେଉଁ କର୍ତ୍ତବ୍ୟ ଦାୟିତ୍ୱ ଅଛି ତାହାକୁ ଶୃଙ୍ଖଳାର ସହ ସୁଚାରୁ ରୂପେ ପରିଚାଳନା କଲେ ବିକାଶ ଅଧିକରୁ ଅଧିକ ତ୍ୱରାନ୍ୱିତ ହେବ ବୋଲି ପ୍ରକାଶ କରିଥିଲେ ।

# ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରାଜ୍ୟସ୍ତରୀୟ ୪୭ତମ ଜୟନ୍ତୀ ପାଳିତ

ଜଳେଶ୍ୱର , ୨୬/୪ (ନି.ପ୍ର): ଦୀନକୃଷ୍ଣ ସ୍ମୃତି ମନ୍ଦିର, ମୁଣ୍ଡୁତୁଣିଆ ପରିସରରେ ଦୀନକୃଷ୍ଣ ସ୍ମୃତି ପରିଷଦ ର ସଭାପତି ଡଃ ରମାକାନ୍ତ ଭଞ୍ଜ ଭକ୍ତ କବି ଦୀନକୃଷ୍ଣ ଙ୍କ ସମ୍ପର୍କ ରେ ଆଲୋଚନା କରିଥିଲେ। ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ କବି ଦୀନକୃଷ୍ଣ ଙ୍କ ଆଗାମୀ ଆଉ ୩ ବର୍ଷ ପରେ ୫୦ ବର୍ଷ ପୂର୍ତ୍ତି (୩ ଦିନ) ଦିବସ ବ୍ୟାପୀ ପାଳନ କରାଯିବ ସମ୍ପର୍କରେ ଆଲୋକପାତ କରିଥିଲେ, ଉଦଘାଟନ କରିଥିଲେ ତହସିଲଦାର ଶ୍ରୀ ଯୁକ୍ତ ସତ୍ୟ ଜିତ ମହାନ୍ତି କବି ପୀଠ ମୁଣ୍ଡୁତୁଣିଆ ଗ୍ରାମ ପ୍ରାରମ୍ଭରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ସୁଉଚ୍ଚ ଗେଟ୍ 'ସ୍ୱାଗତମ୍ ଦୀନକୃଷ୍ଣ ସ୍ମୃତି ପୀଠ' ଲେଖାଥିବା ଗେଟ ଫିତା କାଟି ଉଦଘାଟନ କରିଥିଲେ। ପରେ ପରେ ଭକ୍ତକବି ଦୀନକୃଷ୍ଣ ଙ୍କ ବ୍ରୋଞ୍ଜ ନିର୍ମିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବରେଣ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ଡଃ ଶିରୀଶ ଚନ୍ଦ୍ର ଜେନା,ଉପ ସଚିବ,ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର, ଶ୍ରୀ ଯୁକ୍ତ ସଞ୍ଜୟ କୁମାର ଛୁଆଳସିଂହ, ସମ୍ମାନୀତ ଅତିଥି ପ୍ରଧ୍ୟାପକ ଡକ୍ଟର ରାଧାଗୋବିନ୍ଦ କୁଇଲା, ପ୍ରାଧ୍ୟାପକ ଡଃ ଦୟାନିଧି ସାହୁ, ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ଚେୟାରମେନ ଅଧ୍ୟକ୍ଷ ତଥା ଦୀନକୃଷ୍ଣ ସ୍ମୃତି ପରିଷଦ ର ଉପ ସଭାପତି ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି,କାର୍ଯ୍ୟ କାରୀ ସଭାପତି ଶ୍ରୀ ଯୁକ୍ତ ବ୍ରଜେନ୍ଦ୍ର ନାଥ ଗିରି,ପ୍ରଭୃତି କବି ଦୀନକୃଷ୍ଣ ଦାସଙ୍କ




ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ।ମଞ୍ଚ ଆମନ୍ତ୍ରଣ କରିଥିଲେ ଯୁଗେଶ ଚନ୍ଦ୍ର ରାଉଳ,କବି ସୁଶୀଲ କୁମାର ମାହାନା,ପ୍ରାଧ୍ୟାପକ ସିଦ୍ଧେଶ୍ୱର ପଣ୍ଡା,ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସେଠୀ, ଅଧ୍ୟାପକ ଅନନ୍ତ କୁମାର ଦାସ୍,ଅଧ୍ୟାପିକା ଇନ୍ଦୁମତୀ ଗିରି, କବି ରଞ୍ଜନ କୁମାର ଘୋଷ, କବୟତ୍ରୀ ସୈ।ଭାଗିନୀ ମିଶ୍ର, କବି ବସନ୍ତ ଦାସ,କବି ନାଗେଶ୍ୱର ବ୍ରହ୍ମ, ହେମନ୍ତ କୁମାର ଦାସ,ବଙ୍କିମ ଚନ୍ଦ୍ର ଦାସ, ସାମ୍ବାଦିକ ସମ୍ବାଦ ସତ୍ୟବ୍ରତ ପ୍ରଧାନ,ସମ୍ବାଦ ସାହିତ୍ୟ ଘର ବାଲିଆପାଳ ଝାଡେଶ୍ୱର ପ୍ରଧାନ,ଜଗଦିଶ ଚନ୍ଦ୍ର ସାହୁ, ସ୍ୱାଗତିକା ପିଲାଇ, ସ୍ନେହ ଲତା ନାୟକ, ରଞ୍ଜିତା ବେହେରା, ପାର୍ବତୀ ସାହୁ, ଆଶିଷ କୁମାର ବାରିକ,ସ୍ମୃତି ସଙ୍ଗୀତା ଦାସ,ସୁଭଦ୍ରା ପଟ୍ଟାୟତ,ମିଳନ କୁମାର ଦାସ, ଦିଗମ୍ବରୀ ଦେବୀ+୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଛାତ୍ରୀ କଳ୍ପିତା ଶତପଥୀ, ସଞ୍ଜୀବ ଘୋଷ,ସମର ବଲ୍ଲଭ ଦାସ, କମଳଲୋଚନ ଶତପଥୀ, ମୂରଲୀ ଧର ଗଙ୍ଗାଇ ପ୍ରଭୃତି ୫୦ ଉର୍ଦ୍ଧ୍ୱ କବି, କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ବନ୍ଧିତ ପ୍ରତିଭା ରାଜ୍ୟ ସ୍ତରୀୟ ଦୀନକୃଷ୍ଣ ସ୍ମୃତି ସମ୍ମାନ ଡଃ କାଳି କିଙ୍କର ଦାସ, ପ୍ରାଣକୃଷ୍ଣ ବିଶ୍ୱାଳ ସ୍ମୃତି ସମ୍ମାନ ଶ୍ରୀ ମତୀ ରସ୍ମିତା ସି, ମୁକୁନ୍ଦ ମୁରାରି କାମିନୀ ବାନା ସ୍ମୃତି ନାରୀ କବି ସମ୍ମାନ ଶ୍ରୀ ମତୀ ସୁଭଦ୍ରା ପଟ୍ଟାୟତ, ସହଯୋଗ କରିଥିଲେ ବିପ୍ଳବ ପ୍ରଧାନ,ସୁଶାନ୍ତ ଘୋଷ,ତପନ ସାହୁ,ସନ୍ତୋଷ ସାହୁ,ଦୀପକ ସାହୁ,ସୁଜିତ ସାହୁ,ଜଗଦିଶ ସାହୁ,ଶୁଭଶ୍ରୀ ସାହୁ,ପାର୍ବତୀ ସାହୁ,ସଂଜିତା ଘୋଷ,ରିଙ୍କି ରାଣୀ ସାହୁ, ଶୁଭାକାନ୍ତି ସାହୁ, ଲକ୍ଷ୍ମୀ ପ୍ରିୟା ଘୋଷ,ସାମ୍ବାଦିକ ରବିନାରାୟଣ ପାତ୍ର, ଜଗନ୍ନାଥ ଗୋଛାୟତ, କବି ତଥା ଲେଖକ ପୂର୍ଣ୍ଣ ଚନ୍ଦ୍ର ଓଝା ଙ୍କ ରଚିତ ପୁସ୍ତକ 'ନୀତି ଗଳ୍ପ' ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା।ଉପସ୍ଥିତ ସମସ୍ତ ଗ୍ରାମବାସୀ ତଥା ବୁଦ୍ଧି ଜିବୀ ସମସ୍ତ ସଦସ୍ୟ ସମ୍ବାଦ ର ଜଳେଶ୍ୱର ର ପ୍ରତିନିଧି ସତ୍ୟବ୍ରତ ପ୍ରଧାନ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ ଅନ୍ୱେଷା ଘୋଷ, ସ୍ନେହାଶିଷ ଘୋଷ, ସ୍ୱନ୍ଦିତାସାହୁ ଜଗଦୀଶ ଚନ୍ଦ୍ର ସାହୁ।ଧନ୍ୟବାଦ ଅର୍ପଣ ତଥା ମଞ୍ଚ ସଂଚାଳନ କରିଥିଲେ ଉପସଭାପତି ଡଃ ଅଜିତ କୁମାର ମହାନ୍ତି।

# ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ

ବାଲେଶ୍ୱର, ୨୬/୪ (ନି.ପ୍ର): ବାଲେଶ୍ୱର ଟାଉନ ସ୍ଥିତ ଗୋପାଳ ଗାଁ ର ସ୍ୱପ୍ନେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି । ଏହି ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଗ୍ରାମବାସୀଙ୍କର ବହୁଦିନ ର ଇଚ୍ଛା ଥିଲା । ସମ୍ପୂର୍ଣ ବୈଦିକ ନୀତିନିୟମ ରେ ଜାଗ ଯଜ୍ଞ ସହ ଆଧ୍ୟାତ୍ମିକ ପରିବେଶ ମଧ୍ୟ ରେ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ର ବିଶିଷ୍ଟ ପ୍ରବଚକ ପଣ୍ଡିତ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ରଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଭୁ ଶ୍ରୀରାମ ଓ ହନୁମାନ କେମିତି ରାମାୟଣ ର ମୁଖ୍ୟ ଚରିତ୍ର ସେ ଶ୍ରଦ୍ଧାଳୁଙ୍କୁ ବୁଝାଇଥିଲେ । ପ୍ରବଚନ ପରଦିନ ବହୁ ସଂଖ୍ୟା ରେ ଭକ୍ତ ପ୍ରସାଦ ସେବନ କରିଥିଲେ ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ , ୨୬/୪ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ମାନସିକ ଅକ୍ଷମ ଓ ବୈଦ୍ଧିକ ଅକ୍ଷମ ନାଲସା ଯୋଜନା, ୨୦୨୪ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବୀଣାପାଣି ହେଲେନ୍ କେଲର ଅନ୍ଧ,ମୁକ, ବଧୀର ବିଦ୍ୟାଳୟ, ଲାଙ୍ଗୁଡି, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ତିଳୋତ୍ତମା ମାଝି ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱର ପ୍ରଦୂଷିତ ସହର ମଧ୍ୟରେ ଦ୍ୱିତୀୟ ସ୍ଥାନରେ କାଠମାଣ୍ଡୁ

ନୂଆଦିଲ୍ଲୀ,୨୬/୪ : ନେପାଳର ରାଜଧାନୀ କାଠମାଣ୍ଡୁ ବିଶ୍ୱର ଦ୍ୱିତୀୟ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଅନ୍ୟତମ। ଆଜି ଏଠାରେ ବାୟୁ ପ୍ରଦୂଷଣର ସ୍ତର ବହୁତ ଉଚ୍ଚ ରେକର୍ଡ ହୋଇଛି। ଶନିବାର ବର୍ଷା ହେବା ସତ୍ତ୍ୱେ ମଧ ଆଜି ପ୍ରଦୂଷଣର ସ୍ତର ବଢ଼ିଥିବା ଦେଖାଯାଇଛି। ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଅନୁସାରେ, ଆଜି ରବିବାର ସକାଳ ୧୧ଟାର ମାପରେ କାଠମାଣ୍ଡୁ ବାୟୁ ପ୍ରଦୂଷଣ ମାମଲାରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି।

# ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ 'ଛାତ୍ର ଗୌରବ ସମ୍ମାନ'ରେ ସମ୍ମାନିତ

ନୀଳଗିରି , ୨୬/୪ (ନି.ପ୍ର): ବାଲେଶ୍ୱରର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନଛାତ୍ର ସଂସଦ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ୩୨ତମ ବାର୍ଷିକ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଗୌରବମୟ ଉତ୍ସବରେ ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କୁ ତାଙ୍କର ସାମାଜିକ ପ୍ରତିବଦ୍ଧତା ଏବଂ ଜନସେବା ପାଇଁ ଅନୁଷ୍ଠାନ ପକ୍ଷରୁ ମର୍ଯ୍ୟାଦାଜନକ 'ଛାତ୍ର ଗୌରବ ସମ୍ମାନ' ପ୍ରଦାନ




କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ଶିକ୍ଷାବିତ୍ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମ୍ମାନ ଗ୍ରହଣ କରିବା ଅବସରରେ ବିଧାୟକ ଶ୍ରୀ ଖଟୁଆ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, 'ନିଜର ଶିକ୍ଷାନୁଷ୍ଠାନରୁ ସମ୍ମାନିତ ହେବା ଜୀବନର ସବୁଠାରୁ ବଡ଼ ଉପଲବ୍ଧି। ଏହି ଅନୁଷ୍ଠାନର ଶିକ୍ଷା ଓ ସଂସ୍କାର ହିଁ ମୋତେ ସମାଜସେବା ପାଇଁ ପ୍ରେରଣା ଦେଇଛି। ଏହି ସମ୍ମାନ ମୋ ପାଇଁ କେବଳ ଏକ ପୁରସ୍କାର ନୁହେଁ, ବରଂ ଜନସାଧାରଣଙ୍କ ସେବା ପାଇଁ ଏହା ଏକ ନୂତନ ଦାୟିତ୍ୱ। ମୁଁ ଏଥିପାଇଁ ମୋର ଗୁରୁଜନ ଏବଂ ପୁରାତନ ଛାତ୍ର ସଂସଦ ପାଖରେ ସଦା ଋଣୀ।' ଏହି ଅବସରରେ ମହାବିଦ୍ୟାଳୟର ଶତାଧିକ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ନିଜର ଅତୀତର ସ୍ମୃତି ଚାରଣ କରିବା ସହ ବିଧାୟକଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida